# କୃଷି ଅନୁଦାନ ଲୁଟିବାକୁ କସରତ

ନୟାଗଡ଼,୧୫।୯(ଲୋକନାଥ ମିଶ୍ର)



■ଧାଡିରେ ଧାନବୁଣାକୁ ଅନୁଧ୍ୟାନ କଲେ ମିଳୁଛି ନଜିର
■ଧାନ ବୁଣା ଓ ତଳି ପଡିବା ପରେ ବାହାରିଲା ୱେବ୍‌ସାଇଟ୍ ବିଜ୍ଞାପନ
■୩ ବାହାର ଏନଜିଓଙ୍କୁ ଅନୁକମ୍ପା ଦେଖାଇ ହୋଇଛି ଏଗ୍ରିମେଣ୍ଟ
■ଗୁମର ଫିଟିବା ପରେ ଅଡୁଆରେ କୃଷି ବିଭାଗ
■ଏଗ୍ରିମେଣ୍ଟ ରଦ୍ଦ କରିବାକୁ ଜିଲାପାଳଙ୍କୁ ଚାଷୀଙ୍କ ନିବେଦନ

ଧାଡିରେ ଧାନବୁଣାକୁ ପ୍ରୋତ୍ସାହନ ଦେବା ପାଇଁ ସରକାର ୧୦ ହଜାର ଟଙ୍କା ସହାୟତା ରାଶି ଯୋଗାଇ ଦେଉଛନ୍ତି । ତେବେ କୃଷି ବିଭାଗର ଅବହେଳା ଯୋଗୁ ଚାଷୀ ୨୦୨୩-୨୪ ଆର୍ଥିକ ବର୍ଷରେ ନୟାଗଡ଼ ଜିଲାରେ ଏହି ଅନୁଦାନ ପାଇବାରେ ଅସମର୍ଥ ହୋଇଛନ୍ତି । ଧାଡିରେ ଧାନବୁଣା କାର୍ଯ୍ୟକ୍ରମର ବିଳମ୍ବରେ ବିଜ୍ଞାପନ ଓ ଏନଜିଓ ଏଗ୍ରିମେଣ୍ଟକୁ ଅନୁଧ୍ୟାନ କଲେ ଅନୁଦାନ ରାଶିକୁ ଲୁଟିବାକୁ ଉଦ୍ୟମ କରାଯାଇଥିବା ଜଣାପଡୁଛି । ଯେଉଁଭଳି ଢ଼ଙ୍ଗରେ ବିଜ୍ଞାପନ ପ୍ରକାଶ ପାଇଛି ତାହା ଦୁର୍ନୀତି ପାଇଁ କସରତ କରାଯାଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି ।

ଧାନ ବୁଣା ଓ ଧାନ ରୁଆ ପରେ କୃଷି ବିଭାଗ ଧାଡ଼ିରେ ଧାନ ବୁଣା ବିଜ୍ଞାପନ ପ୍ରକାଶ କରିଛି । ତାହା ପୁଣି କୌଣସି ଖବର କାଗଜରେ ବାହାରି ନ ଥିଲା । ଜିଲାପାଳଙ୍କ ୱେସାଇଟରେ କିଛି ଦିନ ରଖି ପୁଣି ଗାଏବ କରି ଦିଆଗଲା । ସେହିପରି ଜିଲା ଭିତର ଏନ୍‌ଜିଓଙ୍କୁ ଧାଡିରେ ଧାନବୁଣା କାର୍ଯ୍ୟକ୍ରମ ପାଇଁ ସୁଯୋଗ ଦିଆ ନ ଯାଇ କଟକ, ପୁରୀ ଓ ଭୁବନେଶ୍ୱର ଏନ୍‌ଜିଓମାନଙ୍କୁ ଅନୁକମ୍ପା ପ୍ରଦର୍ଶନ କରାଯାଇଥିବା ଅଭିଯୋଗ ହୋଇଛି । ପୁଣି ଜିଲାରେ ଧାଡିରେ ଧାନବୁଣା କାର୍ଯ୍ୟକ୍ରମ ଆଦୌ ହୋଇ ନ ଥିବାବେଳେ ୩ ଏନ୍‌ଜିଓଙ୍କ ସହ ହୋଇଥିବା ଏଗ୍ରିମେଣ୍ଟକୁ ବାତିଲ କରାଯାଇ ନାହିଁ । ଏଗ୍ରିମେଣ୍ଟକୁ ବାତିଲ କରାଯାଉ ନ ଥିବାରୁ ଧାନ କଟା ପରେ ରିପୋର୍ଟ ସଂଗ୍ରହ କରି ଅନିୟମିତତା ପାଇଁ ବ୍ୟବସ୍ଥା କରାଯାଉଛି ବୋଲି ଅନୁରୂପ ଅଭିଯୋଗ ଉଠିଛି । ଏଣୁ ଧାଡିରେ ଧାନ ବୁଣା କାର୍ଯ୍ୟକ୍ରମରେ କୃଷି ବିଭାଗର ଦୁର୍ନୀତିର ଗୁମର ଖୋଲି ଯାଇଥିବାରୁ ଜିଲାପାଳ ଏଗ୍ରିମେଣ୍ଟକୁ ବାତିଲ କରିବାକୁ ଚାଷୀମାନେ ଅନୁରୋଧ କରିଛନ୍ତି । ଯଦି ଏଗ୍ରିମେଣ୍ଟ ବାତିଲ କରା ନ ଯାଏ ତେବେ କେତେଜଣ ଚାଷୀ କୋର୍ଟ ଯିବାକୁ ପ୍ରସ୍ତୁତ ହେଉଛନ୍ତି ।

ସୂଚନା ଅନୁଯାୟୀ, ସରକାର ଧାଡିରେ ଧାନବୁଣା ପାଇଁ ହେକ୍ଟର ପିଛା ୧୦ ହଜାର ଟଙ୍କା ସହାୟତା ଯୋଗାଉଛନ୍ତି । ଏଥିରେ ଚାଷୀ ୭ ହଜାର ଟଙ୍କା, ଏନଜିଓ ପାଇବ ଅଢ଼େଇ ହଜାର ଟଙ୍କା ଓ କୃଷକ ସାଥି ୫୦୦ ଟଙ୍କା ପାଇବାର ରହିଛି । ଏନେଇ ଗଣିଆର ଚାଷୀ ଅକ୍ରୁର ପ୍ରଧାନ କୁହନ୍ତି, ମେ ଓ ଜୁନରେ ଧାନବୁଣା ଓ ରୁଆ ହୋଇଥାଏ । କୃଷି ବିଭାଗ ଧାଡିରେ ଧାନ ବୁଣା କାର୍ଯ୍ୟକ୍ରମ ପାଇଁ ଅଗଷ୍ଟରେ ଜିଲାପାଳଙ୍କ ୱେବସାଇଟ୍‌ରେ ବିଜ୍ଞାପନ ଓ ସେପ୍ଟେମ୍ବରରେ ଏନଜିଓଙ୍କ ସହ ଏଗ୍ରିମେଣ୍ଟ କରି ଧାଡ଼ିରେ ଧାନବୁଣା କିପରି କରିବାକୁ ପଦକ୍ଷେପ ନେଇଛନ୍ତି । କୃଷି ବିଭାଗର ବିଜ୍ଞାପନ ଓ ଏଗ୍ରିମେଣ୍ଟକୁ ଅନୁଧ୍ୟାନ କଲେ ଦୁର୍ନୀତିର ଛିଟା ବାହାରିଲାଣି । ପୁଣି କାର୍ଯ୍ୟକ୍ରମ ଯଦି ଫସର ଫାଟିଲା ତେବେ ଏନଜିଓ ଏଗ୍ରିମେଣ୍ଟକୁ କାହିଁକି ବାତିଲ କରାଯାଉନି । ଏଗ୍ରିମେଣ୍ଟ ବାତିଲ ନହେବା ପଛରେ ପୁଣି ଦୁର୍ନୀତି ଲୁଚି ରହିଛି । ୧୬ ତାରିଖରେ ଜିଲା ପରିଷଦ ବୈଠକ ଥିବାରୁ ଜିଲା ପରିଷଦ ସଭ୍ୟମାନେ ଏନେଇ ଆଲୋଚନା କରି ପଦକ୍ଷେପ ନେବା ଦରକାର ବୋଲି କହିଛନ୍ତି ।

ନୂଆଗାଁର ଚାଷୀ ଉଦ୍ଧବ ନାୟକ କୁହନ୍ତି, ସରକାର ଚାଷୀ ଓ ଚାଷକୁ ଗୁରୁତ୍ୱ ଦେଉଛନ୍ତି । ତେବେ କୃଷି ବିଭାଗ ଚାଷୀ ଓ ଚାଷ ଅନୁଦାନକୁ ଲୁଟିବାକୁ କାହିଁକି ଗୁରୁତ୍ୱ ଦେଉଛି । ଜିଲାପାଳ ଏହାର ସମୀକ୍ଷା କରି ପଦକ୍ଷେପ କାହିଁକି ନେଉ ନାହାନ୍ତି । କୃଷି ବିଭାଗର ଅନେକ ଅନିୟମିତତା ଲୁଚି ଯାଉଥିବାରୁ ଚାଷୀ ଓ ଚାଷ ସବୁବେଳେ ଉପେକ୍ଷିତ ହେଉଛନ୍ତି । ସରକାର ଦେଉଥିବା ସହାୟତା ଚାଷୀଙ୍କ ପାଖରେ ପହଞ୍ଚୁନି । ଚାଷୀଙ୍କ ପାଖରେ ପହଞ୍ଚିବା ପୂର୍ବରୁ ବିଭିନ୍ନ ଉପାୟରେ ତାକୁ ହରିଲୁଟ୍ କରାଯାଇ ସବୁ କିଛି ଠିକ୍ ଚାଲୁଛି ବୋଲି ରିପୋର୍ଟ ପ୍ରସ୍ତୁତ ହେଉଛି । ଏଣୁ ଧାଡିରେ ଧାନବୁଣା କାହିଁକି ଚାଷୀ ସୁଫଳ ପାଇଲେନି, ଏଥିରେ ହୋଇଥିବା ଅବ୍ୟବସ୍ଥାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବା ଦରକାର ବୋଲି କହିଛନ୍ତି । ନୟାଗଡ଼ର ଚାଷୀ ଫକୀର ସାହୁ କୁହନ୍ତି, ଧାଡିରେ ଧାନ ବୁଣା କାର୍ଯ୍ୟକ୍ରମ ପାଇଁ ପୁରୀ ଜିଲାର ଏନ୍‌ଜିଓ ୪ଟି ବ୍ଲକ, ଭୁବନେଶ୍ୱରର ଏନଜିଓ ୨ଟି ବ୍ଲକ, କଟକର ଏନଜିଓ ୨ଟି ବ୍ଲକ ଏପରି ୮ଟି ବ୍ଲକ ଦାୟିତ୍ୱରେ ଅଛନ୍ତି । ତେବେ ଏନଜିଓମାନଙ୍କ ଦିନେ ପାଇଁ କୃଷି କ୍ଷେତ୍ରରେ ଦେଖା ନାହିଁ । ଧାଡିରେ ଧାନବୁଣା କାର୍ଯ୍ୟକ୍ରମ ଏଭଳି ପ୍ରସ୍ତୁତି ହୋଇଛି । ଏବର୍ଷ କିଛି ନ କରି ଅନୁଦାନକୁ କାଗଜପତ୍ର ଦେଖାଇ ହରିଲୁଟ୍ କରାଯିବ । ଆଗାମୀ ୨ ବର୍ଷରେ ସରକାରଙ୍କ ନୀତିକୁ ଦେଖି ପଦକ୍ଷେପ ନିଆଯିବ । ହେଲେ କୃଷି ବିଭାଗର ଏହି ଗୁମର ଧରାପଡିଯିବା ପରେ ଏନଜିଓ ଏଗ୍ରିମେଣ୍ଟ ତୁରନ୍ତ ବାତିଲ କରବା ଦରକାର । ନଚେତ ଆରବର୍ଷକୁ ଏନଜିଓ ନାଁରେ ବିଲ୍ ହୋଇ ସାରିଥିବ । ଧାଡିରେ ଧାନ ବୁଣା ଦୁର୍ନୀତକୁ ରୋକିବାକୁ ହେଲେ ପ୍ରଥମେ ଏନଜିଓ ଏଗ୍ରିମେଣ୍ଟ ବାତିଲ କରି ପରବର୍ତ୍ତୀ ପଦକ୍ଷେପ ନେବା ଦରକାର ବୋଲି ମତ ପ୍ରକାଶ ପାଇଛି । ଏନେଇ ଜିଲା ମୁଖ୍ୟ କୃଷି ଅଧିକାରୀ ବିଷ୍ଣୁ ପ୍ରସାଦ ସାହୁ କୁହନ୍ତି, ଧାଡିରେ ଧାନ ବୁଣା ପାଇ ଏନଜିଓଙ୍କୁ ୩ ବର୍ଷ ପାଇଁ ଏଗ୍ରିମେଣ୍ଟ ହୋଇଛି । ଚଳିତ ବର୍ଷ ଧାଡିରେ ଧାନ ବୁଣା ହୋଇ ପାରିଲାନି ବୋଲି ସ୍ୱୀକାର କରିଛନ୍ତି । ତେବେ ଏଗ୍ରିମେଣ୍ଟ ବାତିଲ ସରକାରଙ୍କ ନୀତି ନିୟମକୁ ଦେଖି କରାଯିବ ବୋଲି କହିଛନ୍ତି ।

ସେଲ୍‌ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଅଟଳ



@ ଜଗୁଲ



@ ସନ୍ତୋଷ



@ ମହେଶ୍ୱର



@ ପୁରନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ନୀଳମାଧବ ମହାବିଦ୍ୟାଳୟ ପ୍ରତିଷ୍ଠା ଦିବସ



ପ୍ରତିଷ୍ଠା ଦିବସ ଅବସରରେ ନୀଳମାଧବଙ୍କୁ ଦର୍ଶନ କରିବାକୁ ଆସିଥିବା ଅଧ୍ୟାପିକା, ଅଧ୍ୟାପକ ଓ ଛାତ୍ରୀଛାତ୍ର।

ଖଣ୍ଡପଡା,୧୫।୯(ସ୍ୱ.ପ୍ର.)

ଖଣ୍ଡପଡା ବ୍ଲକ ଅଧୀନ କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟର ୪୭ ତମ ପ୍ରତିଷ୍ଠା ଦିବସ ଶୁକ୍ରବାର ପାଳିତ ହୋଇ ଯାଇଛି । ଏହି ଉପଲକ୍ଷେ ପୂର୍ବାହ୍ନରେ କଲେଜର ଶିକ୍ଷକ, ଅଣଶିକ୍ଷକ, କର୍ମଚାରୀଙ୍କ ସହିତ ଛାତ୍ରୀ ଛାତ୍ରମାନେ ନୀଳମାଧବ ଜୀଉଙ୍କ ମନ୍ଦିରକୁ ଯାଇଥିଲେ । ସେଠାରେ ଶ୍ରୀଜୀଉଙ୍କ ସର୍ବାଙ୍ଗ ଲାଗି କରାଯାଇଥିବା ବେଳେ କଲେଜର ଉନ୍ନତି ତଥା ବିକାଶ ଦିଗରେ ସମସ୍ତେ ବ୍ରତୀ ହେବା ପାଇଁ ଶପଥ କରିଥିଲେ । ପରେ କଲେଜ ପରିସରରେ ପ୍ରତିଷ୍ଠାତା ସତ୍ୟ ସୁନ୍ଦର ମିଶ୍ରଙ୍କ ପ୍ରତିମୂର୍ତ୍ତିରେ ଅନୁଷ୍ଠାନର ଅଧ୍ୟକ୍ଷ ଡ. ରଣଜିତ କୁମାର ତ୍ରିପାଠୀ ଓ ସହକର୍ମୀମାନେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଅଧ୍ୟକ୍ଷ ଛାତ୍ରୀଛାତ୍ରମାନଙ୍କୁ ସମ୍ମାନ ତଥା ଭକ୍ତି କରିବା ସହ ନିଜର ଆଚାର ବ୍ୟବହାର ମାର୍ଜିତ କରି ଉତ୍ତମ ଶିକ୍ଷା ଲାଭ କରି ଭବିଷ୍ୟତରେ ଜଣେ ଲେଖାଏ ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ । ଏହାଛଡା ଛାତ୍ରୀ ଛାତ୍ରମାନଙ୍କୁ ଶୃଙ୍ଖଳିତ କରିବା ସହ ଆତ୍ମ ସମୀକ୍ଷା କରି କଲେଜକୁ ଆଗେଇ ନେବାକୁ ସେ ପରାମର୍ଶ ଦେଇଥିଲେ ।

ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟାପିକା ଜୟଶ୍ରୀ ସାହୁ, ଅଧ୍ୟାପକ ପ୍ରଭାତ କୁମାର ବେହେରା, ପୂର୍ଣ୍ଣ ଚନ୍ଦ୍ର ଶତପଥୀ, ସୁମ' କୁମାର ଜେନା, ଶରତ କୁମାର ସାହୁ, ମାନସ ପାଢୀ, ଡ. ଅଶୋକ କୁମାର ପାତ୍ର, ଅକ୍ଷୟ କୁମାର ସାହୁ, ଶୁଭାଶିଷ ମିଶ୍ର, ବରିଷ୍ଠ ସେକ୍ସନ ଅଫିସର ଲକ୍ଷ୍ମୀଧର ଚିନରା, କେଶବ ପ୍ରଧାନ, ପ୍ରଶାନ୍ତ କୁମାର ସ୍ୱାଇଁ, ଖବରଦାତା ପ୍ରଭାକର ଶିରୋମଣି ପ୍ରମୁଖ ଯୋଗ ଦେଇ ଅନୁଷ୍ଠାନର ଐତିହ୍ୟ ସମ୍ପର୍କରେ ନିଜସ୍ୱ ମତ ପ୍ରଦାନ କରି କଲେଜର ଅତୀତ ଇତିହାସ ସହିତ ସ୍ଥାନୀୟ ଅଂଚଳରେ ଉଚ୍ଚ ଶିକ୍ଷାର ବିକାଶ ଲାଗି ଅଂଚଳବାସୀଙ୍କ ସହିତ ପୂର୍ବତନ ବିଧାୟକ ସ୍ୱର୍ଗତ ମିଶ୍ରଙ୍କ ପ୍ରଚେଷ୍ଟା, ସହଯୋଗ ଓ କଲେଜ ଆରମ୍ଭ ସମୟର ଘଟଣାବଳୀ ସଂପର୍କରେ ଉପସ୍ଥିତ ଛାତ୍ରୀ, ଛାତ୍ର, ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀଙ୍କୁ ଅବଗତ କରିଥିଲେ । ଆଗାମୀ ଦିନରେ କଲେଜ ଏହାର ସୁବର୍ଣ୍ଣ ଜୟନ୍ତୀ ପାଳନ ପାଇଁ ପ୍ରସ୍ତୁତ ହେଉଥିବା ବେଳେ ଏବେ ଠାରୁ ଅନୁଷ୍ଠାର ସମସ୍ତ ଛାତ୍ରୀ ଛାତ୍ର, ଅଧ୍ୟାପିକା, ଅଧ୍ୟାପକ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଶ୍ରୀଶିରୋମଣି ସୂଚନା ଦେଇଥିଲେ । ଓଡିଆ ଅଧ୍ୟାପକ ରମେଶ କୁମାର ସାହୁ କାର୍ଯ୍ୟକ୍ରମର ସଂଯୋଜନା କରିଥିବା ବେଳେ ଅଧ୍ୟାପିକା ସରଳା ବେହେରା କାର୍ଯ୍ୟକ୍ରମର ସଫଳତା ପାଇଁ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ ।

## ଇପିଏଫ୍ ପେନ୍‌ସନଧାରୀଙ୍କ ଧାରଣା

ଦଶପଲ୍ଲା,୧୫।୯ (ପ୍ରକାଶ କୁମାର ପାଣି)

ଶୁକ୍ରବାର ଦଶପଲ୍ଲା ଥାନା ସମ୍ମୁଖରେ ଥିବା ମହାପୁରୁଷଙ୍କ ପ୍ରତିମୂର୍ତ୍ତି ନିକଟରେ ଇପିଏଫ୍ ପେନସନ ଆସୋସଏଶନ ଦଶପଲ୍ଲା ଶାଖା ତରଫରୁ ଧାରଣା ଦିଆଯାଇଥିଲା । ଇପିଏଫ୍ ପେନସନ ଭୋଗୀମାନେ ବରିଷ୍ଠ ନାଗରିକ ଅଟନ୍ତି । ସେମାନଙ୍କୁ ୩ଶହରୁ ବରିଷ୍ଠତା ଭିତ୍ତିରେ ପର୍ଯ୍ୟାୟ କ୍ରମେ ୩ହଜାର ଟଙ୍କା ଯାଏ ପେନସନ ଦିଆଯାଉଛି । ଏଥିରେ ବର୍ତ୍ତମାନ ସମୟରେ ଚଳିବା କଷ୍ଟକର ହୋଇପଡୁଛି । ସରକାର ସମସ୍ତଙ୍କ ପାଇଁ ସୁବିଧା ଯୋଗାଇ ଦେଇଥିବା ବେଳେ ଇପିଏଫ୍ ପେନସନଧାରୀଙ୍କ ପ୍ରତି ଅବହେଳା କରିଛନ୍ତି । ସେମାନଙ୍କୁ ମାସିକ ୯ ହଜାର ଟଙ୍କା ପେନସନ ଦେବା ସହ ମହଙ୍ଗା ଭତ୍ତା ଏବଂ ମାଗଣା ସେବା ଯୋଗାଇ ଦେବାକୁ ଦାବି କରାଯାଇଛି ।

## ପୋକ୍‌ସୋ ନିୟମ, ପୀଡ଼ିତା ସହାୟତା ଉପରେ ସଚେତନତା

ନୟାଗଡ଼,୧୫।୯(ଲୋକନାଥ ମିଶ୍ର)

ନୟାଗଡ଼ ବ୍ଲକ ଲାଠିପଡାସ୍ଥ ମଡେଲ ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ଜିଲା ଆଇନ ସେବା ଆନୁକୂଲ୍ୟରେ ପୋକ୍‌ସୋ ନିୟମ ଏବଂ ପୀଡିତା ସହାୟତା ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଛାତ୍ରୀ ଅନୁସୂୟା ପାତ୍ର ସ୍ୱାଗତ, ଅତିଥି ପରିଚୟ ଏବଂ ସଚେତନତାର ଆଭିମୁଖ୍ୟ ବର୍ଣ୍ଣନା କରିଥିଲେ । ଜିଲା ଆଇନ ସେବା ପ୍ରାଧିକରଣର ସଚିବ ତଥା ବରିଷ୍ଠ ବର୍ଗ ବିଚାରପତି ବିଶେଷ କୁମାର ସାହୁ ପୋକ୍‌ସୋ ଅଧିନିୟମ ଏବଂ ଜାତୀୟ ଆଇନ ସେବା ପ୍ରାଧିକରଣ ଉପରେ ଟିପ୍ପଣୀ ଦେଇଥିଲେ। ଅନ୍ୟପକ୍ଷେ ପୀଡ଼ିତାଙ୍କ ସହାୟତା ଉପରେ ବୁଝାଇଥିଲେ । ଆଇନ ସଚେତନତା ଦ୍ୱାରା ଛାତ୍ରୀଛାତ୍ର ଜୀବନରେ ଶୃଙ୍ଖଳିତ ହୋଇ ପାରିବେ ବୋଲି ଦର୍ଶାଇଥିଲେ। ଅଧ୍ୟକ୍ଷ ମାନସ ରଞ୍ଜନ ଶତପଥୀ ଯୋଗ ଦେଇ ପୋକ୍‌ସୋ ନିୟମ ଏବଂ ପୀଡ଼ିତା ସହାୟତା ଉପରେ ଆଲୋକପାତ କରିଥିଲେ। ସଦସ୍ୟ ମହମ୍ମଦ ଓମର ମଲ୍ଲିକ ଜାତୀୟତା ଏବଂ ବୈଷୟିକ ଜ୍ଞାନର ଠିକ ବ୍ୟବହାର ଛାତ୍ର ସମାଜର ସୁରକ୍ଷାରେ ସହାୟକ ବୋଲି ମତ ରଖିଥିଲେ । ଜୟରାମ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ ।

## ଔପଚାରିକ ପରେଡ୍ ଅଭିବାଦନ ଗ୍ରହଣକଲେ ଏସ୍‌ପି

**ନୟାଗଡ,୧୫।୯(ଲୋକନାଥ ମିଶ୍ର):**ପୋଲିସ କର୍ମଚାରୀ ଓ ଅଧିକାରୀଙ୍କ ମଧ୍ୟରେ ଶୃଙ୍ଖଳା, ଚାପମୁକ୍ତି ଉଦ୍ଦେଶ୍ୟରେ ନୟାଗଡ଼ ଜିଲା ପୋଲିସ ପକ୍ଷରୁ ରିଜର୍ଭ ପଡିଆରେ ଶୁକ୍ରବାର ଔପଚାରିକ ପାରେଡ ଅନୁଷ୍ଠିତ ହୋଇଯାଇଛି ।ଏଥିରେ ନୟାଗଡ ଏସପି ରାହୁଲ ଜୈନ ଯୋଗ ଦେଇ ଅଭିବାଦନ ଗ୍ରହଣ କରିଥିଲେ । ରିଜର୍ଭ ଇନ୍ସପେକ୍ଟର ବି.କେ. ମୁଦୁଲି ପାରେଡ ପରିଚାଳନା କରିଥିଲେ । ପରେଡରେ ୨ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ, ନୟାଗଡ ଏସଡିପିଓ, ୫ ଡିଏସପି, ଆଇଆଇସି ଟାଉନ ଓ ସଦର, ୫ ଏସଆଇ ଓ ଏଏସଆଇ, ୫୧ କନେଷ୍ଟବଲ ସାମିଲ ଥିଲେ । ସପ୍ତାହର ପ୍ରତି ଶୁକ୍ରବାର ପୂର୍ବାହ୍ନରେ ଏହିପରି ଔପଚାରିକ ପାରେଡ ଅନୁଷ୍ଠିତ ହେବ ବୋଲି କୁହାଯାଇଛି । ଅନ୍ୟପକ୍ଷେ ସନ୍ଧ୍ୟାରେ ନୟାଗଡ ଏସଡିପିଓଙ୍କ ନେତୃତ୍ୱରେ ନୟାଗଡ ଟାଉନ ଥାନା ପୋଲିସ ପକ୍ଷରୁ ନୟାଗଡ ଟ୍ରାଫିକ ଛକ, ଟ୍ରାଫିକ ଛକରୁ ଓଡଗାଁ ରୋଡରେ ଯାନବାହାନ ଧରପଗଡ ହୋଇଥିଲା । ବାଇକରେ ୩ଜଣ ଯାଉଥିଲେ ଓ ଫୋନରେ ଗପି ଗାଡି ଚାଳନା କରୁଥିଲେ ସେମାନଙ୍କ ଉପରେ ଆଇନଗତ ପଦକ୍ଷେପ ନିଆଯାଇଛି ।

## ଖଣ୍ଡପଡ଼ା ସହରରେ ପୋଲିସର ଫ୍ଲାଗ୍ ମାର୍ଚ୍ଚ

ଖଣ୍ଡପଡା,୧୫।୯(ଅଜୟ କୁମାର ମହାରଣା)

ଆଗକୁ ପାର୍ବଣ ଋତୁ ଆସୁଥିବାରୁ ଏହାକୁ ନଜରରେ ରଖି ଅପରାଧ ନିୟନ୍ତ୍ରଣ ସହ ସାଧାରଣରେ ଶାନ୍ତି ଶୃଙ୍ଖଳା ବଜାୟ ରଖିବା ନିମନ୍ତେ ପୋଲିସ ପକ୍ଷରୁ ବ୍ୟବସ୍ଥା ଗ୍ରହଣ କରାଯାଉଛି । ଏ ପରିପ୍ରେକ୍ଷୀରେ ଖଣ୍ଡପଡ଼ା ଥାନା ଅଞ୍ଚଳରେ ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ନୟାଗଡ଼ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶ କ୍ରମେ ଖଣ୍ଡପଡା ସହରରେ ପୋଲିସର ଫ୍ଲାଗ ମାର୍ଚ୍ଚ କରାଯାଇଛି । ଖଣ୍ଡପଡା ଥାନାଧିକାରୀ ଜ୍ୟୋତି ପ୍ରକାଶ ସ୍ୱାଇଁଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ କର୍ମଚାରୀମାନେ ଫ୍ଲାଗ ମାର୍ଚ୍ଚରେ ସାମିଲ ହୋଇଥିଲେ । ସେହିପରି ରାତ୍ର କାଳୀନ ପୋଲିସ ପାଟ୍ରୋଲିଂ ବ୍ୟବସ୍ଥାକୁ କଡାକଡି କରାଯିବା ସହ ବିଭିନ୍ନ ସ୍ଥାନରେ ୱାରେଣ୍ଟ ଧରପଗଡ ଅଭିଯାନକୁ ଜୋରଦାର କରାଯାଇଥିବା ଖଣ୍ଡପଡା ପୋଲିସ ସୁତ୍ରରୁ ପ୍ରକାଶ ।



ଖଣ୍ଡପଡ଼ାରେ ପୋଲିସର ଫ୍ଲାଗ୍ ମାର୍ଚ୍ଚ।

## ବିଶ୍ୱାସ ଆଧାରିତ ନେତୃବୃନ୍ଦଙ୍କ ତାଲିମ



ଯୋଗଦେଇଥିବା ଅନୁଷ୍ଠାନର ସଦସ୍ୟ ।

ଦଶପଲ୍ଲା,୧୫।୯ (ପ୍ରକାଶ କୁମାର ପାଣି)

ଦଶପଲ୍ଲାକୁ ବାଲ୍ୟବିବାହ ମୁକ୍ତ କରିବାକୁ କାର୍ଯ୍ୟ କରୁଥିବା ସେଣ୍ଟର ଫର କାଟାଲାଇଜିଙ୍ଗ ଚେଞ୍ଜ ପକ୍ଷରୁ ଶୁକ୍ରବାର ବ୍ରାହ୍ମଣ ମାନଙ୍କୁ ନେଇ ଏକ ତାଲିମ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା । ଯେହେତୁ ବିବାହ କାର୍ଯ୍ୟରେ ବ୍ରାହ୍ମଣ,ବାରିକ,ବାଜାବାଲା, ଟେଣ୍ଟହାଉସ ଭଳି ବହୁ ଲୋକଙ୍କ ସମ୍ପୃକ୍ତି ରହୁଛି ସେମାନଙ୍କୁ ଏ ସମ୍ପର୍କରେ ସଚେତନ କରିବା ଅତ୍ୟନ୍ତ ଜରୁରୀ ମନେକରି ଏକ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏମାନେ ଅନ୍ତତଃ ଏହାର ସମାଜ ଉପରେ ,ଦେଶର ଜନସଂଖ୍ୟା ବୃଦ୍ଧିରେ,ମୁଦ୍ରାସ୍ଫୀତି ଉପରେ କ'ଣ ପ୍ରଭାବ ପଡୁଛି ଜାଣିଲେ ସେମାନଙ୍କସ୍ତରରେ କିଛିଟା ବାଲ୍ୟବିବାହକୁ ରୋକାଯାଇ ପାରିବ । ଏଥିରେ ଥିବା ଆଇନ ଉପରେ ମଧ୍ୟ ଆଲୋଚନା କରାଯାଇଥିଲା । ଯେଉଁମାନେ ବାଲ୍ୟବିବାହ କରାଇବେ ବା ପ୍ରୋତ୍ସାହିତ କରିବେ ସେମାନଙ୍କ ପାଇଁ ଜେଲ, ଜରିମାନାର ପ୍ରାବଧାନ ଅଛି ବୋଲି କହିଥିଲେ । କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ସୁନନ୍ଦା ସାହୁ, କେପିଡି କଲେଜ ଅଧ୍ୟକ୍ଷା ପୂର୍ଣ୍ଣମାସୀ ଦେବୀ, ରୁଦ୍ର ପ୍ରସାଦ ପ୍ରଧାନ, ଧର୍ମାନନ୍ଦ ସୁନ୍ଦରାୟ, ଜିଲା ସଂଯୋଜକ ସୁବ୍ରତ କୁମାର ବିଶୋଇ,ଡା.ପ୍ରଫୁଲ୍ଲ କୁମାର ଦାଶ, ନିକି ପ୍ରଧାନ,ପ୍ରିୟଙ୍କା ବରାଡ,ସ୍ୱାତୀରେଖା ଦାସ,ପ୍ରସନ୍ନ ବାଘସିଂ,ଶୁଭାଶିଷ ମିଶ୍ର,ଚିତ୍ତରଞ୍ଜନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ସମସ୍ତେ ବାଲ୍ୟବିବାହ ରୋକିବାଲାଗି ଚେଷ୍ଟା କରିବେ ବୋଲି ଶପଥପାଠ କରିଥିଲେ ।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

URGENTLY REQUIRED
ACCOUNTANT (Talley)
DATA ENTRY OPERATOR
(Talley & MS Office)
Attend Interview at
NISHAMANI PALACE
Bomikhal, Bhubaneswar-10
On any day.
Ph.No. 7978586205 / 9338554697

ASRIBADA PANCHAKARMA
HERBAL SPA
Female therapist
required
Kesarimall,
Bhubaneswar
Contact:8926173473

VACANCY
OM Surgical and Chemicals
needs Accountants having knowledge of Tally and Accounting Software, GST returns filling, compliances and minimum requirement of Income Tax, (Salary negotiable).
Send CV at omsurgical@yahoo.co.in
Mob. No.: 9437014935

ସିକ୍ୟୁରିଟି ଗାର୍ଡ଼ ଆବଶ୍ୟକ
ସିକ୍ୟୁରିଟି ଗାର୍ଡ଼ର ବଡ଼ ଧରଣର ନିଯୁକ୍ତି
ଓଡ଼ିଶାର ସବୁ ଜିଲ୍ଲାରେ ନିଯୁକ୍ତି
ଦରମା : ୧୨୦୦୦/- ରୁ ୧୮,୦୦୦/-
ରହିବା ପାଇଁ ଘର, ଖାଇବା ମେସ୍
Real King Security Service
8984433623



## ସଂକ୍ଷେପରେ

### ଶ୍ରୀବନ୍ତପୁର ଗାଁରୁ ୭୫ କେଜି ଗଞ୍ଜେଇ ଜବତ,ଜଣେ ଗିରଫ



ରସୁଲପୁର,୧୫।୯(ରଞ୍ଜିତ ରାଉତ)

କୁଆଖିଆ ଥାନା ଅନ୍ତର୍ଗତ ଶ୍ରୀଦନ୍ତପୁର ପଞ୍ଚାୟତରେ ଶୁକ୍ରବାର ଯାଜପୁର ଜିଲା ଅବକାରୀ ମୋବାଇଲ ସ୍କ୍ୱାର୍ଡ ଓ ଡୋଲିପୁର ଅବକାରୀ ବିଭାଗ ପକ୍ଷରୁ ଶ୍ରୀବନ୍ତପୁର ଗାଁରେ ଚଢ଼ାଉ କରାଯାଇ ୭୫ କେଜି ଗଞ୍ଜେଇ ଜବତ କରିବା ସହିତ ଜଣଙ୍କୁ ଗିରଫ କରାଯାଇଛି। ଅବକାରୀ ଅଧୀକ୍ଷକ ଅମରେନ୍ଦ୍ର କୁମାର ଜେନାଙ୍କ ନିର୍ଦ୍ଦେଶରେ ଅବକାରୀ ଇନ୍ସପେକ୍ଟର ସମୀର କୁମାର ମହାନ୍ତି କୁଆଖିଆ ଥାନା ଅନ୍ତର୍ଗତ ଶ୍ରୀବନ୍ତପୁର ଗାଁରେ ଚଢ଼ାଉ କରିଥିଲେ। ଏହି ସମୟରେ ଜଣେ ବ୍ୟକ୍ତି ଘର ଭିତରେ ଗଞ୍ଜେଇ ରଖିଥିବା ଦେଖି ୩ ବସ୍ତା ଗଞ୍ଜେଇ ଜବତ କରିଥିଲେ। ଏଥିସହ ଗଞ୍ଜେଇ କାରବାରରେ ସମ୍ପୃକ୍ତ ଅଭିଯୁକ୍ତ କୁଆଖିଆ ଥାନା ଶ୍ରୀବନ୍ତପୁର ଗାଁର ଜ୍ଞାନେନ୍ଦ୍ର ସ୍ୱାଇଁଙ୍କୁ ଗିରଫ କରାଯାଇଛି। ଅବକାରୀ ବିଭାଗ ପକ୍ଷରୁ ଏକ ମାମଲା(ନଂ.୧୨୩/୨୩) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି । ଜବତ ୩ ବସ୍ତାରୁ ୭୫କେଜି ଗଞ୍ଜେଇ ଜବତ କରାଯାଇଛି।

### ସଂଖ୍ୟାଲଘୁ ସମ୍ପ୍ରଦାୟର ପ୍ରସ୍ତୁତି ବୈଠକ

ବ୍ରହ୍ମବରଦା,୧୫।୯(ଯଯାତି କେଶରୀ ବେହେରା)

ରସୁଲପୁର ବ୍ଲକ ଅନ୍ତର୍ଗତ ବ୍ରହ୍ମ ବରଦା ପଞ୍ଚାୟତରେ ସଂଖ୍ୟାଲଘୁ ସମ୍ପ୍ରଦାୟର ମୌଳିକ ସମସ୍ୟା ଓ ଏହାର ସମାଧାନ ନିମନ୍ତେ ଗୁରୁବାର ସନ୍ଧ୍ୟାରେ ବ୍ରହ୍ମବରଦା ପଞ୍ଚାୟତ ଅଫିସଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ସରପଞ୍ଚଙ୍କ ପ୍ରତିନିଧି ରାକେଶ ଦେଓଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ ବରୀ ବିଧାୟିକା ସୁନନ୍ଦା ଦାସ ଯୋଗ ଦେଇଥିଲେ । ବିଜେଡି ସଂଯୋଜକ ଦେବେନ୍ଦ୍ର ଦାସଙ୍କ ସମେତ ବନ୍ଧଡିଅ, ବ୍ରହ୍ମବରଦା,ଚାନ୍ଦପୁର, ଖାଲପଡା, ମଙ୍ଗରାଜପୁର, ରୁଦ୍ରପୁର,ଅର୍ଥଙ୍ଗା , ରାଉତରାପୁର, ଅତଲାପୁ ଏବଂ ସାମନ୍ତରାପୁର ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟଙ୍କ ସହ ସେମାନଙ୍କ ପ୍ରତିନିଧିମାନେ ଯୋଗଦାନ କରିଥିଲେ। ସଂଖ୍ୟା ଲଘୁ ସମ୍ପ୍ରଦାୟର ମୌଳିକ ସମସ୍ୟା ଓ ଏହାର ସମାଧାନ ନିମନ୍ତେ ବିସ୍ତୃତ ଆଲୋଚନା କରାଯାଇଥିଲା। ଆଗାମୀ ଅକ୍ଟୋବର ୮ରେ ବ୍ରହ୍ମବରଦା ପଞ୍ଚାୟତର ମୌଶାଇରା ପଡିଆରେ ସଂଖ୍ୟା ଲଘୁ ସମ୍ପ୍ରଦାୟର ଏକ ବିଶାଳ ସଭା ଅନୁଷ୍ଠିତ ହେବ ବୋଲି ଧାର୍ଯ୍ୟ କରାଯାଇଛି। ଏହି ସଭାରେ ରାଜ୍ୟସଭା ସଦସ୍ୟ ତଥା ସଖ୍ୟାଲଘୁ ସମ୍ପ୍ରଦାୟର ରାଜ୍ୟ ସଭାପତି ମୁନା ଖାଁ ଓ ପୂର୍ବତନ ବିଧାୟକ ସେକ୍ ଆୟୁବ ଖାଁ ଯୋଗଦାନ କରିବେ ବୋଲି ବଧାୟିକା ସୂଚନା ଦେଇଛନ୍ତି। ସ୍ଥାନୀୟ ବୁଦ୍ଧିଜୀବୀ ଅବଦୁଲ ଦୟାଲ ଖାଁ, ସେକ୍ ଅଖତାର ଅଲ୍ଲୀ, ସେକ୍ ସାବିର ଅଲ୍ଲୀ, ସେକ୍ ଜାଭେଦ ଆଦି ଯୋଗଦାନ କରିଥିବା ବେଳେ ସେକ୍ ଜୁଲ୍ ଫିକର ଅଲ୍ଲୀ ଧନ୍ୟବାଦ ଅର୍ପଣ କରିଥିଲେ।

### ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ

ବରୀ,୧୫।୯(ମହେନ୍ଦ୍ର ସ୍ୱାଇଁ)

ରାଜ୍ୟ ସରକାରଙ୍କ ମଧୁବାବୁ ପେନ୍‌ସନ ଯୋଜନାରେ ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରାଯାଇଛି। ୩୭୯୦ ଜଣ ଭତ୍ତା ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ବ୍ଲକର ରମ୍ପା,ଅଟିରା,କିମ୍ବିରିଆପାଳ,ବାଲିଆ ସମେତ ୭ ପଞ୍ଚାୟତରେ ନୂତନ ଭତ୍ତା ବଣ୍ଟନ କରାଯାଇଛି। ନୂତନ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମରେ ବରୀ ବିଧାୟିକା ସୁନନ୍ଦା ଦାସ, ମଣ୍ଡଳ ଉନ୍ନୟନ ଅଧିକାରୀ ନମିତା ବାରିକ, ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ମହେଶ୍ୱର ସେଠୀ, କାର୍ଯ୍ୟ ନିର୍ବାହୀ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ନାୟକ, ବିଏସ୍‌ଏସ୍‌ଓ ରଞ୍ଜିତ ଜେନା, ପ୍ରୋଗ୍ରାମ ଆସିଷ୍ଟାଣ୍ଟ ସୁରେଶ କୁମାର ପଣ୍ଡା ପ୍ରମୁଖ ଯୋଗ ଦେଇ ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରିଥିଲେ। ଯେଉଁ ହିତାଧିକାରୀ ଆବେଦନ କରି ଭତ୍ତା ପାଇନାହାନ୍ତି ଖୁବ୍‌ଶୀଘ୍ର ସେମାନଙ୍କ ନାମ ତାଲିକା ପ୍ରସ୍ତୁତ କରି ମଧୁବାବୁ ପେନସନ ଯୋଜନାରେ ଭତ୍ତା ଯୋଗାଇ ଦିଆଯିବ ବୋଲି ବରୀ ବିଧାୟିକା କହିଥିଲେ। ଅପରପକ୍ଷେ ବିଭିନ୍ନ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀମାନଙ୍କୁ ଏକ ସ୍ୱଚ୍ଛ ତାଲିକା ପ୍ରସ୍ତୁତ କରିବାକୁ କୁହାଯିବ ବୋଲି ବରୀ ମଣ୍ଡଳ ଉନ୍ନୟନ ଅଧିକାରୀ ବାରିକ ସୂଚନା ଦେଇଛନ୍ତି।

# ଲୁଣିବର ଖାଦାନରୁ କଳାପଥର ଲୁଟ୍

## ଥାନାରେ ଅଭିଯୋଗ କଲେ ପୂର୍ବ ଲିଜ୍‌ଧାରୀ

ଯାଜପୁର,୧୫।୯(ହର୍ଷବର୍ଦ୍ଧନ ବେହେରା)

ମାଇନିଂ ପ୍ଲାନ ଅନୁସାରେ ଲିଜ୍‌ପ୍ରାପ୍ତ ସୈରାତରୁ ଅନୁମୋଦନ ପରିମାଣର କଳାପଥର ଖନନ କରି ଉତ୍ତୋଳନ କରିବାର ନିୟମ ରହିଛି। କିନ୍ତୁ ଯାଜପୁର ଜିଲା ଧର୍ମଶାଳା ତହସିଲ ଅଞ୍ଚଳରେ ଏହାର ୫୦ରୁ ୧୦୦ ଗୁଣ ପର୍ଯ୍ୟନ୍ତ ଅଧିକ ଉତ୍ତୋଳନ କରାଯାଇ ଚାଲାଣ ହେଉଥିବା ଅଭିଯୋଗ ହୋଇଛି। ଏହାକୁ ଆଧାର କରି ପ୍ରଶାସନ ପକ୍ଷରୁ ସାଟେଲାଇଟ୍ ମାପଚୁପ୍ କରି ଜରିମାନା ଆଦାୟ କରିବାକୁ ଡିମାଣ୍ଡ ନୋଟିସ ହୋଇ ସାରିଛି। ଲୁଣିବର ପାହାଡ଼ର ୪ ନମ୍ବର ଖାଦାନରୁ ଅନୁମୋଦନଠାରୁ ଅଧିକ କଳାପଥର ଉତ୍ତୋଳନ ହୋଇଥିବା ମାପଚୁପରେ ସ୍ପଷ୍ଟ ହେବା ପରେ ପ୍ରଶାସନ ପକ୍ଷରୁ ପୂର୍ବ ଲିଜ୍‌ଧାରୀ ସରୋଜ ରାଉତଙ୍କଠାରୁ ୬୩ କୋଟି ଟଙ୍କା ଜରିମାନା ଆଦାୟ ପାଇଁ ନୋଟିସ ହୋଇଛି। ଲିଜ୍‌ଧାରୀ ସରୋଜ ପ୍ରଶାସନର ଏହି ନୋଟିସ ବିରୋଧରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ତେବେ ମାମଲା ବିଚାରାଧୀନ ଥିବା ସମୟରେ ଶୁକ୍ରବାର ପୂର୍ବାହ୍ନରେ ଉକ୍ତ ଖାଦାନରୁ ଚୋରାଚାଲାଣ ହେଉଥିବା ନେଇ ସେ ଜେନାପୁର ଥାନା ଏବଂ ଧର୍ମଶାଳା ତହସିଲ ଅଫିସରେ ଅଭିଯୋଗ କରିଛନ୍ତି। ଏହି ଅଭିଯୋଗ ଆଧାରରେ ଜେନାପୁର ଥାନା ପୋଲିସ ୭ଟି ବିଭିନ୍ନ ଗାଡ଼ିକୁ ଜବତ କରଛି। ଖାଦାନରେ ନିୟୋଜିତ ୩ଟି ଗାଡ଼ିକୁ ନେଇଯିବାରେ ଲୁଟକାରୀ ଦଳ ସଫଳ ହୋଇଥିବା ସୂଚନା ମିଳିଛି। ଏହି ଚୋରାଚାଲାଣରେ ୧୦ ଜଣ ବ୍ୟକ୍ତି ସାମିଲ ଥିଲେ ବୋଲି ଅଭିଯୋଗରେ ଦର୍ଶାଯାଇଛି। ରିପୋର୍ଟ ଲେଖାହେବା ବେଳକୁ ଜେନାପୁର ଥାନା ପୋଲିସର କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ଜଣାପଡ଼ିନାହିଁ। ଥାନାରେ ହୋଇଥିବା ଅଭିଯୋଗ ଅନୁସାରେ ତେଲିପୋଖରୀ ଗ୍ରାମର ସରୋଜ ଲୁଣିବର ଖାଦାନକୁ ୫ ବର୍ଷିଆ ଲିଜ୍ ସୂତ୍ରରେ ନେଇଥିଲେ। ଏବେ ଲିଜ୍ ଅବଧି ସରିଯାଇଥିବାବେଳେ ଜରିମାନା ଡିମାଣ୍ଡ ନୋଟିସ ବିରୋଧରେ ମାମଲା ବିଚାରାଧୀନ ରହିଛି। ତେଣୁ ଖାଦାନ କାର୍ଯ୍ୟ ବନ୍ଦ ରହିଛି। ଏହାର ସୁଯୋଗ ନେଇ କେତେଜଣ ଲୋକ ସଂଘବଦ୍ଧ ଭାବେ ଲୁଣିବର ଖାଦାନରେ ରାତିରେ ବ୍ଲାଷ୍ଟିଂ କରି କଳାପଥର ଚୋରିକରି ନେଉଛନ୍ତି। ଶୁକ୍ରବାର ଟ୍ରାକ୍ଟର, ଟ୍ରକ୍ ଓ ଜେସିବି ମେଶିନ ଦ୍ୱାରା କଳାପଥର ଉତ୍ତୋଳନ କରୁଥିବା ଦେଖି ସରୋଜ ତାହାକୁ ବିରୋଧ କରିବା ସହ ପୋଲିସକୁ ଖବର ଦେଇଥିଲେ। କିନ୍ତୁ ସମ୍ପୃକ୍ତ ବ୍ୟକ୍ତିମାନେ ତାଙ୍କ କର୍ମଚାରୀମାନଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ କରିଥିଲେ ବୋଲି ସରୋଜ ଅଭିଯୋଗରେ ଦର୍ଶାଇଛନ୍ତି। ଏନେଇ ସେ ତହସିଲଦାରଙ୍କୁ ଲିଖିତ ଅଭିଯୋଗ କରିଛନ୍ତି।

ସୂଚନାଯୋଗ୍ୟ, ଲୁଣିବର ପାହାଡ଼ର ୪ ନମ୍ବର ଖାଦାନର ଲିଜ୍ ଅବଧି ସରି ଯାଇଥିବାରୁ ତହସିଲ ପ୍ରଶାସନ ପକ୍ଷରୁ ଉକ୍ତ ଖାଦାନକୁ ଲକ୍ଷ୍ମୀ ଏକ୍ସପୋର୍ଟ ସଂସ୍ଥାକୁ ଲିଜ୍ ସୂତ୍ରରେ ପ୍ରଦାନ କରାଯାଇଛି। ଯେହେତୁ ମାମଲା ବିଚାରାଧୀନ ଥିବାରୁ ଏହାକୁ ପୂର୍ବ ଲିଜ୍‌ଧାରୀ ସରୋଜ ବିରୋଧ କରିଆସୁଛନ୍ତି। ତହସିଲ ପ୍ରଶାସନର ଭୁଲ ନିଷ୍ପତ୍ତି ଯୋଗୁ ନିର୍ଦ୍ଧାରିତ ଜରିମାନା ଆଦାୟ ହେଉ ନ ଥିବାବେଳେ ପରିବେଶଗତ ଅନୁମତି(ଇସି) ଫେରାଇବାକୁ ପଦକ୍ଷେପ ନେବାରେ ବିଳମ୍ବ ହେଉଛି। ଏନେଇ ସିଆ ପକ୍ଷରୁ ଯାଜପୁର ଜିଲାପାଳଙ୍କୁ ନୋଟିସ ଦିଆଯିବାର ପ୍ରାୟ ୧୫ ଦିନ ଅତିକ୍ରାନ୍ତ ହୋଇସାରିଥିଲେ ହେଁ କିଛି ପଦକ୍ଷେପ ନିଆଯାଇ ନ ଥିବା ସୂଚନା ମିଳିଛି। ଏହାର ସୁଯୋଗରେ ଜରିମାନା ନିର୍ଦ୍ଦେଶ ହୋଇଥିବା ଲିଜ୍‌ଧାରୀମାନେ ଫାଇଦା ନେବା ସହ ବେଆଇନ ଭାବେ କଳାପଥର ଲୁଟ କରୁଥିବା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

# ସରକାରଙ୍କ ଚେତାବନୀକୁ ଆମର ଭୟ ନାହିଁ

## ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଧାରଣା ଜାରି



ଧାରଣାରେ ବସିଥିବା ଶିକ୍ଷୟିତ୍ରୀ,ଶିକ୍ଷକ।

କାଏମା,୧୫।୯(ଶିବପ୍ରସାଦ ମହାନ୍ତି)

୩ ଦଫା ଦାବି ପୂରଣ ପାଇଁ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘର ଆହ୍ୱାନ କ୍ରମେ ଧର୍ମଶାଳା ବ୍ଲକ ମିଳିତ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ସ୍ଥାନୀୟ ଜାରକାଠାରେ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଧାରଣା ସପ୍ତମ ଦିନରେ ପହଞ୍ଚିଛି। ସଭାପତି ଯୁଗଳ କିଶୋର ଦାସ, ସମ୍ପାଦକ ରବୀନ୍ଦ୍ର କୁମାର ମିଶ୍ରଙ୍କ ନେତୃତ୍ୱରେ ଏହି ଧାରଣା ଚାଲିଛି । ବ୍ଲକର ୨୭୧ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ,ଶିକ୍ଷକ ସମୂହ ଛୁଟି ନେଇ ନିଜ ହକ୍ ପାଇଁ ଲଢେଇ ଜାରି ରଖିଛନ୍ତି। ଦରମା ଅସଙ୍ଗତି ଦୂର କରିବା, ଚାକିରି ଆରମ୍ଭକୁ ସମୁଦାୟ ଚାକିରିରେ ମିଶାଇବା, କେନ୍ଦ୍ରୀୟ ହାରରେ ଦରମା ଦେବା ଆଦି ଦାବି ପୂରଣ ପାଇଁ ପ୍ରାଥମିକ ଶିକ୍ଷକମାନେ ଅଡ଼ି ବସିଛନ୍ତି । ଏଥିପାଇଁ ଛାତ୍ରୀଛାତ୍ରଙ୍କ ପାଠପଢା ସମ୍ପୂର୍ଣ୍ଣ ବନ୍ଦ ହୋଇଛି । ସରକାରଙ୍କ ଚେତାବନୀକୁ ଆମର ଭୟ ନାହିଁ, ଆମେ ଆମ ପ୍ରତିଜ୍ଞାରେ ଅଟଳ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷେ ଦାବିକୁ ନେଇ ସରକାର ଓ ଶିକ୍ଷକ ସଂଘ ମୁହାଁମୁହିଁ ହୋଇଥିବା ବେଳେ ପିଲାଙ୍କ ପାଠପଢାକୁ ନେଇ ଅଭିଭାବକମାନଙ୍କ ଚିନ୍ତା ବଢ଼ିଛି।

# ଇପିଏଫ୍ ପେନସନର୍ସ ଆସୋସିଏଶନ୍ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର




ଅଲ ଓଡ଼ିଶା ଇପିଏଫ୍ ପେନସନର୍ସ ଆସୋସିଏଶନ୍ ଯାଜପୁର ଶାଖା ପକ୍ଷରୁ ଶୁକ୍ରବାର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

ଯାଜପୁର ଟାଉନ,୧୫।୯(ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି)

ଅଲ ଓଡ଼ିଶା ଇପିଏଫ୍ ପେନସନର୍ସ ଆସୋସିଏଶନ୍ ଯାଜପୁର ଶାଖା ପକ୍ଷରୁ ଶୁକ୍ରବାର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଅବସରରେ ଗାନ୍ଧୀଛକ ଠାରେ ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ତଳେ ଏକ ପ୍ରତିବାଦ ସଭା କରାଯାଇଥିଲା। ଦେଶରେ ୭୦ଲକ୍ଷ ଇପିଏଫ୍-୯୫ ପେନ୍‌ସନର୍ସ ଙ୍କ ମଧ୍ୟରୁ ଓଡ଼ିଶାରେ ୨ଲକ୍ଷ ପେନ୍‌ସନ୍ ଭୋଗି ମାସିକ ୪ଶହ ଟଙ୍କାରୁ ୪ହଜାର ଟଙ୍କା ପର୍ଯ୍ୟନ୍ତ ପାଉଥିବା ବେଳେ ଇ.ପି.ଏଫ୍ ପେନସନ୍ ବଗି ବରିଷ୍ଠ ନାଗରିକମାନେ ଏକ ସଙ୍କଟଜନକ ପରିସ୍ଥିତି ଦେଇ ଗତି କରୁଛନ୍ତି। ସୁପ୍ରିମ୍‌କୋର୍ଟଙ୍କ ରାୟ ତା୦୪.୧୧.୨୦୨୨ରିଖରେ ପ୍ରକାଶ ପାଇବା ପରେ ପେନସନ୍ ଭୋଗୀମାନଙ୍କ ମଧ୍ୟରେ ଆଶା, ଆଶଙ୍କା ଓ ନୈରାଶ୍ୟ ପ୍ରକାଶ ପାଇଛି। କେଉଁମାନଙ୍କ ପେନସନ୍ ବଢ଼ିବ ତାହା ଏପର୍ଯ୍ୟନ୍ତ ଜଣାପଡିନାହିଁ। ୨୦୧୮ରୁ ଏହି ପେନସନ୍ ଭୋଗୀମାନେ ସର୍ବନିମ୍ନ ପେନସନ୍ ବୃଦ୍ଧି ଲାଗି ବିଭିନ୍ନ ଗଣତାନ୍ତ୍ରିକ ଉପାୟରେ କେନ୍ଦ୍ରସରକାର ଭବିଷ୍ୟନିଧି ସଂଗଠନ ଉପରେ ଚାପ ପ୍ରୟୋଗ କରିଆସୁଛନ୍ତି। ସର୍ବନିମ୍ନ ମାସିକ ୯ହଜାର ଟଙ୍କା ସହ ଦରଦାମ ବୃଦ୍ଧିର ଭରଣା ଲାଗି ମାସିକ ଭତ୍ତା ଏବଂ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ସମସ୍ତଙ୍କୁ ବର୍ଦ୍ଧିତ ପେନସନ୍ ପ୍ରଦାନ କରିବା ପାଇଁ ଦାବି କରାଯାଇଛି। ମାତ୍ର ଦୁଃଖ ଓ ପରିତାପର ବିଷୟ ପ୍ରଧାନମନ୍ତ୍ରୀ ଏହି ପେନ୍‌ସନ୍ ଭୋଗୀଙ୍କ ସମସ୍ୟାକୁ ହୃଦୟଙ୍ଗମ କରି ପେନ୍‌ସନ୍ ବୃଦ୍ଧି କରିବା ପରିବର୍ତ୍ତେ ନିଦାବିଷ୍ଣୁ ସାଜିଛନ୍ତି। ଯାହାର ପରିଣାମ ସ୍ୱରୂପ ଇ.ପି.ଏଫ୍ ପେନସନ୍ ଭୋଗୀ ଦୁଃଖ ଦୁର୍ଦ୍ଦଶାରେ ଦିନ କାଟୁଛନ୍ତି। 'ପେନ୍‌ସନ୍ ନାହିଁ ତ ଭୋଟ୍ ନାହିଁ' ନ୍ୟାୟରେ ଓଡ଼ିଶା ରାଜ୍ୟରେ ଏହି ଆନ୍ଦୋଳନ ରୂପାନ୍ତରିତ କରାଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। କେନ୍ଦ୍ର ସରକାର ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ଜରିଆରେ ଏକ ଲିଖିତ ଦାବିପତ୍ର ସଭାପତି ଲିୟାକତ୍ ଅଲ୍ଲୀ ଖାଁ, ସମ୍ପାଦକ ନିରଞ୍ଜନ ପଣ୍ଡା, କୁଳମଣୀ ସାମଲ, ପ୍ରଫୁଲ ଦାସ, ରଘୁନାଥ ମାଝି, ଦୟାନିଧି ଷଡ଼ଙ୍ଗୀ, ଶରତ ପାଣିଙ୍କ ସମେତ ଶତାଧିକ ପେନସନ୍ ଭୋଗୀ ଗାନ୍ଧୀ ଛକଠାରେ ଏକତ୍ରିତ ହୋଇ ପ୍ରତିବାଦ କରିବା ସହ ଏକ ଦାବିପତ୍ର ପ୍ରଦାନ କରିଥିଲେ।

### ସପ୍ତମ ଦିନରେ ପ୍ରାଥମିକ ଶିକ୍ଷକଙ୍କ ଧାରଣା

ଧର୍ମଶାଳା,୧୫।୯(ବଟକୃଷ୍ଣ ପରିଡା )

ଧର୍ମଶାଳା ବ୍ଲକ୍ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘର ଧାରଣା ଶୁକ୍ରବାର ସପ୍ତମ ଦିନରେ ପହଞ୍ଚିଛି । ବ୍ଲକ ଶିକ୍ଷକ ସଂଘ ସଭାପତି ଯୁଗଳ କିଶୋର ଦାସଙ୍କ ନେତୃତ୍ୱରେ ବ୍ଲକର ସମସ୍ତ ବର୍ଗର ପ୍ରାଥମିକ ଶିକ୍ଷକମାନଙ୍କ ସାମୁହିକ ଗଣଧାରଣା ଜାରିରହିଛି। ବ୍ଲକର ସମସ୍ତ ବର୍ଗର ୬୫୦ରୁ ଊର୍ଦ୍ଧ୍ୱ ପ୍ରାଥମିକ ଶିକ୍ଷକ ଏନପିଏସ ଓ ଚୁକ୍ତି ଭିତ୍ତିକ ଜୁନିୟର ଶିକ୍ଷକ ପ୍ରମୁଖ ସମୁହ ଛୁଟି ନେଇ ଦିନ ୧୦ ଘଟିକାରୁ ୪ ଘଟିକା ପର୍ଯ୍ୟନ୍ତ ବ୍ଲକ ଶିକ୍ଷାଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିରହିଛନ୍ତି । ଶିକ୍ଷକମାନଙ୍କ ୩ ଦଫା ଦାବି ଯଥା ପ୍ରାଥମିକ ଶିକ୍ଷା ବ୍ୟବସ୍ଥାରୁ ଠିକା ପ୍ରଥା ଉଚ୍ଛେଦ, ସମସ୍ତ ପ୍ରାଥମିକ ଶିକ୍ଷକଙ୍କୁ ଅବିକଳ କେନ୍ଦ୍ରିୟ ହାରରେ ଦରମା ପ୍ରଦାନ ଓ ଶିକ୍ଷାକର୍ମୀ ଓ ଶିକ୍ଷା ସହାୟକମାନଙ୍କ ମୁଳ ଚାକିରୀରେ ଗଣନା କରିବା ସହ ୬ ଟି କେନ୍ଦ୍ରିୟ ଇନକ୍ରିମେଣ୍ଟ ପ୍ରଦାନ କରିବା ସହିତ ସମସ୍ତ ଶିକ୍ଷକମାନଙ୍କ ପାଇଁ ପେନସନ ବ୍ୟବସ୍ଥା କରିବା ନେଇ ଏହି ଧାରଣା ଦିଆଯାଇଛି । ସରକାର ଉପରୋକ୍ତ ଦାବିଗୁଡିକ ସମାଧାନ ନ କରିବା ଯାଏ ଧାରଣା ଜାରି ରହିବ ବୋଲି ଶିକ୍ଷକମାନେ ଚେତାବନୀ ଦେଇଛନ୍ତି । ଆଜିର ଏହି ଧାରଣାରେ ଶିକ୍ଷକ ସଂଘର ନେତା ଆର୍ତ୍ତତ୍ରାଣ ସେଠୀ, ରବିନ୍ଦ୍ର ପ୍ରସାଦ ମିଶ୍ର, ଅଜୟ କୁମାର ଜେନା, ରମେଶ ଚନ୍ଦ୍ର ବାରିକ, ଭାରତି ଓଝା, ଅଶୋକ ପ୍ରଧାନ, ମନୋଜ କୁମାର ରଣା, ବ୍ରଜ କିଶୋର ପଣ୍ଡା, ଅରବିନ୍ଦ ଦାସ, ସେକ ସମସୁଦ୍ଦିନ, ଦୟାନିଧି ବିଶ୍ୱାଳ, ଦୀପ୍ତି ରଞ୍ଜନ ନାୟକ, ଗୌରୀ ସାହୁ, କ୍ଷେତ୍ରବାସୀ ଜେନା ଓ ବରିଷ୍ଠ ଉପଦେଷ୍ଟା ଅକ୍ଷୟ କୁମାର ଦାସ, ରମେଶ ଚନ୍ଦ୍ର ସ୍ୱାଇଁ, ନରେନ୍ଦ୍ର ବେହେରା, ନାରାୟଣ ନନ୍ଦ, ନିବେଦିତା ପରିଡା, ପ୍ରକାଶ ନାୟକ ପ୍ରମୁଖ ଉପସ୍ଥିତ ରହି ଦାବି ପୂରଣ ପାଇଁ ସରକାରଙ୍କୁ ନିବେଦନ କରିଥିଲେ । ବ୍ଲକ କଂଗ୍ରେସ ସଭାପତି କିଶାନ ପଣ୍ଡା ଶିକ୍ଷକଙ୍କ ଧାରଣାକୁ ସମର୍ଥନ କରିଥିଲେ।

# ହତ୍ୟା ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ

## ବହୁଚର୍ଚ୍ଚିତ ମଣ୍ଟୁଆ ହତ୍ୟା ମାମଲା

ଯାଜପୁର ଟାଉନ,୧୫।୯
(ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି)



ବହୁ ଚର୍ଚ୍ଚିତ ମଣ୍ଟୁଆ ହତ୍ୟା ମାମଲାରେ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ଯାଜପୁର ଅତିରିକ୍ତ ଜିଲା ଦୌରାଜଜ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା ପାଇଁ ରାୟ ପ୍ରକାଶ କରିଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ଯାଜପୁର ଜିଲା ବିଂଝାରପୁର ଥାନା ଅନ୍ତର୍ଗତ ସିଂହପୁର ଅଞ୍ଚଳର ପୂର୍ଣ୍ଣ ଚନ୍ଦ୍ର ଦାସ ଓରଫ ପୁନିଆ (୪୨) ଏବଂ ଅଭିମନ୍ୟୁ ଦାସ ଓରଫ ମଣ୍ଟୁଆ (୪୦)ଙ୍କ ମଧ୍ୟରେ ପ୍ରଥମେ ବନ୍ଧୁତା ଥିଲା। ହେଲେ ରାଜନୈତିକ ଶତ୍ରୁତା କାରଣରୁ ଉଭୟଙ୍କ ମଧ୍ୟରେ ସମ୍ପର୍କ ଖରାପ ହୋଇଥିଲା। ୨୦୧୭ରେ ମଣ୍ଟୁଆଙ୍କ ସ୍ତ୍ରୀ ରଶ୍ମିତା ସରପଞ୍ଚ ଭାବେ ନିର୍ବାଚିତ ହୋଇଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ସମ୍ପର୍କ ଆହୁରି ଜଟିଳ ହୋଇଥିଲା।

ଅଭିଯୋଗ ମୁତାବକ ୨୦୧୭ ଜୁଲାଇ ୯ରେ ଦଳେଇ ସାହି ନିକଟରେ ମଣ୍ଟୁଆଙ୍କ ଅନୁପସ୍ଥିତିରେ ପୂର୍ଣ୍ଣଚନ୍ଦ୍ର ତାଙ୍କୁ ଗାଳିଗୁଲଜ କରିଥିଲେ। ଖବର ପାଇ ମଣ୍ଟୁଆ ରାତ୍ର ପ୍ରାୟ ୧୧ ଘଟିକା ସମୟରେ ନିଜର ଅନ୍ୟତମ ସହଯୋଗୀ ବିପିନ ଓରଫ ଖୋକନଙ୍କ ଧରି ପୂର୍ଣ୍ଣଙ୍କ ଘର ପାଖରେ ପହଞ୍ଚି ଥିଲେ । ପୂର୍ଣ୍ଣଚନ୍ଦ୍ର ଛାତ ଉପରେ ଥାଇ ସେମାନଙ୍କ ଉପରକୁ ୪ଟି ବୋମା ଫିଙ୍ଗିଥିଲେ। ସେଥି ମଧ୍ୟରୁ ୨ଟି ବୋମା ମଣ୍ଟୁଆଙ୍କ ଛାତିରେ ବାଜିଥିବା ବେଳେ ଗୋଟିଏ ଖୋକନଙ୍କ ଗୋଡରେ ବାଜିଥିଲା । ଉଭୟଙ୍କୁ ଗୁରୁତର ଅବସ୍ଥାରେ ଯାଜପୁର ଡାକ୍ତରଖାନାରେ ଭର୍ତ୍ତି କରଯାଇଥିବାବେଳେ ସେଠାରେ ମଣ୍ଟୁଆଙ୍କ ମୃତ୍ୟୁ ଘଟିଥିଲା । ଏ ସଂକ୍ରାନ୍ତରେ ମଣ୍ଟୁଆ ନିଜ ମୃତ୍ୟୁକାଳୀନ ଜମାନବନ୍ଦୀରେ ଏକଥା ସ୍ତ୍ରୀ ଓ ମାଆଙ୍କୁ ଜଣାଇଥିଲା। ଏ ନେଇ ମଣ୍ଟୁଆଙ୍କ ମା' ବିଂଝାରପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା(ନଂ. ୨୧୨/୨୦୧୭) ରୁଜୁ କରି ପୂର୍ଣ୍ଣଚନ୍ଦ୍ର ଓରଫ ପୁନିଆଙ୍କୁ ଗିରଫ କରିଥିଲା। ସେଦିନଠାରୁ ଅଭିଯୁକ୍ତ ଜେଲ୍ ବିଚାରଧୀନ କଏଦି ଭାବେ ରହିଆସୁଛନ୍ତି। ଶୁକ୍ରବାର ଚୂଡ଼ାନ୍ତ ଶୁଣାଣି କରି ଅତିରିକ୍ତ ଜିଲାଦୌରାଜଜ୍ ସୁନିଲ କୁମାର ଦାସ ମୋଟ ୨୨ ଜଣ ସାକ୍ଷ୍ୟଙ୍କ ବୟାନକୁ ଭିତ୍ତି କରି ପୂର୍ଣ୍ଣଚନ୍ଦ୍ରଙ୍କୁ ଆଜୀବନ କାରାଦଣ୍ଡାଦେଶ ସହିତ ୧୦ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଏହି ମାମଲାଟିକୁ ସରକାରୀ ଓକିଲ ରାଜେନ୍ଦ୍ର ପ୍ରସାଦ ନାୟକ ପରିଚାଳନା କରିଥିଲେ। ଏଠାରେ ସୂଚନାଯୋଗ୍ୟ, ପୂର୍ବରୁ ମଣ୍ଟୁଆ ୨୦୧୪ରେ ସିଂହପୁର ଅଞ୍ଚଳର ବାପୁଜୀ ହତ୍ୟା ଘଟଣାରେ ଦୋଷୀ ସାବ୍ୟସ୍ତ ହୋଇ ୨୦୧୬ରେ ଜେଲରୁ ବେଲରେ ଆସିଥିଲେ ।

# ଚଷାଖଣ୍ଡ ସମବାୟ ସମିତିରେ ଗଣ୍ଡଗୋଳ



## ଋଣ ପ୍ରଦାନକୁ ନେଇ କଂଗ୍ରେସ, ବିଜେଡି ସମର୍ଥକ ମୁହାଁମୁହିଁ

ଝୁମ୍ପୁରୀ,୧୫।୯(ସରୋଜ ନାୟକ)

ଦଶରଥପୁର ବ୍ଲକ୍ ଚଷାଖଣ୍ଡ ପ୍ରାଥମିକ କୃଷି ସମବାୟ ସମିତିରେ ଉତ୍ତେଜନା ପ୍ରକାଶ ପାଇଛି । ଏହି ସମବାୟ ସମିତିରେ ଋଣ ପ୍ରଦାନରେ ଶାସକ ଦଳ ସମର୍ଥକମାନଙ୍କୁ ପ୍ରାଧାନ୍ୟ ଦିଆଯାଇ ଋଣ ମଞ୍ଜୁର କରାଯାଉଥିବାବେଳେ ବିରୋଧୀ ଦଳ ସମର୍ଥକମାନଙ୍କୁ ଋଣ ପ୍ରଦାନ କରାଯାଉନାହିଁ । ଫଳରେ ଶୁକ୍ରବାର ପୂର୍ବାହ୍ନରେ ସମବାୟ ସମିତି ଖୋଲିବା ପରେ ପାଳଟପୁର ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ ତଥା କଂଗ୍ରେସ ନେତା ବିମଳ ମଲିକଙ୍କ ନେତୃତ୍ୱରେ କେତେଜଣ କଂଗ୍ରେସ ସମର୍ଥକ ଚାଷୀ ସମବାୟ ସମିତିରେ ପହଞ୍ଚି ସମ୍ପାଦକ ବିଶ୍ୱଜିତ ଧଳ ଓ ସଭାପତି ବିରଞ୍ଚି ଦାସଙ୍କୁ ଖୋଜିଥିଲେ। ସମ୍ପାଦକ ଓ ସଭାପତିଙ୍କୁ ନ ପାଇ ଏମାନେ ସମବାୟ ସମିତି ଆଗରେ ଧାରଣାରେ ବସିବା ସହ ଜୋରଜବରଦସ୍ତ ସମବାୟ ସମିତିର କର୍ମଚାରୀଙ୍କୁ ଭିତରେ ପୁରାଇ ପଦାରୁ ତାଲା ପକାଇ ଦେଇଥିଲେ । ଏପରି ଚାଲିଥିବା ବେଳେ ସ୍ଥାନୀୟ ଅଞ୍ଚଳର ଶାସକ ଦଳର କେତେଜଣ ସମର୍ଥକ ସେଠାରେ ପହଞ୍ଚି ତାଲା ପକାଇବା ଘଟଣାକୁ ବିରୋଧ କରିବା ସହ ତାଲା ଖୋଲିବାକୁ କହିଥିଲେ । ଫଳରେ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ଯୁକ୍ତିତର୍କ ହେବାସହ ମାରପିଟ୍ ହୋଇଥିଲା । ପରେ କଂଗ୍ରେସ ନେତା ବିମଳଙ୍କୁ ଶାସକ ଦଳ ସମର୍ଥକ ପେଲାଠେଲା କରି ମାଡ଼ମାରି ନିକଟସ୍ଥ ପଞ୍ଚାୟତ ଅଫିସ୍ ଗୃହରେ ଅଟକ ରଖିଥିଲେ । ଖବରପାଇ ଦଶରଥପୁର ପୋଲିସ ପହଞ୍ଚି ବିମଳଙ୍କୁ ଉଦ୍ଧାର କରିବା ସହ ଥାନାକୁ ନେଇଯାଇଥିଲେ। ପରେ ଏହି ଘଟଣାକୁ ନେଇ ବିମଳଙ୍କ ସ୍ତ୍ରୀ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷେ ଜୋର ଜବରଦସ୍ତ କର୍ମଚାରୀମାନଙ୍କୁ ତାଲା ପକାଇବା, ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ଓ ଧମକ ଚମକ ଦେବା ନେଇ ସମିତିର ସମ୍ପାଦକ ଅନ୍ୟ ଏକ ଅଭିଯୋଗ କରିଛନ୍ତି । ଉଭୟ ଅଭିଯୋଗକୁ ପୋଲିସ ଗ୍ରହଣ କରି ୧୫୯/୨୩ ଓ ୧୬୦/୨୩ରେ ଦୁଇଟି ମାମଲା ରୁଜୁ କରିଛି। ତଦନ୍ତ ଜାରି ରହିଛି ବୋଲି ଥାନାଧିକାରୀ ବଦ୍ରିକାନାଥ ବେହେରା ସୂଚନା ଦେଇଛନ୍ତି ।

### ଯାଜପୁରରେ 'ମୋ ଦଳ' ଜିଲା କମିଟି ଗଠିତ

### ୧୯ରେ କାର୍ଯ୍ୟକାରିଣୀ ବୈଠକ

ଯାଜପୁର ସଦର,୧୫।୯(ସମର ବିଜୟ ସରଣ)

ଆସନ୍ତା ସାଧାରଣ ନିର୍ବାଚନରେ ଚାଷୀ ସରକାର ଗଢାଯାଇ ଓଡିଶାର ସାମଗ୍ରିକ ବିକାଶ ସହ ୬୦ ଲକ୍ଷ ଅବହେଳିତ ପରିବାରକୁ ସମୃଦ୍ଧି ପଥରେ ମୋ ଦଳ ଆଗେଇ ନବ ବୋଲି ନବନିର୍ମାଣ କୃଷକ ସଙ୍ଗଠନର ରାଷ୍ଟ୍ରୀୟ ସଂଯୋଜକ ତଥା ମୋ ଦଳ କାର୍ଯ୍ୟକାରୀ ସଭାପତି ଅକ୍ଷୟ କୁମାର ଦୃଢୋକ୍ତି ପ୍ରକାଶ କରିଛନ୍ତି । ଶୁକ୍ରବାର ସ୍ଥାନୀୟ ବିରଜା କଲ୍ୟାଣ ମଣ୍ଡପଠାରେ ଆୟୋଜିତ ଜିଲା ସଙ୍ଗଠନର ଉଦ୍‌ଘାଟନୀ ସମାବେଶରେ ଯୋଗଦେଇ ଅକ୍ଷୟ କୁମାର ଏହା କହିଛନ୍ତି । ସଙ୍ଗଠନର ରାଜ୍ୟ ସହ ସଂଯୋଜକ ନିମାଇଁ ରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ପ୍ରତିଷ୍ଠାତା ସଭାପତି ନିତ୍ୟସୁନ୍ଦର ଦାଶ ନିଜ ଜେଜେବାପା ଉତ୍କଳ ପ୍ରାଣ ବ୍ରଜସୁନ୍ଦର ଦାଶଙ୍କର ସ୍ମୃତିଚାରଣ କରି ଓଡିଶା ଜାତିର ଶ୍ରେଷ୍ଠ ସ୍ୱାଭିମାନି ଭାବେ ସେ ଯାଜପୁରର ଟେକ ରଖିଛନ୍ତି। ଓଡିଶା ସରକାରଙ୍କ ଚାଷୀ ବିରୋଧୀ ନୀତି ଆଜି କୃଷକମାନଙ୍କୁ ରାଜନୈତିକ ଦଳ ଗଠନ କରିବାକୁ ବାଧ୍ୟ କରିଛି। ଚାଷୀ ସରକାର ଗଠନର ୨୪ ଘଣ୍ଟା ମଧ୍ୟରେ ବରିଷ୍ଠ ନାଗରିକଙ୍କୁ ବାର୍ଦ୍ଧକ୍ୟ ଭତ୍ତା , ଚାଷୀ ଭତ୍ତା ମାସିକ ୫ ହଜାର ସହିତ ସମସ୍ତ ଜମିକୁ ଜଳସେଚନ ହେବ ବୋଲି ଅକ୍ଷୟ କୁମାର କହିଥିଲେ। ରାଜ୍ୟ ସାଧାରଣ ସମ୍ପାଦକ ଅଶୋକ କୁମାର ମନ୍ନି, ଉପସଭାପତି ଡ. କୁଳମଣୀ , ଡାକ୍ତର ଦାମୋଦର ଦାସ ଉଦ୍‌ବୋଧନ ଦେଇଥିଲେ। ୧୯ରେ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହେବ ସୂଚନା ମିଳିଛି ।

# ଖବର ପ୍ରକାଶ ପରେ ରାସ୍ତା ମରାମତି

## ପୂଜା ପୂର୍ବରୁ କାର୍ଯ୍ୟ ଶେଷ ନେଇ ସନ୍ଦେହ

ଯାଜପୁରରୋଡ଼,୧୫।୯(ପବିତ୍ର ରଞ୍ଜନ ମହାନ୍ତି)



ଜେସିବି ମେଶିନ ସାହାଯ୍ୟରେ ରାସ୍ତା ମରାମତି ଚାଲିଛି।

କଳିଙ୍ଗନଗର ଶିଳ୍ପାଞ୍ଚଳର ମୁଖଶାଳା ଭାବେ ପରିଚିତ ବ୍ୟାସନଗର ସହରର ପ୍ରବେଶ ଦ୍ୱାର ପୂର୍ତ୍ତ ବିଭାଗ ରାସ୍ତା ବିପର୍ଯ୍ୟସ୍ତ ହୋଇପଡିଛି । ଚୋରଦା ଛକ ଠାରୁ ଚୋରଦା ବାଇପାସ୍ ପର୍ଯ୍ୟନ୍ତ ମୁଖ୍ୟ ରାସ୍ତାରେ ଦୀର୍ଘଦିନ ହେବ ପିଚୁ ଉଠିଯିବା ସହ ବଡ଼ ବଡ଼ ଖାଲରେ ପୂର୍ଣ୍ଣ ହୋଇ ବିପଦ ସଙ୍କୁଳ ଅବସ୍ଥାରେ ରହିଛି। ଫଳରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେବା ସହ ଦୈନିକ ଛୋଟ ବଡ଼ ଦୁର୍ଘଟଣା ଘଟୁଛି । ଡ୍ରେନଜ ବ୍ୟବସ୍ଥା ଠିକ୍ ଭାବେ ନ ଥିବାରୁ ବର୍ଷାଜଳ ନିଷ୍କାସନ ହୋଇ ନ ପାରି ରାସ୍ତା ଉପରେ ଜମି ରହୁଛି । ୨ ଚକିଆ ଯାନବାହାନ ପାଣି ଜମି ଥିବା ଗର୍ତ୍ତରେ ପଡି ଦୁର୍ଘଟଣାଗ୍ରସ୍ତ ହେଉଛନ୍ତି । ଏ ସଂକ୍ରାନ୍ତରେ ଗତ ୨୧ ତାରିଖରେ ଯାଜପୁରରୋଡ଼ ସହର ମୁଖ୍ୟରାସ୍ତା ବିପର୍ଯ୍ୟସ୍ତ ଶୀର୍ଷକ ଖବର ଧରିତ୍ରୀରେ ପ୍ରକାଶ ପାଇଥିଲା। ଶୁକ୍ରବାର ବିଭାଗ ପକ୍ଷରୁ ଉକ୍ତ ରାସ୍ତାର ମରାମତି କାମ ଆରମ୍ଭ ହୋଇଛି । ଏହି ରାସ୍ତା ନିର୍ମାଣ ପାଇଁ ଟେଣ୍ଡର ହୋଇସାରିଛି । ସମୁଦାୟ ୪୨୦ ମିଟର ଢଳାଇ ରାସ୍ତା ସହ ଦୁଇପାଖରେ ଡ୍ରେନ ଓ ରାସ୍ତା ମଝିରେ ଡ଼ିଭାଇଡ଼ର ନିର୍ମାଣ ହେବ। ଏହି କାମ ପାଇଁ ବିଭାଗ ପକ୍ଷରୁ ୧ କୋଟି ୩୭ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି ବୋଲି ବିଭାଗୀୟ ସହକାରୀ ଯନ୍ତ୍ରୀ ଦିଲିପ କୁମାର ନାୟକ କହିଛନ୍ତି । ଅନ୍ୟପକ୍ଷେ ରାସ୍ତା ୨ ପଟ ସମ୍ପ୍ରସାରଣ ପାଇଁ କିଛି ସ୍ଥାନରେ ଥିବା ଜବରଦଖଲ ଉଚ୍ଛେଦ କାମ କରାଯାଇନାହିଁ । ଏନେଇ ବିଭାଗ ପକ୍ଷରୁ ବ୍ୟାସନଗର ତହସିଲଦାରଙ୍କୁ ବାରମ୍ବାର ଚିଠି ମାଧ୍ୟମରେ ଅବଗତ କରାଯାଇଛି । ତହସିଲ ପକ୍ଷରୁ ଉଚ୍ଛେଦ କାର୍ଯ୍ୟରେ ବିଳମ୍ବ ହେଉଛି । ଉଚ୍ଛେଦ ପରେ ରାସ୍ତା କାର୍ଯ୍ୟ ଆରମ୍ଭ ହେବ ବୋଲି ବିଭାଗୀୟ ଯନ୍ତ୍ରୀ କହିଛନ୍ତି । ଏ ସମ୍ପର୍କରେ ବ୍ୟାସନଗର ତହସିଲଦାର ଅଶୋକ କୁମାର ମାଝିଙ୍କୁ ପଚାରିବାରେ ସେ କହିଛନ୍ତି, ବର୍ଷା ଲାଗି ରହିଥିବାରୁ ଉଚ୍ଛେଦ କାର୍ଯ୍ୟ ହୋଇପାରିନାହିଁ । ବର୍ଷା ଛାଡିଲେ ଏହି କାର୍ଯ୍ୟ ହେବ । ଆଗକୁ ପାର୍ବଣ ଋତୁ ଆସୁଛି । ତାହା ପୂର୍ବରୁ ଉକ୍ତ ରାସ୍ତାର କାର୍ଯ୍ୟ ସମ୍ପୂର୍ଣ୍ଣ ନ ହେଲେ ଟ୍ରାଫିକ ସମସ୍ୟା ଦ୍ୱିଗୁଣିତ ହେବ ସାଧାରଣରେ ମତ ପ୍ରକାଶ ପାଇଛି ।

## ସଂକ୍ଷେପରେ

### ଶ୍ରୀବନ୍ତପୁର ଗାଁରୁ ୭୫ କେଜି ଗଞ୍ଜେଇ ଜବତ,ଜଣେ ଗିରଫ



ରସୁଲପୁର,୧୫।୯(ରଞ୍ଜିତ ରାଉତ)

କୁଆଖିଆ ଥାନା ଅନ୍ତର୍ଗତ ଶ୍ରୀଦନ୍ତପୁର ପଞ୍ଚାୟତରେ ଶୁକ୍ରବାର ଯାଜପୁର ଜିଲା ଅବକାରୀ ମୋବାଇଲ ସ୍କ୍ୱାର୍ଡ ଓ ଡୋଲିପୁର ଅବକାରୀ ବିଭାଗ ପକ୍ଷରୁ ଶ୍ରୀବନ୍ତପୁର ଗାଁରେ ଚଢ଼ାଉ କରାଯାଇ ୭୫ କେଜି ଗଞ୍ଜେଇ ଜବତ କରିବା ସହିତ ଜଣଙ୍କୁ ଗିରଫ କରାଯାଇଛି। ଅବକାରୀ ଅଧୀକ୍ଷକ ଅମରେନ୍ଦ୍ର କୁମାର ଜେନାଙ୍କ ନିର୍ଦ୍ଦେଶରେ ଅବକାରୀ ଇନ୍ସପେକ୍ଟର ସମୀର କୁମାର ମହାନ୍ତି କୁଆଖିଆ ଥାନା ଅନ୍ତର୍ଗତ ଶ୍ରୀବନ୍ତପୁର ଗାଁରେ ଚଢ଼ାଉ କରିଥିଲେ। ଏହି ସମୟରେ ଜଣେ ବ୍ୟକ୍ତି ଘର ଭିତରେ ଗଞ୍ଜେଇ ରଖିଥିବା ଦେଖି ୩ ବସ୍ତା ଗଞ୍ଜେଇ ଜବତ କରିଥିଲେ। ଏଥିସହ ଗଞ୍ଜେଇ କାରବାରରେ ସମ୍ପୃକ୍ତ ଅଭିଯୁକ୍ତ କୁଆଖିଆ ଥାନା ଶ୍ରୀବନ୍ତପୁର ଗାଁର ଜ୍ଞାନେନ୍ଦ୍ର ସ୍ୱାଇଁଙ୍କୁ ଗିରଫ କରାଯାଇଛି। ଅବକାରୀ ବିଭାଗ ପକ୍ଷରୁ ଏକ ମାମଲା(ନଂ.୧୨୩/୨୩) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି । ଜବତ ୩ ବସ୍ତାରୁ ୭୫କେଜି ଗଞ୍ଜେଇ ଜବତ କରାଯାଇଛି।

### ସଂଖ୍ୟାଲଘୁ ସମ୍ପ୍ରଦାୟର ପ୍ରସ୍ତୁତି ବୈଠକ

ବ୍ରହ୍ମବରଦା,୧୫।୯(ଯଯାତି କେଶରୀ ବେହେରା)

ରସୁଲପୁର ବ୍ଲକ ଅନ୍ତର୍ଗତ ବ୍ରହ୍ମ ବରଦା ପଞ୍ଚାୟତରେ ସଂଖ୍ୟାଲଘୁ ସମ୍ପ୍ରଦାୟର ମୌଳିକ ସମସ୍ୟା ଓ ଏହାର ସମାଧାନ ନିମନ୍ତେ ଗୁରୁବାର ସନ୍ଧ୍ୟାରେ ବ୍ରହ୍ମବରଦା ପଞ୍ଚାୟତ ଅଫିସଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ସରପଞ୍ଚଙ୍କ ପ୍ରତିନିଧି ରାକେଶ ଦେଓଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ ବରୀ ବିଧାୟିକା ସୁନନ୍ଦା ଦାସ ଯୋଗ ଦେଇଥିଲେ । ବିଜେଡି ସଂଯୋଜକ ଦେବେନ୍ଦ୍ର ଦାସଙ୍କ ସମେତ ବନ୍ଧଡିଅ, ବ୍ରହ୍ମବରଦା,ଚାନ୍ଦପୁର, ଝାଲପଡା, ମଙ୍ଗରାଜପୁର, ରୁଦ୍ରପୁର,ଅର୍ଥଙ୍ଗା , ରାଉତରାପୁର, ଅତଲାପୁ ଏବଂ ସାମନ୍ତରାପୁର ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟଙ୍କ ସହ ସେମାନଙ୍କ ପ୍ରତିନିଧିମାନେ ଯୋଗଦାନ କରିଥିଲେ। ସଂଖ୍ୟା ଲଘୁ ସମ୍ପ୍ରଦାୟର ମୌଳିକ ସମସ୍ୟା ଓ ଏହାର ସମାଧାନ ନିମନ୍ତେ ବିସ୍ତୃତ ଆଲୋଚନା କରାଯାଇଥିଲା। ଆଗାମୀ ଅକ୍ଟୋବର ୮ରେ ବ୍ରହ୍ମବରଦା ପଞ୍ଚାୟତର ମୌଶାଇରା ପଡିଆରେ ସଂଖ୍ୟା ଲଘୁ ସମ୍ପ୍ରଦାୟର ଏକ ବିଶାଳ ସଭା ଅନୁଷ୍ଠିତ ହେବ ବୋଲି ଧାର୍ଯ୍ୟ କରାଯାଇଛି। ଏହି ସଭାରେ ରାଜ୍ୟସଭା ସଦସ୍ୟ ତଥା ସଖ୍ୟାଲଘୁ ସମ୍ପ୍ରଦାୟର ରାଜ୍ୟ ସଭାପତି ମୁନା ଖାଁ ଓ ପୂର୍ବତନ ବିଧାୟକ ସେକ୍ ଆୟୁବ ଖାଁ ଯୋଗଦାନ କରିବେ ବୋଲି ବଧାୟିକା ସୂଚନା ଦେଇଛନ୍ତି। ସ୍ଥାନୀୟ ବୁଦ୍ଧିଜୀବୀ ଅବଦୁଲ ଦୟାଲ ଖାଁ, ସେକ୍ ଅଖତାର ଅଲ୍ଲୀ, ସେକ୍ ସାବିର ଅଲ୍ଲୀ, ସେକ୍ ଜାଭେଦ ଆଦି ଯୋଗଦାନ କରିଥିବା ବେଳେ ସେକ୍ ଜୁଲ୍ ଫିକର ଅଲ୍ଲୀ ଧନ୍ୟବାଦ ଅର୍ପଣ କରିଥିଲେ।

### ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ

ବରୀ,୧୫।୯(ମହେନ୍ଦ୍ର ସ୍ୱାଇଁ)

ରାଜ୍ୟ ସରକାରଙ୍କ ମଧୁବାବୁ ପେନ୍‌ସନ ଯୋଜନାରେ ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରାଯାଇଛି। ୩୭୯୦ ଜଣ ଭତ୍ତା ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ବ୍ଲକର ରମ୍ଭା,ଅଟିରା,କିମ୍ବିରିଆପାଳ,ବାଲିଆ ସମେତ ୭ ପଞ୍ଚାୟତରେ ନୂତନ ଭତ୍ତା ବଣ୍ଟନ କରାଯାଇଛି। ନୂତନ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମରେ ବରୀ ବିଧାୟିକା ସୁନନ୍ଦା ଦାସ, ମଣ୍ଡଳ ଉନ୍ନୟନ ଅଧିକାରୀ ନମିତା ବାରିକ, ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ମହେଶ୍ୱର ସେଠୀ, କାର୍ଯ୍ୟ ନିର୍ବାହୀ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ନାୟକ, ବିଏସ୍‌ଏସ୍‌ଓ ରଞ୍ଜିତ ଜେନା, ପ୍ରୋଗ୍ରାମ ଆସିଷ୍ଟାଣ୍ଟ ସୁରେଶ କୁମାର ପଣ୍ଡା ପ୍ରମୁଖ ଯୋଗ ଦେଇ ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରିଥିଲେ। ଯେଉଁ ହିତାଧିକାରୀ ଆବେଦନ କରି ଭତ୍ତା ପାଇନାହାନ୍ତି ଖୁବ୍‌ଶୀଘ୍ର ସେମାନଙ୍କ ନାମ ତାଲିକା ପ୍ରସ୍ତୁତ କରି ମଧୁବାବୁ ପେନସନ ଯୋଜନାରେ ଭତ୍ତା ଯୋଗାଇ ଦିଆଯିବ ବୋଲି ବରୀ ବିଧାୟିକା କହିଥିଲେ। ଅପରପକ୍ଷେ ବିଭିନ୍ନ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀମାନଙ୍କୁ ଏକ ସ୍ୱଚ୍ଛ ତାଲିକା ପ୍ରସ୍ତୁତ କରିବାକୁ କୁହାଯିବ ବୋଲି ବରୀ ମଣ୍ଡଳ ଉନ୍ନୟନ ଅଧିକାରୀ ବାରିକ ସୂଚନା ଦେଇଛନ୍ତି।

# ଲୁଣିବର ଖାଦାନରୁ କଳାପଥର ଲୁଟ୍‌

ଯାଜପୁର,୧୫।୯(ହର୍ଷବର୍ଦ୍ଧନ ବେହେରା)

## ଥାନାରେ ଅଭିଯୋଗ କଲେ ପୂର୍ବ ଲିଜ୍‌ଧାରୀ

ମାଇନିଂ ପ୍ଲାନ ଅନୁସାରେ ଲିଜ୍‌ପ୍ରାପ୍ତ ସୈରାତରୁ ଅନୁମୋଦନ ପରିମାଣର କଳାପଥର ଖନନ କରି ଉତ୍ତୋଳନ କରିବାର ନିୟମ ରହିଛି। କିନ୍ତୁ ଯାଜପୁର ଜିଲା ଧର୍ମଶାଳା ତହସିଲ ଅଞ୍ଚଳରେ ଏହାର ୫୦ରୁ ୧୦୦ ଗୁଣ ପର୍ଯ୍ୟନ୍ତ ଅଧିକ ଉତ୍ତୋଳନ କରାଯାଇ ଚାଲାଣ ହେଉଥିବା ଅଭିଯୋଗ ହୋଇଛି। ଏହାକୁ ଆଧାର କରି ପ୍ରଶାସନ ପକ୍ଷରୁ ସାଟେଲାଇଟ୍ ମାପଚୁପ୍ କରି ଜରିମାନା ଆଦାୟ କରିବାକୁ ଡିମାଣ୍ଡ ନୋଟିସ ହୋଇ ସାରିଛି। ଲୁଣିବର ପାହାଡ଼ର ୪ ନମ୍ବର ଖାଦାନରୁ ଅନୁମୋଦନଠାରୁ ଅଧିକ କଳାପଥର ଉତ୍ତୋଳନ ହୋଇଥିବା ମାପଚୁପରେ ସ୍ପଷ୍ଟ ହେବା ପରେ ପ୍ରଶାସନ ପକ୍ଷରୁ ପୂର୍ବ ଲିଜ୍‌ଧାରୀ ସରୋଜ ରାଉତଙ୍କଠାରୁ ୬୩ କୋଟି ଟଙ୍କା ଜରିମାନା ଆଦାୟ ପାଇଁ ନୋଟିସ ହୋଇଛି। ଲିଜ୍‌ଧାରୀ ସରୋଜ ପ୍ରଶାସନର ଏହି ନୋଟିସ ବିରୋଧରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ତେବେ ମାମଲା ବିଚାରାଧୀନ ଥିବା ସମୟରେ ଶୁକ୍ରବାର ପୂର୍ବାହ୍ନରେ ଉକ୍ତ ଖାଦାନରୁ ଚୋରାଚାଲାଣ ହେଉଥିବା ନେଇ ସେ ଜେନାପୁର ଥାନା ଏବଂ ଧର୍ମଶାଳା ତହସିଲ ଅଫିସରେ ଅଭିଯୋଗ କରିଛନ୍ତି। ଏହି ଅଭିଯୋଗ ଆଧାରରେ ଜେନାପୁର ଥାନା ପୋଲିସ ୭ଟି ବିଭିନ୍ନ ଗାଡ଼ିକୁ ଜବତ କରିଛି। ଖାଦାନରେ ନିୟୋଜିତ ୩ଟି ଗାଡ଼ିକୁ ନେଇଯିବାରେ ଲୁଟକାରୀ ଦଳ ସଫଳ ହୋଇଥିବା ସୂଚନା ମିଳିଛି। ଏହି ଚୋରାଚାଲାଣରେ ୧୦ ଜଣ ବ୍ୟକ୍ତି ସାମିଲ ଥିଲେ ବୋଲି ଅଭିଯୋଗରେ ଦର୍ଶାଯାଇଛି। ରିପୋର୍ଟ ଲେଖାହେବା ବେଳକୁ ଜେନାପୁର ଥାନା ପୋଲିସର କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ଜଣାପଡ଼ିନାହିଁ। ଥାନାରେ ହୋଇଥିବା ଅଭିଯୋଗ ଅନୁସାରେ ତେଲିପୋଖରୀ ଗ୍ରାମର ସରୋଜ ଲୁଣିବର ଖାଦାନକୁ ୫ ବର୍ଷିଆ ଲିଜ୍ ସୂତ୍ରରେ ନେଇଥିଲେ। ଏବେ ଲିଜ୍ ଅବଧି ସରିଯାଇଥିବାବେଳେ ଜରିମାନା ଡିମାଣ୍ଡ ନୋଟିସ ବିରୋଧରେ ମାମଲା ବିଚାରାଧୀନ ରହିଛି। ତେଣୁ ଖାଦାନ କାର୍ଯ୍ୟ ବନ୍ଦ ରହିଛି। ଏହାର ସୁଯୋଗ ନେଇ କେତେଜଣ ଲୋକ ସଂଘବଦ୍ଧ ଭାବେ ଲୁଣିବର ଖାଦାନରେ ରାତିରେ ବ୍ଲାଷ୍ଟିଂ କରି କଳାପଥର ଚୋରିକରି ନେଉଛନ୍ତି। ଶୁକ୍ରବାର ଟ୍ରାକ୍ଟର, ଟ୍ରକ୍ ଓ ଜେସିବି ମେଶିନ ଦ୍ୱାରା କଳାପଥର ଉତ୍ତୋଳନ କରୁଥିବା ଦେଖି ସରୋଜ ତାହାକୁ ବିରୋଧ କରିବା ସହ ପୋଲିସକୁ ଖବର ଦେଇଥିଲେ। କିନ୍ତୁ ସମ୍ପୃକ୍ତ ବ୍ୟକ୍ତିମାନେ ତାଙ୍କ କର୍ମଚାରୀମାନଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ କରିଥିଲେ ବୋଲି ସରୋଜ ଅଭିଯୋଗରେ ଦର୍ଶାଇଛନ୍ତି। ଏନେଇ ସେ ତହସିଲଦାରଙ୍କୁ ଲିଖିତ ଅଭିଯୋଗ କରିଛନ୍ତି।

ସୂଚନାଯୋଗ୍ୟ, ଲୁଣିବର ପାହାଡ଼ର ୪ ନମ୍ବର ଖାଦାନର ଲିଜ୍ ଅବଧି ସରି ଯାଇଥିବାରୁ ତହସିଲ ପ୍ରଶାସନ ପକ୍ଷରୁ ଉକ୍ତ ଖାଦାନକୁ ଲକ୍ଷ୍ମୀ ଏକ୍ସପୋର୍ଟ ସଂସ୍ଥାକୁ ଲିଜ୍ ସୂତ୍ରରେ ପ୍ରଦାନ କରାଯାଇଛି। ଯେହେତୁ ମାମଲା ବିଚାରାଧୀନ ଥିବାରୁ ଏହାକୁ ପୂର୍ବ ଲିଜ୍‌ଧାରୀ ସରୋଜ ବିରୋଧ କରିଆସୁଛନ୍ତି। ତହସିଲ ପ୍ରଶାସନର ଭୁଲ ନିଷ୍ପତ୍ତି ଯୋଗୁ ନିର୍ଦ୍ଧାରିତ ଜରିମାନା ଆଦାୟ ହେଉ ନ ଥିବାବେଳେ ପରିବେଶଗତ ଅନୁମତି(ଇସି) ଫେରାଇବାକୁ ପଦକ୍ଷେପ ନେବାରେ ବିଳମ୍ବ ହେଉଛି। ଏନେଇ ସିଆ ପକ୍ଷରୁ ଯାଜପୁର ଜିଲାପାଳଙ୍କୁ ନୋଟିସ ଦିଆଯିବାର ପ୍ରାୟ ୧୫ ଦିନ ଅତିକ୍ରାନ୍ତ ହୋଇସାରିଥିଲେ ହେଁ କିଛି ପଦକ୍ଷେପ ନିଆଯାଇ ନ ଥିବା ସୂଚନା ମିଳିଛି। ଏହାର ସୁଯୋଗରେ ଜରିମାନା ନିର୍ଦ୍ଦେଶ ହୋଇଥିବା ଲିଜ୍‌ଧାରୀମାନେ ଫାଇଦା ନେବା ସହ ବେଆଇନ ଭାବେ କଳାପଥର ଲୁଟ କରୁଥିବା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

## ହିନ୍ଦୀ ଶିକ୍ଷାର ପ୍ରଚାର ପ୍ରସାର ଉପରେ ଗୁରୁତ୍ୱ




ହିନ୍ଦୀ ଦିବସ ପାଳନ ଅବସରରେ ଉପସ୍ଥିତ ଅତିଥିମାନେ।

ଡେରାବିଶ, ୧୫।୯ (ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ ବାରିମୂଳ ପଞ୍ଚାୟତ ଅନ୍ତର୍ଗତ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ କେନ୍ଦ୍ରାପଡ଼ା ନେହେରୁ ଯୁବକେନ୍ଦ୍ର ପକ୍ଷରୁ ଶୁକ୍ରବାର ହିନ୍ଦୀ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମଧୁସୂଦନ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ରୀୟ ବିଦ୍ୟାଳୟ କେନ୍ଦ୍ରାପଡ଼ାର ଶିକ୍ଷକ ଇଦ୍ରିଶ ଅଲ୍ଲୀ, ସମ୍ମାନିତ ଅତିଥି ଭାବେ ହିନ୍ଦୀ ଶିକ୍ଷକ ବଟକୃଷ୍ଣ ସାମଲ, ଓଷ୍ଟାର ରାଜ୍ୟ ସମ୍ପାଦକ ପ୍ରଣବ କୁମାର ଜେନା, ନେହେରୁ ଯୁବକେନ୍ଦ୍ରର ଜିଲା ଯୁବା ଅଧିକାରୀ ଗୋଲି ତିରୁପତି ରେଡ୍ଡୀ, ଲକ୍ଷ୍ମୀକାନ୍ତ ଜେନା ଓ ବିଦ୍ୟାଳୟ ଶିକ୍ଷା କମିଟି ସଭାପତି ନିତ୍ୟାନନ୍ଦ ପାଣି ଯୋଗଦେଇ ହିନ୍ଦୀ ଶିକ୍ଷାର ପ୍ରଚାର ପ୍ରସାର ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଦିବସ ଅବସରରେ ଅନୁଷ୍ଠିତ ହୋଇଥିବା ପ୍ରବନ୍ଧ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଶିକ୍ଷକ ଇଦ୍ରିଶ ଅଲ୍ଲୀଙ୍କୁ 'ଆଦର୍ଶ ଶିକ୍ଷକ' ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଶିକ୍ଷକ ରମେଶ ଚନ୍ଦ୍ର ଖଟୁଆ, ଧନେଶ୍ୱର ସ୍ୱାଇଁ, ମନ୍ମଥ କୁମାର ତ୍ରିପାଠୀ, ତ୍ରିଲୋଚନ ସ୍ୱାଇଁ, କରୁଣାକର ସାମଲ, ହରେକୃଷ୍ଣ ପଣ୍ଡା, ପରିକ୍ଷୀତ ମଲିକ ପ୍ରମୁଖ ପରିଚାଳନା କରିଥିଲେ। ଶିକ୍ଷକ ଗିରିଧାରୀ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଇପିଏଫ୍ ପେନସନର୍ସ ଆସୋସିଏଶନ୍ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର




ଅଲ ଓଡ଼ିଶା ଇପିଏଫ୍ ପେନସନର୍ସ ଆସୋସିଏଶନ୍ ଯାଜପୁର ଶାଖା ପକ୍ଷରୁ ଶୁକ୍ରବାର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

ଯାଜପୁର ଟାଉନ,୧୫।୯(ପ୍ରଯୋକ୍ତା ପ୍ରିୟଦର୍ଶନୀ ମହାନ୍ତି)

ଅଲ ଓଡ଼ିଶା ଇପିଏଫ୍ ପେନସନର୍ସ ଆସୋସିଏଶନ୍ ଯାଜପୁର ଶାଖା ପକ୍ଷରୁ ଶୁକ୍ରବାର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଅବସରରେ ଗାନ୍ଧୀଛକ ଠାରେ ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ତଳେ ଏକ ପ୍ରତିବାଦ ସଭା କରାଯାଇଥିଲା। ଦେଶରେ ୭୦ଲକ୍ଷ ଇପିଏଫ୍-୯୫ ପେନ୍‌ସନର୍ସ ଙ୍କ ମଧ୍ୟରୁ ଓଡ଼ିଶାରେ ୨ଲକ୍ଷ ପେନ୍‌ସନ୍ ଭୋଗି ମାସିକ ୪ଶହ ଟଙ୍କାରୁ ୪ହଜାର ଟଙ୍କା ପର୍ଯ୍ୟନ୍ତ ପାଉଥିବା ବେଳେ ଇ.ପି.ଏଫ୍ ପେନସନ୍ ବଗି ବରିଷ୍ଠ ନାଗରିକମାନେ ଏକ ସଙ୍କଟଜନକ ପରିସ୍ଥିତି ଦେଇ ଗତି କରୁଛନ୍ତି। ସୁପ୍ରିମ୍‌କୋର୍ଟଙ୍କ ରାୟ ତା୦୪.୧୧.୨୦୨୨ରିଖରେ ପ୍ରକାଶ ପାଇବା ପରେ ପେନସନ୍ ଭୋଗୀମାନଙ୍କ ମଧ୍ୟରେ ଆଶା, ଆଶଙ୍କା ଓ ନୈରାଶ୍ୟ ପ୍ରକାଶ ପାଇଛି। କେଉଁମାନଙ୍କ ପେନସନ୍ ବଢ଼ିବ ତାହା ଏପର୍ଯ୍ୟନ୍ତ ଜଣାପଡିନାହିଁ। ୨୦୧୮ରୁ ଏହି ପେନସନ୍ ଭୋଗୀମାନେ ସର୍ବନିମ୍ନ ପେନସନ୍ ବୃଦ୍ଧି ଲାଗି ବିଭିନ୍ନ ଗଣତାନ୍ତ୍ରିକ ଉପାୟରେ କେନ୍ଦ୍ରସରକାର ଭବିଷ୍ୟନିଧି ସଂଗଠନ ଉପରେ ଚାପ ପ୍ରୟୋଗ କରିଆସୁଛନ୍ତି। ସର୍ବନିମ୍ନ ମାସିକ ୯ହଜାର ଟଙ୍କା ସହ ଦରଦାମ ବୃଦ୍ଧିର ଭରଣା ଲାଗି ମାସିକ ଭତ୍ତା ଏବଂ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ସମସ୍ତଙ୍କୁ ବର୍ଦ୍ଧିତ ପେନସନ୍ ପ୍ରଦାନ କରିବା ପାଇଁ ଦାବି କରାଯାଇଛି। ମାତ୍ର ଦୁଃଖ ଓ ପରିତାପର ବିଷୟ ପ୍ରଧାନମନ୍ତ୍ରୀ ଏହି ପେନ୍‌ସନ୍ ଭୋଗୀଙ୍କ ସମସ୍ୟାକୁ ହୃଦୟଙ୍ଗମ କରି ପେନ୍‌ସନ୍ ବୃଦ୍ଧି କରିବା ପରିବର୍ତ୍ତେ ନିଦାବିଷ୍ଣୁ ସାଜିଛନ୍ତି। ଯାହାର ପରିଣାମ ସ୍ୱରୂପ ଇ.ପି.ଏଫ୍ ପେନସନ୍ ଭୋଗୀ ଦୁଃଖ ଦୁର୍ଦ୍ଦଶାରେ ଦିନ କାଟୁଛନ୍ତି। 'ପେନ୍‌ସନ୍ ନାହିଁ ତ ଭୋଟ୍ ନାହିଁ' ନ୍ୟାୟରେ ଓଡ଼ିଶା ରାଜ୍ୟରେ ଏହି ଆନ୍ଦୋଳନ ରୂପାନ୍ତରିତ କରାଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। କେନ୍ଦ୍ର ସରକାର ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ଜରିଆରେ ଏକ ଲିଖିତ ଦାବିପତ୍ର ସଭାପତି ଲିୟାକତ୍ ଅଲ୍ଲୀ ଖାଁ, ସମ୍ପାଦକ ନିରଞ୍ଜନ ପଣ୍ଡା, କୁଳମଣୀ ସାମଲ, ପ୍ରଫୁଲ ଦାସ, ରଘୁନାଥ ମାଝି, ଦୟାନିଧି ଷଡ଼ଙ୍ଗୀ, ଶରତ ପାଣିଙ୍କ ସମେତ ଶତାଧିକ ପେନସନ୍ ଭୋଗୀ ଗାନ୍ଧୀ ଛକଠାରେ ଏକତ୍ରିତ ହୋଇ ପ୍ରତିବାଦ କରିବା ସହ ଏକ ଦାବିପତ୍ର ପ୍ରଦାନ କରିଥିଲେ।

## ସପ୍ତମ ଦିନରେ ପ୍ରାଥମିକ ଶିକ୍ଷକଙ୍କ ଧାରଣା

ଧର୍ମଶାଳା,୧୫।୯(ବଟକୃଷ୍ଣ ପରିଡ଼ା)

ଧର୍ମଶାଳା ବ୍ଲକ୍ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘର ଧାରଣା ଶୁକ୍ରବାର ସପ୍ତମ ଦିନରେ ପହଞ୍ଚିଛି। ବ୍ଲକ ଶିକ୍ଷକ ସଂଘ ସଭାପତି ଯୁଗଳ କିଶୋର ଦାସଙ୍କ ନେତୃତ୍ୱରେ ବ୍ଲକର ସମସ୍ତ ବର୍ଗର ପ୍ରାଥମିକ ଶିକ୍ଷକଙ୍କ ସାମୁହିକ ଗଣଧାରଣା ଜାରିରହିଛି। ବ୍ଲକର ସମସ୍ତ ବର୍ଗର ୬୫୦ରୁ ଉର୍ଦ୍ଧ୍ୱ ପ୍ରାଥମିକ ଶିକ୍ଷକ ଏନ୍‌ପିଏସ୍ ଓ ଚୁକ୍ତି ଭିତ୍ତିକ ଜୁନିୟର ଶିକ୍ଷକ ପ୍ରମୁଖ ସମୂହ ଛୁଟି ନେଇ ଦିନ ୧୦ ଘଟିକାରୁ ୪ ଟା ପର୍ଯ୍ୟନ୍ତ ବ୍ଲକ ଶିକ୍ଷାଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସି ରହିଛନ୍ତି। ଶିକ୍ଷକମାନଙ୍କ ୩ ଦଫା ଦାବି ଯଥା ପ୍ରାଥମିକ ଶିକ୍ଷା ବ୍ୟବସ୍ଥାରୁ ଠିକା ପ୍ରଥା ଉଚ୍ଛେଦ, ସମସ୍ତ ପ୍ରାଥମିକ ଶିକ୍ଷକଙ୍କୁ ଅବିକଳ କେନ୍ଦ୍ରୀୟ ହାରରେ ଦରମା ପ୍ରଦାନ, ଶିକ୍ଷାକର୍ମୀ ଓ ଶିକ୍ଷା ସହାୟକଙ୍କ ମୂଳ ଚାକିରିରେ ଗଣନା କରିବା ସହ ୬ଟି କେନ୍ଦ୍ରୀୟ ଇନକ୍ରିମେଣ୍ଟ ପ୍ରଦାନ କରିବା ସହ ସମସ୍ତ ଶିକ୍ଷକମାନଙ୍କ ପାଇଁ ପେନ୍‌ସନ ବ୍ୟବସ୍ଥା କରିବାକୁ ଏହି ଧାରଣା ଦିଆଯାଇଛି। ସରକାର ଉପରୋକ୍ତ ଦାବିଗୁଡିକ ସମାଧାନ ନ କରିବା ଯାଏ ଧାରଣା ଜାରି ରହିବ ବୋଲି ଶିକ୍ଷକମାନେ ଚେତାବନୀ ଦେଇଛନ୍ତି। ଆଜିର ଏହି ଧାରଣାରେ ଶିକ୍ଷକ ସଂଘର ନେତା ଆର୍ତ୍ତତ୍ରାଣ ସେଠୀ, ରବିନ୍ଦ୍ର ପ୍ରସାଦ ମିଶ୍ର, ଅଜୟ କୁମାର ଜେନା, ରମେଶ ଚନ୍ଦ୍ର ବାରିକ, ଭାରତି ଓଝା, ଅଶୋକ ପ୍ରଧାନ, ମନୋଜ କୁମାର ରଣା ଓ ବରିଷ୍ଠ ଉପଦେଷ୍ଟା ଅକ୍ଷୟ କୁମାର ଦାସ, ରମେଶ ଚନ୍ଦ୍ର ସ୍ୱାଇଁ, ନରେନ୍ଦ୍ର ବେହେରା, ନାରାୟଣ ନନ୍ଦ, ନିବେଦିତା ପରିଡା, ପ୍ରକାଶ ନାୟକ ପ୍ରମୁଖ ଉପସ୍ଥିତ ରହି ଦାବି ପୂରଣ ପାଇଁ ସରକାରଙ୍କୁ ନିବେଦନ କରିଥିଲେ। ବ୍ଲକ କଂଗ୍ରେସ ସଭାପତି କିଶାନ ପଣ୍ଡା ଶିକ୍ଷକଙ୍କ ଧାରଣାକୁ ସମର୍ଥନ କରିଥିଲେ।

## ସଭାପତିଙ୍କ ନାମରେ ଚିଠା, କାମ ହାତେଇନେଲେ ଠିକାଦାର

### କୁଆମଙ୍ଗା ବଡ଼ ମସ୍‌ଜିଦ ଉନ୍ନତୀକରଣ କାର୍ଯ୍ୟ

ରଘୁନାଥପୁର,୧୫।୯
(ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ କୁଆମଙ୍ଗାସ୍ଥିତ ବଡ଼ ମସ୍‌ଜିଦ ଉନ୍ନତୀକରଣ କାର୍ଯ୍ୟ ସମ୍ପାଦନ ନିମନ୍ତେ ମସ୍‌ଜିଦର ସଭାପତି ମିର୍ଜା ମେହେବୁବ ବେଗ୍‌ଙ୍କ ନାମରେ ତିର୍ତ୍ତୋଲ ବିଧାୟକ ଚିଠା ପ୍ରଦାନ କରିଥିଲେ। ସଭାପତି ବେଗ୍ ଏହି ଚିଠାକୁ ବ୍ଲକରେ ପ୍ରଦାନ କରିବାବେଳେ ଉକ୍ତ କାର୍ଯ୍ୟକୁ ବାହାର ପଞ୍ଚାୟତର ଜଣେ ଠିକାଦାରଙ୍କ ହାତକୁ ସମର୍ପି ଦିଆଯାଇଥିବା ଜାଣିବାକୁ ପାଇଥିଲେ। ତେବେ ମସ୍‌ଜିଦ କମିଟିକୁ ନ ଜଣାଇ ଏହା କିପରି ସମ୍ଭବ ହେଲା ବୋଲି ବେଗ୍ କ୍ଷୋଭ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ବେଗ୍ ଖବରଦାତାଙ୍କୁ ନିଜର ପ୍ରତିକ୍ରିୟା ରଖିଥିଲେ। ଜୁନ୍‌ରେ ୫-ଟି ସଚିବ ଭି.କେ. ପାଣ୍ଡିଆନଙ୍କ ଜଗତ୍‌ସିଂହପୁର ଜିଲା ଗସ୍ତ ସମୟରେ ତାଙ୍କୁ ଭେଟି ମସ୍‌ଜିଦର ପ୍ରାର୍ଥନା କକ୍ଷ ପାଇଁ ଅନୁଦାନ ଯୋଗାଇ ଦେବାକୁ ସେ ଅନୁରୋଧ କରିଥିଲେ। ଏଥିପାଇଁ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନାରେ ୪ ଲକ୍ଷ ଟଙ୍କା ମସ୍‌ଜିଦର ରୂପାନ୍ତରଣ ପାଇଁ ଯୋଗାଇ ଦିଆଯାଇଥିଲା। ଏହି କାର୍ଯ୍ୟ କରିବା ପାଇଁ ମସ୍‌ଜିଦର ସଭାପତି ବେଗ୍‌ଙ୍କ ନାମକୁ ବିଧାୟକ ବ୍ଲକ ପ୍ରଶାସନକୁ ସୁପାରିସ ମଧ୍ୟ କରିଥିଲେ। ଚାଞ୍ଚଲ୍ୟକତାପୂର୍ଣ୍ଣ ଭାବେ ପ୍ରଶାସନ ଉକ୍ତ କାର୍ଯ୍ୟକୁ ଠିକାଦାର ହାତକୁ ଟେକି ଦେଇଛନ୍ତି। ଉକ୍ତ କାର୍ଯ୍ୟର ବୈଧତା ଓ ଗୁଣବତ୍ତା ପ୍ରତି ଆଶଙ୍କା ରହୁଛି ବୋଲି ସଭାପତି ବେଗ୍ ଅଭିଯୋଗ କରିଛନ୍ତି। ବିଧାୟକଙ୍କ ସୁପାରିସକୁ ଅବଜ୍ଞା କରି କାହା ଇଙ୍ଗିତରେ ଏସବୁ ଚାଲିଛି ବୋଲି ସେ ପ୍ରଶ୍ନ ଉଠାଇଛନ୍ତି। ଏ ସମ୍ପର୍କରେ ଖୁବ୍‌ଶୀଘ୍ର ୫-ଟି ସଚିବଙ୍କୁ ଲିଖିତ ଅଭିଯୋଗ କରିବେ ବୋଲି ସେ ସୂଚନା ଦେଇଛନ୍ତି।

## ସ୍କୁଲ ସୁରକ୍ଷା ପାଇଁ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଭେଟିଲା ସ୍ୱାଭିମାନ ମଞ୍ଚ

କାଏମା,୧୫।୯(ଶିବପ୍ରସାଦ ମହାନ୍ତି)

ଧର୍ମଶାଳା ତହସିଲ ଅନ୍ତର୍ଗତ କାଏମାଠାରୁ ଶାନ୍ତିବଜାର ରାସ୍ତା ପ୍ରଶସ୍ତିକରଣ ପାଇଁ କାଏମା ଲାଲ ବାହାଦୁର ଉଚ୍ଚ ଓ ପ୍ରାଥମିକ ବିଦ୍ୟାଳୟ ଘରଗୁଡ଼ିକ ସମ୍ପୂର୍ଣ୍ଣ ମାପଚୁପ ହୋଇଛି । ମାପ ଅନୁସାରେ ଯଦି ରାସ୍ତା ନିର୍ମାଣ କରାଯାଏ ତେବେ ସ୍କୁଲଟି ସେହି ସ୍ଥାନରୁ ଲିଭିଯିବ ବୋଲି ଅନୁମାନ କରାଯାଉଛି। ଏହି ସ୍କୁଲ ୧୯୬୮ରେ ସ୍ଥାପିତ ହୋଇଥିଲା । ୫-ଟି ଯୋଜନାରେ ଏହି ସ୍କୁଲକୁ ରୂପାନ୍ତରଣ କରାଯାଇଛି। ସ୍କୁଲର ସୁରକ୍ଷା ପାଇଁ ସ୍ୱାଭିମାନ ମଞ୍ଚ କର୍ମକର୍ତ୍ତା ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଭେଟି ଆଲୋଚନା କରିଛନ୍ତି। ମଞ୍ଚର ସଭାପତି ସୁଧାକର ସାହୁଙ୍କ ନେତୃତ୍ୱରେ ସଦସ୍ୟ ଶିଶିର କୁମାର ମାହାଣା, ଦିଲୀପ ପ୍ରଧାନ, ନିକୁଞ୍ଜ ବେହେରା, ମାନସ ରଞ୍ଜନ ମଲିକ, ପ୍ରମୋଦ ରାଉତ, ବିନୋଦ ବେଜ,କାର୍ତ୍ତିକ ମଲିକ, ରାଜେନ୍ଦ୍ର ବାରିକ, ଅମର କୁମାର ସାହୁ ପ୍ରମୁଖ ପହଞ୍ଚି ପ୍ରଧାନ ଶିକ୍ଷୟତ୍ରୀ ରାଜଶ୍ରୀ ପଣ୍ଡାଙ୍କ ସହ ଏ ସଂକ୍ରାନ୍ତରେ ଆଲୋଚନା କରିଛନ୍ତି। ପ୍ରଧାନ ଶିକ୍ଷୟିତ୍ରୀ ପଣ୍ଡା କହିଛନ୍ତି, ତାଙ୍କ ସହ ଅଭିଭାବକମାନେ ଆସି ଆଲୋଚନା କରିଛନ୍ତି । କିନ୍ତୁ ତାଙ୍କ ପାଖକୁ କୌଣସି ନୋଟିସ ଆସି ନ ଥିବାରୁ ସେ ଉପରିସ୍ଥ ଅଧିକାରୀଙ୍କୁ ଏ ବିଷୟରେ ଜଣାଇ ନାହାନ୍ତି।

# ଆନ୍ଦୋଳନରେ ପ୍ରାଥମିକ ଶିକ୍ଷକ, ପାଠପଢ଼ା ବନ୍ଦ

ଆଳି,୧୫।୯(ବନମାଳୀ ସେନାପତି)

ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେଶନର ଆହ୍ୱାନକ୍ରମେ ସାରା ରାଜ୍ୟରେ ପ୍ରାଥମିକ ଶିକ୍ଷକମାନଙ୍କର ଆନ୍ଦୋଳନ ଚାଲିଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଆଳି ବ୍ଲକର ପ୍ରାଥମିକ ଶିକ୍ଷକମାନେ ସେମାନଙ୍କ ୩ ଦଫା ଦାବିରେ ଆଳି ବିଇଓ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତି ପୂର୍ଣ୍ଣ ଧାରଣାରେ ବସିଛନ୍ତି। ଶିକ୍ଷକମାନଙ୍କ ଆନ୍ଦୋଳନ ଯୋଗୁ ବ୍ଲକର ୧୮୪ ଟି ପ୍ରାଥମିକ ବିଦ୍ୟାଳୟର ଶିକ୍ଷାଦାନ ପ୍ରଭାବିତ ହୋଇଛି। ତନ୍ମଧ୍ୟରୁ ୫୫ଟି ବିଦ୍ୟାଳୟରେ ତାଲା ଝୁଲୁଛି। ଠିକା ଶିକ୍ଷକ ନିଯୁକ୍ତ ଉଚ୍ଛେଦ ସହ ସେମାନଙ୍କ ପୂର୍ବ ୬ ବର୍ଷ ଚାକିରି କାଳକୁ ହିସାବକୁ ନେବା ଓ ୬ଟି ଇନକ୍ରିମେଣ୍ଟ ଦେବା, ସମସ୍ତ ଶିକ୍ଷୟିତ୍ରୀଶିକ୍ଷକଙ୍କୁ କେନ୍ଦ୍ରୀୟ ହାରରେ ଦରମା ପ୍ରଦାନ କରିବା ଓ ପୁରୁଣା ପେନସନ ଆଦି ଦାବିରେ ଆନ୍ଦୋଳନ ଚାଲିଛି। ଦାବିପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲିବ ବୋଲି ଶିକ୍ଷକମାନେ କହିଛନ୍ତି। ୨୦୨୨ ନଭେମ୍ବରରେ ଶିକ୍ଷକମାନେ ଆନ୍ଦୋଳନ କରିଥିଲେ। ସରକାର ସେମାନଙ୍କ ସହ ଆଲୋଚନା କରି ଦାବି ପୂରଣ ପାଇଁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଏହା ମଧ୍ୟରେ ୧୦ ମାସ ବିତିଯିବା ପରେ ବି ସରକାର କୌଣସି ପଦକ୍ଷେପ ନ ନେବାରୁ ଶିକ୍ଷକମାନେ ପୁଣି ଆନ୍ଦୋଳନକୁ ଓହ୍ଲାଉଛନ୍ତି। ଏହି ଆନ୍ଦୋଳନ ଦ୍ୱାରା ଛୋଟ ଛୋଟ ପିଲାମାନଙ୍କର ଅନେକ କ୍ଷତି ହେବ, ତାହା ସରକାର ଭୁଲି ଯାଉଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଆଳି ବ୍ଲକର ପ୍ରଥମରୁ ୫ମ ପର୍ଯ୍ୟନ୍ତ ୭୨ ଟି ସ୍କୁଲ, ୧୨ଟି ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ, ୨୪ଟି ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ,୧୨ଟି ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ,୧୬ଟି ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ୬ଟି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ୫ଟି ଅନୁଦାନ ପ୍ରାପ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ,୨ଟି ନୂତନ ଅନୁଦାନ ପ୍ରାପ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ୨ଟି ଟିଆର ଡବ୍ଲ୍ୟୁ ସ୍କୁଲ, ୨ଟି ମାଦ୍ରାସା ଓ ୪୦ ଟି ଉଚ୍ଚ ବିଦ୍ୟାଳୟ ଅଛି।




ଆଳି ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶିକ୍ଷୟିତ୍ରୀଶିକ୍ଷକ ଧାରଣା ଦେଇଛନ୍ତି।

**ରାଜକନିକା,(ସଞ୍ଜୟ କୁମାର ଦାଶ):** ରାଜ୍ୟ ପ୍ରାଥମିକ ଶିକ୍ଷକ ସଂଘ ଆହ୍ୱାନରେ ଠିକା ନିଯୁକ୍ତି ଉଚ୍ଛେଦ କରିବା, ପୁରୁଣା ପେନ୍‌ସନ ନୀତି ଲାଗୁ କରିବା, କେନ୍ଦ୍ରୀୟ ହାରରେ ଦରମା ବ୍ୟବସ୍ଥା ପ୍ରଦାନ କରିବା ଆଦି ୩ ଦଫା ଦାବି ନେଇ ଗୁରୁବାରଠାରୁ ରାଜକନିକାର ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେଶନ ଆନ୍ଦୋଳନକୁ ଓହ୍ଲାଇଛି। ଶୁକ୍ରବାର ଦ୍ୱିତୀୟ ଦିନରେ ବ୍ଲକର ୧୬୩ଟି ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକମାନେ ରାଜକନିକା ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣାରେ ବସିଥିବା ଦେଖିବାକୁ ମିଳିଥିଲା। ଦାବି ପୂରଣ ନ ହେଲେ ବିଦ୍ୟାଳୟଗୁଡ଼ିକରେ ତାଲା ଝୁଲିବ ବୋଲି ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷେ ବିଦ୍ୟାଳୟରେ ପାଠପଢ଼ା ବନ୍ଦ ରହିଥିବା ଦେଖିବାକୁ ମିଳିଛି।

**ତିର୍ତ୍ତୋଲ, (ଗୌରାଙ୍ଗ ଚରଣ ସ୍ୱାଇଁ):** ତିର୍ତ୍ତୋଲ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବ୍ଲକର ପ୍ରାଥମିକ ଶିକ୍ଷକ ୟୁନିୟନ ପକ୍ଷରୁ ଚାଲିଥିବା ଆନ୍ଦୋଳନକୁ କଂଗ୍ରେସ ନେତା ତଥା ଜିଲା କଂଗ୍ରେସ ମୁଖପାତ୍ର ଇଂ. ହିମାଂଶୁ ଭୂଷଣ ମଲ୍ଲିକ ଶୁକ୍ରବାର ସମର୍ଥନ ଜଣାଇଛନ୍ତି। ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚାଲିଥିବା ଧାରଣାରେ ଶିକ୍ଷୟିତ୍ରୀଶିକ୍ଷକମାନଙ୍କ ସହ ସେ ଧାରଣାରେ ସାମିଲ ହୋଇ ସେମାନଙ୍କୁ ସମର୍ଥନ କରିଛନ୍ତି। ସରକାରଙ୍କ ନିକଟରେ ଉପସ୍ଥାପନ କରାଯାଇଥିବା ସଂଘର ୩ ଦଫା ଦାବି ସେମାନଙ୍କ ହକ୍ ବୋଲି ସେ ମତବ୍ୟକ୍ତ କରିଥିଲେ। ଧାରଣସ୍ଥଳରେ ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀ କଂଗ୍ରେସ ନେତା ଇଂ. ମଲ୍ଲିକଙ୍କ ନେତୃତ୍ୱରେ କଂଗ୍ରେସର ଏକ ଟିମ୍ ଶିକ୍ଷକମାନଙ୍କ ଆନ୍ଦୋଳନକୁ ତାଙ୍କ ସମର୍ଥନ ଜଣାଇ ସାମିଲ ହୋଇଥିଲେ। ଠିକାରେ ଥିବା ଶିକ୍ଷକ ଓ ସେମାନଙ୍କ ପରିବାରର ଭବିଷ୍ୟତ ଯଦି ସୁରକ୍ଷିତ ନ ରହିବ ତେବେ ସେ ବିଦ୍ୟାର୍ଥୀମାନଙ୍କ ଭବିଷ୍ୟତକୁ କିପରି ଗଢ଼ିବେ ବୋଲି ସେମାନେ ପ୍ରଶ୍ନ ଉଠାଇଥିଲେ। ଶିକ୍ଷକମାନେ ଯେଉଁ ୩ ଦଫା ଦାବି ରଖି ଧାରଣାରେ ବସିଛନ୍ତି, ତାହାକୁ ବିଚାର କରି ମୁଖ୍ୟମନ୍ତ୍ରୀ ଓ ୫-ଟିସଚିବ ତୁରନ୍ତ ଦାବିପୂରଣ କରନ୍ତୁ ବୋଲି କହିଥିଲେ। ଶିକ୍ଷକମାନେ ଏପଟେ ସମୂହ ଧାରଣାରେ ବସିବା ହେତୁ ୮ ତାରିଖରୁ ବିଦ୍ୟାଳୟଗୁଡ଼ିକରେ ପାଠପଢ଼ା ଏକ ପ୍ରକାର ଠପ୍ ହୋଇଯାଇଛି। ଏହାଦ୍ୱାରା ଛାତ୍ରୀଛାତ୍ରମାନଙ୍କ ଭବିଷ୍ୟତ ମଧ୍ୟ ଅନ୍ଧକାର ଆଡକୁ ଯାଉଛି। ତେଣୁ ସରକାର ଏହାର ତୁରନ୍ତ ସମାଧାନ କରନ୍ତୁ ବୋଲି ଇଂ. ମଲ୍ଲିକ ମତ ରଖିବା ସହ ଟୁଇଟ ମାଧ୍ୟମରେ ୫-ଟି ସଚିବ ଓ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଛନ୍ତି। ଏଥିରେ ତିର୍ତ୍ତୋଲ ବ୍ଲକ କଂଗ୍ରେସ ଉପସଭାପତି ଜିତେନ୍ଦ୍ର ମହାନ୍ତି, ପିପଳମାଧବ ସମିତିସଭ୍ୟ ସୁନିଶ୍ଚିତା ସାହୁ, ପ୍ରମୋଦ କୁମାର ଦାସ, ସନାତନ ମଲ୍ଲିକ, ମଳୟ ବାରିକ, ଲକ୍ଷ୍ମୀଧର ମନ୍ତ୍ରୀ, ସୁଦର୍ଶନ ମଲ୍ଲିକ, ତିର୍ତ୍ତୋଲ କଲେଜ କ୍ୟାମ୍ପସ କମିଟି ସଭାପତି ଅଜୟ କୁମାର ସ୍ୱାଇଁ, ବିଶ୍ୱଜିତ ବାରିକ, ସୌମ୍ୟରଞ୍ଜନ ସାହୁ, ଜିଲା ଛାତ୍ର କଂଗ୍ରେସ ଉପସଭାପତି ସୁଶୀଲ କୁମାର ଦାଶ ପ୍ରମୁଖ ଉପସ୍ଥିତ ରହିଥିଲେ।

**ମାର୍ଶାଘାଇ, (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ) :** ମାର୍ଶାଘାଇ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୩ ଦଫା ଦାବି ନେଇ ପ୍ରାଥମିକ ଶିକ୍ଷକଶିକ୍ଷୟିତ୍ରୀଙ୍କ ଗଣଧାରଣା ଯୋଗୁ ବ୍ଲକର ୯୫ ବିଦ୍ୟାଳୟ ମଧ୍ୟରୁ ୨୨ଟି ବିଦ୍ୟାଳୟରେ ତାଲା ପଡିଛି। ପିଲାମାନଙ୍କ ପାଠପଢ଼ା ଠପ ହୋଇଯାଇଛି। ଶିକ୍ଷା ସହାୟକଙ୍କ ଚାକିରିକୁ ୬ ବର୍ଷ ଗଣନା, କେନ୍ଦ୍ରୀୟ ହାରରେ ଦରମା, ପୁରୁଣା ପେନସନ ଲାଗୁ ଆଦି ନେଇ ଗଣଧାରଣା ଦେଇଥିବା ଶିକ୍ଷୟିତ୍ରୀଶିକ୍ଷକମାନେ ଶୁକ୍ରବାରଠାରୁ ମାସେ ଭିତରେ ରହିବାକୁ ନିଷ୍ପତ୍ତି ନେବା ଯୋଗୁ ପିଲାମାନଙ୍କ ପାଠ ପଢ଼ାରେ ଘୋର ବିଭ୍ରାଟ ସୃଷ୍ଟି ହେବାର ଆଶଙ୍କା ସୃଷ୍ଟି ହୋଇଛି। ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘର ମାର୍ଶାଘାଇ ବ୍ଲକ ସଭାପତି ପ୍ରକାଶ ଚନ୍ଦ୍ର ଷଡଙ୍ଗୀ, ସମ୍ପାଦକ ହିରଣ୍ୟ କୁମାର ବାରିକ, ଓଡ଼ିଶା ପ୍ରାଥମିକ ଶିକ୍ଷକ ସଂଘର ମାର୍ଶାଘାଇ ଶାଖା ସଭାପତି ଚିତ୍ତ ରଞ୍ଜନ ରାଉଳ, ସମ୍ପାଦକ କେଦାର ବେହେରା, ନିରଞ୍ଜନ ରାଉତ, ନାରାୟଣ ପାଢ଼ୀ, ସଞ୍ଜୟ ଦାସ, ଦୀପ୍ତିବାଳା ସାହୁ, ଲକ୍ଷ୍ମୀଧର ଲେଙ୍କା, ଅମରେନ୍ଦ୍ର ନାଥ ଲେଙ୍କା ଓ ପାର୍ଥ ସାରଥୀ ସାହୁଙ୍କ ସମେତ ଶତାଧିକ ଶିକ୍ଷକ ସାମିଲ ହୋଇଥିବା ବେଳେ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘର ସମ୍ପାଦକ ପ୍ରଦୀପ୍ତ କୁମାର ଲେଙ୍କା ସହଯୋଗ କରିଥିଲେ। ସରକାର ଦାବି ପୂରଣ ନ କରିବା ପର୍ଯ୍ୟନ୍ତ ଏହି ଗଣଧାରଣା ଚାଲୁ ରହିବ ବୋଲି କର୍ମକର୍ତ୍ତାମାନେ ପ୍ରକାଶ କରିଛନ୍ତି।

## ଲଗାଣ ବର୍ଷାରେ ଭୁଶୁଡିଲା ଶ୍ରେଣୀଗୃହ

କୋଟଗଡ,(ସରୋଜ ବଳିୟାରସିଂ)- ଲଘୁଚାପଜନିତ ଲଗାଣ ବର୍ଷାରେ କନ୍ଧମାଳ ଜିଲା କୋଟଗଡ ବ୍ଲକ ଅନ୍ତର୍ଗତ ଦୁର୍ଗାପଙ୍ଗା ପଞ୍ଚାୟତର ବାଡ଼ିପଙ୍ଗା ସ୍କୁଲଗୃହ ଭୁଶୁଡ଼ି ପଡିଥିବା ଜଣାପଡିଛି। ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଆନ୍ଦୋଳନ ଚାଲିଥିବାରୁ ଶିକ୍ଷକମାନେ ବିଇଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିବା ଯୋଗୁ ସ୍କୁଲ ଆସିନଥିଲେ। ଏହି ସମୟରେ ସ୍କୁଲର ଶ୍ରେଣୀଗୃହ ଭୁଶୁଡ଼ି ପଡ଼ିଥିବା ଜଣାପଡ଼ିଛି। ଛାତ୍ରୀଛାତ୍ର ଏକ ବଡ଼ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଶ୍ରେଣୀ ଗୃହଟି ବିପଦ ସଙ୍କୁଳ ଅବସ୍ଥାରେ ଥିବା ବେଳେ ସେଠାରେ ପାଠପଢ଼ା ଚାଲୁ ରହିଥିଲା। ପୂର୍ବରୁ ପ୍ରଶାସନକୁ ଅନେକ ଥର ଗ୍ରାମବାସୀ ଏହା ଜଣାଇଥିଲେ ମଧ କୌଣସି ସୁଫଳ ମିଳି ନଥିଲା ବୋଲି କହିଛନ୍ତି।

**ସଂକ୍ଷେପରେ**

## ଗାଡି ଧକ୍କାରେ ବାଇକ ଆରୋହୀ ମୃତ, ମୁଖ୍ୟ ରାସ୍ତା ଅବରୋଧ

ଆର.ଉଦୟଗିରି,୧୫।୯(ମନୋଜ କୁମାର ପାଢ଼ୀ): ୩ଦିନ ତଳେ କେରଳରୁ ଫେରିଥିଲେ। ସ୍ତ୍ରୀ ଓ ଛୁଆଙ୍କୁ ଭେଟିବାକୁ ଶ୍ୱଶୁର ଘର ଯାଉଥିବା ବେଳେ ପିଟି ଦେଲା ପିକ୍‌ଅପ। ଏହି ଘଟଣା ପରେ ସ୍ଥାନୀୟ ଲୋକେ କ୍ଷତି ପୂରଣ ଦାବିରେ ୨୩୬ ନମ୍ବର ଜାତୀୟ ରାଜପଥ ଅବରୋଧ କରିଥିଲେ। ଗଜପତି ଜିଲା ମୋହନା ଥାନା ଚନ୍ଦ୍ରଗିରି କାନାଡା ବ୍ୟାଙ୍କ ନିକଟରେ ଏକ ପିକ୍‌ଅପ୍ ଧକ୍କାରେ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଛି। ତାଙ୍କ ନାଁ ଅନାଦି ନାୟକ। ତାଙ୍କ ଘର ଆର.ଉଦୟଗିରି ଥାନା ଅନ୍ତର୍ଗତ ଛେଳିଗଡ଼ ଗାଁରେ। ଏହି ଘଟଣା ପରେ ସ୍ଥାନୀୟ ଲୋକେ କ୍ଷତିପୂରଣ ଦାବିରେ ୩୨୬ ନମ୍ବର ଜାତୀୟ ରାଜପଥ ଅବରୋଧ କରିଥିଲେ। ଫଳରେ ମୋହନାରୁ ପାରଳାଖେମୁଣ୍ଡିକୁ ଯାତାୟତ ବନ୍ଦ ହୋଇଯାଇଥିଲା। ଘଟଣାସ୍ଥଳରେ ପୋଲିସ୍ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲା। ଗାଡ଼ି ମାଲିକ ଘଟଣାସ୍ଥଳରେ ପହଞ୍ଚି କ୍ଷତିପୂରଣ ଦେବାକୁ ରାଜି ହେବା ପରେ ରାସ୍ତାରୋକ ହଟିଥିଲା।

## ଶାଗୁଆନ କାଠ, ଟ୍ରକ୍ ଜବତ

ମୋହନା,୧୫।୯(ମନ୍ମଥ ମିଶ୍ର): ମୋହନା ଓ ଅଡବା ବନବିଭାଗ କର୍ମଚାରୀ ଗୁରୁବାର ବିଳମ୍ବିତ ରାତିରେ ପାଟ୍ରୋଲିଙ୍ଗ କରୁଥିବା ବେଳେ ଅଡବା ଥାନା ଅନ୍ତର୍ଗତ ଡମ୍ବଗୁଡ଼ା ପଞ୍ଚାୟତ ନାଡାମା ଗ୍ରାମ ନିକଟ ଜଙ୍ଗଲରୁ ୨୮ ଘନଫୁଟର ୧୧ଟି ଶାଗୁଆନ ଗଣ୍ଡି ଜବତ କରାଯାଇଛି। ଯାହାର ମୂଲ୍ୟ ୫୦ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ରେଞ୍ଜର ଲକ୍ଷ୍ମୀପ୍ରସାଦ ବିଷୋୟୀ ସୂଚନା ଦେଇଛନ୍ତି। ଜଙ୍ଗଲ ମଧ୍ୟରେ ଏକ ମିନି ଟ୍ରକ୍‌ରେ ଶାଗୁଆନ ଗଣ୍ଡିଗୁଡ଼ିକ ରଖାଯାଇଥିଲା। ଜଙ୍ଗଲ ମଧ୍ୟରେ ଗାଡ଼ି ରହିଥିବା ଦେଖି ଫରେଷ୍ଟର ଦେବାଶିଷ ଶତପଥୀ, ସନ୍ତୋଷ କୁମାର ପାଣିଗ୍ରାହୀ ଓ କର୍ମଚାରୀମାନେ ଯିବାବେଳେ ଗାଡି ଛାଡ଼ି ମାଫିଆମାନେ ଘଟଣାସ୍ଥଳରୁ ଜଙ୍ଗଲ ମଧ୍ୟକୁ ଛୁଟ୍ ମାରିଥିଲେ।

## ସରପଞ୍ଚ ସଂଘର ପ୍ରସ୍ତୁତି ବୈଠକ, ଦାବିପତ୍ର ପ୍ରଦାନ

ଧରାକୋଟ, ୧୫।୯ (ବିଷ୍ଣୁକେଶରୀ ଆଚାର୍ଯ୍ୟ): ଧରାକୋଟ ବ୍ଲକର ସରପଞ୍ଚମାନଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ଗ୍ରାମ ଉପକଣ୍ଠ ବାଲୁଙ୍କେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି।୧୮ ପଞ୍ଚାୟତ ମଧ୍ୟରୁ ୧୩ଟି ପଞ୍ଚାୟତର ସରପଞ୍ଚ ବୈଠକରେ ଯୋଗଦେଇ ଥିବାବେଳେ ଯୋଗାଯୋଗ ଅଭାବରୁ ୫ ସରପଞ୍ଚ ଅନୁପସ୍ଥିତ ଥିଲେ। ଖାଡବନ୍ଧ ସରପଞ୍ଚ ଯୋଗେନ୍ଦ୍ର ସ୍ୱାଇଁଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରବର୍ତ୍ତୀ ବୈଠକରେ ଅନୁପସ୍ଥିତ ରହିଥିବା ସରପଞ୍ଚମାନେ ସଂଘରେ ସାମିଲ ହେବେ ବୋଲି ସଭାପତି କହିଥିଲେ। ଏହି ଅବସରରେ ୧୫ ଦଫା ଦାବି ସମ୍ବଳିତ ପତ୍ର ଧରାକୋଟ ଏବିଡିଓଙ୍କୁ ପ୍ରଦାନ କରାଯାଇଥିଲା।

## ସିଲେଇ ତାଲିମ କେନ୍ଦ୍ର ଉଦ୍‌ଘାଟିତ

କାଶୀନଗର, ୧୫।୯(ଟି.କ୍ରିଷ୍ଣା ରାଓ): ସ୍ଥାନୀୟ ବ୍ଲକ କଲୋନୀ ବିଦ୍ୟାଳୟ ପରିସରରେ ମିଶନ ଶକ୍ତି ପକ୍ଷରୁ ଏକ ସିଲେଇ ତାଲିମ କେନ୍ଦ୍ର ଉଦଘାଟିତ ହୋଇଯାଇଛି। ଆୟୋଜିତ ସମାବେଶରେ ମୁଖ୍ୟ ଅତିଥି ରୂପେ ଏନଏସି ଅଧକ୍ଷା ଏମ. ସୁଧାରାଣୀ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଉପାଧ୍ୟକ୍ଷ ରଘୁରାମ ସାହୁ, ନିର୍ବାହୀ ଅଧିକାରୀ ଆଶିଷ କୁମାର ପ୍ରଧାନ, ଗୋଷ୍ଠୀ ଉନ୍ନୟନ ଅଧିକାରୀ କପିଳେଶ୍ୱର ତାଣ୍ଡି, କାଉନସିଲର କେ. ଜୀବରତ୍ନ ପ୍ରମୁଖ ମଞ୍ଚାସୀନ ଥିଲେ। ସିଡିପିଓ କନକଲତା ପୂଜାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମିଶନ ଶକ୍ତିର ମହିଳାମାନେ କେନ୍ଦ୍ରରେ ସିଲେଇ କାର୍ଯ୍ୟ କରିବା ସହ ସିଲେଇ ସମ୍ପର୍କୀୟ ତାଲିମ ଦେବେ। ପୂର୍ବରୁ ୭୬ ପ୍ରାଥମିକ ବିଦ୍ୟାଳୟ ଓ ୨୮୧ ଅଙ୍ଗନାବାଡ଼ି କେନ୍ଦ୍ରର ଛାତ୍ରଛାତ୍ରୀଙ୍କ ପାଇଁ ମିଶନ ଶକ୍ତି ପକ୍ଷରୁ ୟୁନିଫର୍ମ ସିଲେଇ କରି ଯୋଗାଇ ଦିଆଯାଇଛି।

## ଶିକ୍ଷାନୁଷ୍ଠାନ ବସ୍‌ରେ ଯାତ୍ରୀ ପରିବହନ ପାଇଁ ଜରିମାନା

ପାରଳାଖେମୁଣ୍ଡି,୧୫।୯ (ଗିରିଧାରୀ ପରିଚ୍ଛା): ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ପୁରୁଣା ପାଟଣାରୋଡଠାରେ ପଡ଼ୋଶୀ ଆନ୍ଧ୍ର ରାଜ୍ୟର 'ଅକ୍ସରା' ନାମକ ଶିକ୍ଷା ଅନୁଷ୍ଠାନର ୨ଟି ବସରୁ ଜରିମାନା ଅଦାୟ କରଯାଇଛି। ଜିଲା ପରିବହନ ବିଭାଗର ଯାନବାହାନ ନିରୀକ୍ଷକ ପ୍ରଜ୍ଞା ପରିମିତା ସିଂ ଓ ତାଙ୍କ ଟିମ ପାଟ୍ରୋଲିଂରେ ଯାଉଥିବା ବେଳେ ୨ଟି ବସକୁ ଅଟକାଇ ଯାଞ୍ଚ କରିଥିଲେ। ମାତ୍ରାଧିକ ଯାତ୍ରୀ ପରିବହନ କରାଯାଉଥିବା କାରଣରୁ ଜରିମାନା ଆଦାୟ କରାଯାଇଛି।

# ହସ୍ପିଟାଲ ରୂପାନ୍ତରଣ କାର୍ଯ୍ୟ ସମୀକ୍ଷା କଲେ ଜିଲାପାଳ


ଜିଲାପାଳ ସମୀକ୍ଷା କରୁଛନ୍ତି।

ଛତ୍ରପୁର,୧୫।୯(ସନ୍ତୋଷ ପାଢ଼ୀ)- ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡା ଶୁକ୍ରବାର ଛତ୍ରପୁର ହସ୍ପିଟାଲ ପରିଦର୍ଶନ କରିଛନ୍ତି। ସେ ଆମ ହସ୍ପିଟାଲ ଯୋଜନାରେ ଚାଲିଥିବା ରୁପାନ୍ତରୀକରଣ କାର୍ଯ୍ୟର ଅଗ୍ରଗତି ଅନୁଧାନ କରିବା ସହ ସମୀକ୍ଷା କରିଥିଲେ। ହସ୍ପିଟାଲ ସୁପରିଣ୍ଟେଣ୍ଡେଣ୍ଟଙ୍କ କାର୍ଯ୍ୟାଳୟଠାରେ ରୁପାନ୍ତରୀକରଣ କାର୍ଯ୍ୟର ମ୍ୟାପ୍ ଦେଖିବା ସହ ଆବଶ୍ୟକୀୟ ପରାମର୍ଶ ଦେଇଥିଲେ। ନିର୍ଦ୍ଧାରିତ ସମୟରେ କାମ ସାରିବାକୁ ନିର୍ଦ୍ଦେଶ ଦେଇଥିଲେ। ଛତ୍ରପୁର ହସ୍ପିଟାଲରେ ଡାଏଲିସିସ୍ ସେଣ୍ଟର ପିପିପି ମୋଡରେ ଖୋଲିବ। ଏଥିପାଇଁ ଜାଗା ଚିହ୍ନଟ ହୋଇଥିବା ଓ ନିର୍ଦ୍ଧାରିତ ସମୟରେ ଏହା କାର୍ଯ୍ୟକ୍ଷମ ହେବ ବୋଲି ଜିଲାପାଳ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ହସ୍ପିଟାଲରେ ମହାପ୍ରୟାଣ ଆମ୍ବୁଲାନ୍ସ ରହିଛି, ତାହା କିଭଳି କାର୍ଯ୍ୟକାରୀ ହେବ ସେ ଉପରେ ଗୁରୁତ୍ୱ ଦିଆଯାଇଛି। ଏହାର ପରିଚାଳନା ମିଶନ ଶକ୍ତି ପକ୍ଷରୁ କରାଯିବାକୁ ଥିବା ବେଳେ ରେଡକ୍ରସ ଏହାର ରକ୍ଷଣାବେକ୍ଷଣ କରିବାକୁ ନିଷ୍ପତ୍ତି ହୋଇଛି। ଏଥିସହ ମୃତଦେହ ବ୍ୟବଚ୍ଛେଦ ଗୃହ ନିର୍ମାଣ ପାଇଁ ପ୍ଲାନିଂ ହୋଇଛି। ସ୍ୱତନ୍ତ୍ର କ୍ୟାବିନ୍ କାର୍ଯ୍ୟକାରୀ ଉପରେ ଜିଲାପାଳ ଗୁରୁତ୍ୱାରୋପ କରିଛନ୍ତି। ରୋଗୀଙ୍କୁ ଉତ୍ତମ ସେବା ଯୋଗାଇଦେବା ସହ ପରିମଳ ଓ ସଫେଇ କାର୍ଯ୍ୟ ଠିକ୍ ଭାବେ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏଠାରେ ଡାକ୍ତର ଓ ଅନ୍ୟ ଷ୍ଟାଫ୍ ଅଭାବ କିଭଳି ଦୂର ହେବ ସେ ନେଇ ଏକ ଇଣ୍ଟିଗ୍ରେଟେଡ୍ ପ୍ଲାନିଂ କରାଯାଇଥିବା ଜିଲାପାଳ କହିଛନ୍ତି। ହସ୍ପିଟାଲକୁ ଜିଲାପାଳ ନିଜେ ଓ ଉପଜିଲାପାଳ ମଧ ପରିଦର୍ଶନ କରି ରୋଗୀ ସେବାର ଅନୁଧାନ କରୁଛନ୍ତି। ରୋଗୀ ଠିକ୍ ସେବା ଓ ମେଡିସିନ୍ ପାଉଛନ୍ତି କି ନାହିଁ ସେ ସମ୍ପର୍କରେ ସେମାନଙ୍କୁ ଫୋନ କରି ପଚରାଯାଉଛି। ଯେଉଁଠି ସମସ୍ୟା ରହୁଛି ତାହାର ତୁରନ୍ତ ସମାଧାନ କରାଯାଉଛି। ଜିଲାପାଳଙ୍କ ପରିଦର୍ଶନ ବେଳେ ପିଡବ୍ଲ୍ୟୁଡି ଇଞ୍ଜିନିୟର ଟିମ୍ ସହ ହସ୍ପିଟାଲ ସୁପରିଣ୍ଟେଣ୍ଡେଣ୍ଟ ଡାକ୍ତର ପ୍ରଫୁଲ୍ଲ ଚନ୍ଦ୍ର ଗୌଡ, ହସ୍ପିଟାଲ ମ୍ୟାନେଜର ଗଣେଶ ନାହାକ ପ୍ରମୁଖ ଉପସ୍ଥିତ ଥିଲେ।

# ଦୋଳାରେ ବୁହାହେଲେ ରୋଗୀ


ଦୋଳାରେ ରୋଗୀଙ୍କୁ ନିଆଯାଉଛି।

ପାରଳାଖେମୁଣ୍ଡି,୧୫।୯(ଗିରିଧାରୀ ପରିଚ୍ଛା): ଆଦିବାସୀ ଅଧୁଷିତ ଗଜପତି ଜିଲାରେ ଏବେ ବି ଅନେକ ଅଞ୍ଚଳ ଅପହଞ୍ଚ ରହିଛି। ରାସ୍ତାଘାଟ ନ ଥିବାରୁ ଖଟିଆ କିମ୍ବା ଦୋଳାରେ ବୁହା ହେଉଛନ୍ତି ରୋଗୀ। ଶୁକ୍ରବାର ଏପରି ଏକ ଘଟଣା ଗୋଷାଣି ବ୍ଲକ ରମ୍ଭା ପଞ୍ଚାୟତ ଅନ୍ତର୍ଗତ ଗଙ୍ଗାବାଡ଼ ଗ୍ରାମ୍ୟ ଘାଟି ରାସ୍ତାରେ ଦେଖିବାକୁ ମିଳିଛି। ପ୍ରକାଶ ଯେ, ରମ୍ଭା ପଞ୍ଚାୟତଟି ଦୁର୍ଗମାଞ୍ଚଳ ତଥା ବଣ ପାହାଡ ଘେରରେ ଅବସ୍ଥିତ। ଏହି ଗ୍ରାମକୁ ଯିବାକୁ ହେଲେ ଦେଉଳା ଗ୍ରାମଠାରୁ ବନ, ଘାଟି, ମାଟି, ପଥୁରିଆ ରାସ୍ତା ଦେଇ ଯିବାକୁ ପଡ଼େ। ଆଜି ପର୍ଯ୍ୟନ୍ତ ପକ୍କା ରାସ୍ତାଟିଏ ନିର୍ମାଣ ହୋଇପାରି ନାହିଁ। ବିଭିନ୍ନ ସମୟରେ ପ୍ରଶାସନିକ ଅଧିକାରୀ ଗସ୍ତ କରି ରାସ୍ତା ନିର୍ମାଣ ପ୍ରତିଶ୍ରୁତି ଦେଉଥିଲେ ମଧ କାର୍ଯ୍ୟକାରୀ ହେଉନାହିଁ। ଗୁରୁବାରଠାରୁ ଗଙ୍ଗାବାଡ଼ର ରାଜୁ ଶବରଙ୍କୁ ପ୍ରବଳ ଜ୍ୱର ହୋଇଥିଲା। ଶୁକ୍ରବାର ଅବସ୍ଥା ସଙ୍କଟାପନ୍ନ ହେବାରୁ ଆମ୍ବୁଲାନ୍ସକୁ ଡକାଯାଇଥିଲା। ହେଲେ ରାସ୍ତା ନ ଥିବାରୁ ଆମ୍ବୁଲାନ୍ସ ଦେଉଳା ଗ୍ରାମ ନିକଟରେ ଅଟକି ରହିଥିଲା। ତେଣୁ ଶେଷରେ କିଛି ଉପାୟ ନ ପାଇ ଗାଁର ଯୁବକମାନେ ରାଜୁଙ୍କୁ ଏକ ଦୋଳାରେ ଭାର କରି ବୋହି ନେଇଥିଲେ। ଦୀର୍ଘ ୮ କିମି ରାସ୍ତା ଅତିକ୍ରମ କରିବା ପରେ ଦେଉଳା ନିକଟରେ ଅପେକ୍ଷା କରିଥିବା ଆମ୍ବୁଲାନ୍ସ ଯୋଗେ ପାରଳାଖେମୁଣ୍ଡିସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା।

# ଇପିଏଫ ପେନ୍‌ସନର୍ ସଂଘର ଧାରଣା



ପାରଳାଖେମୁଣ୍ଡି ସ୍ଥିତ ଗାନ୍ଧୀ ସ୍ମୃତି ପାଠାଗାର ସମ୍ମୁଖରେ ଧାରଣା ଦିଆଯାଇଛି।

ପାରଳାଖେମୁଣ୍ଡି,୧୫।୯ (ଗିରିଧାରୀ ପରିଚ୍ଛା): ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଗାନ୍ଧୀ ସ୍ମୃତି ପାଠାଗାର ସମ୍ମୁଖରେ ଓଡିଶା ଇପିଏଫ ପେନସନର୍ ସଂଘ ପକ୍ଷରୁ ବିଭିନ୍ନ ଦାବି ନେଇ ଧାରଣା ଦିଆଯାଇଛି। ସେମାନଙ୍କର ମୁଖ୍ୟ ଦାବିଗୁଡିକ ହେଲା, ସର୍ବନିମ୍ନ ମାସିକ ପେନସନ ଏବଂ ମହଙ୍ଗା ଭତ୍ତା, ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଆଧାରରେ ବର୍ଦ୍ଧିତ ପେନସନ, ଚିକିତ୍ସା ଭତ୍ତା କିମ୍ବା ଆୟୁଷ୍ମାନ ଭାରତ ଯୋଜନାରେ ସାମିଲ କରି ମାଗଣା ଚିକିତ୍ସା ଯୋଗାଇଦେବା ଓ ସମସ୍ତ ପେନସନଭୋଗୀ ବରିଷ୍ଠ ନାଗରିକମାନଙ୍କୁ ସାମାଜିକ ସୁରକ୍ଷା ଇତ୍ୟାଦି ରହିଛି। ଏହି ଦାବିଗୁଡିକ ସରକାର ପୂରଣ ନକଲେ ଆନ୍ଦୋଳନ ଜାରିରହିବ ବୋଲି ଜିଲା ସଂଘ ସଭାପତି କେ. କ୍ରିଷ୍ଣା ରାଓ, ସମ୍ପାଦକ ଗୋବିନ୍ଦ ଚରଣ ପାତ୍ର, ଉପସଭାପତି ଗୋରୀଶଙ୍କର ମିଶ୍ରଙ୍କ ସହ ଅନ୍ୟାନ୍ୟ ସଦସ୍ୟମାନେ ଜଣାଇଛନ୍ତି।

## ଉଚ୍ଚବିଦ୍ୟାଳୟସ୍ତରୀୟ କ୍ରୀଡ଼ା

ଶେରଗଡ, ୧୫।୯(ସୂର୍ଯ୍ୟନାରାୟଣ ଦାଶ): ଶେରଗଡ ବ୍ଲକରେ ଉଚ୍ଚ ବିଦ୍ୟାଳୟସ୍ତରୀୟ କ୍ରୀଡା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ଆୟୋଜିତ ଉତ୍ସବକୁ ବିଡିଓ ଶିବାଶିଷ ବରାଳ ଶୁଭାରମ୍ଭ କରିଥିଲେ। ବିଇଓ ଉପେନ୍ଦ୍ର କୁମାର ପାଢୀଙ୍କ ସଂଯୋଜନାରେ ଅନୁଷ୍ଠିତ କ୍ରୀଡ଼ା ଉତ୍ସବରେ ଏବିଇଓ ଶୈରନ୍ଦ୍ରୀ ଦଳେଇ, ଶ୍ରୀପଦ ମଞ୍ଜରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ସାହୁ, କ୍ରିଡା ଶିକ୍ଷକ ମନୋଜ କୁମାର ପାଢୀ ଯୋଗ ଦେଇଥିଲେ। ଭାଗ ନେଇଥିବା ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଖୋକ, କବାଡି, ୧୦୦, ୨୦୦, ୪୦୦ ମିଟର ଦୌଡ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଭା ଚୟନ କରାଯାଇଥିଲା। ସେମାନେ ଜିଲାସ୍ତରରେ ହେବାକୁ ଥିବା ପ୍ରତିଯୋଗିତାରେ ଭାଗ ନେବେ।

## ପ୍ରଶାସନର ସହାୟତା ଲୋଡ଼ିଲେ ଅସୁସ୍ଥ ଶ୍ରମିକଙ୍କ ପରିବାର

ପାରଳାଖେମୁଣ୍ଡି,୧୫।୯ (ଗିରିଧାରୀ ପରିଚ୍ଛା): ଗଜପତି ଜିଲା ଗୁମ୍ମା ବ୍ଲକ ଅନ୍ତର୍ଗତ ସେରଙ୍ଗ ଗ୍ରାମର ବାସିନ୍ଦା ପବିତ୍ର ଜେନାଙ୍କ ବଡପୁଅ ସାଲିମ ଜେନା ଦୀର୍ଘ ବର୍ଷ ଧରି ପଡ଼ୋଶୀ ଆନ୍ଧ୍ରପ୍ରଦେଶ ରାଜ୍ୟର ବିଜୟୱାଡା ସହରରେ ଦୀର୍ଘ ବର୍ଷ ଧରି ଦାଦନ ଶ୍ରମିକ ଭାବେ କାର୍ଯ୍ୟ କରି ପରିବାର ପ୍ରତିପୋଷଣ କରୁଥିଲେ। ଗତ ଦୁଇ ଦିନ ତଳେ ସେ ଅସୁସ୍ଥ ହେବାରୁ ତାଙ୍କୁ ସ୍ଥାନୀୟ ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ତାଙ୍କ ପରିବାର ଗରିବ ଶ୍ରେଣୀର ହୋଇଥିବାରୁ ତାଙ୍କର ଉତ୍ତମ ଚିକିତ୍ସା ପାଇଁ ଜିଲା ପ୍ରଶାସନକୁ ଗୁହାରି ଜଣାଇଛନ୍ତି। ଶୁକ୍ରବାର ଅସୁସ୍ଥ ସାଲିମଙ୍କ ମା' ବିରାଜମଣି ଜେନା ଗୁମ୍ମା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅନୁପ ଅଭିଷେକ ବେହେରାଙ୍କୁ ସହାୟତା ପାଇଁ ଗୁହାରି କରିଛନ୍ତି। ତାଙ୍କର ବିଜୁ ସ୍ୱାସ୍ଥ୍ୟବୀମା ଯୋଜନା କାର୍ଡ ଥିବା ବେଳେ ତାଙ୍କ ପାଇଁ ଜିଲା ପ୍ରଶାସନ ସହ ଆଲୋଚନା କରାଯାଇ ରେଡକ୍ରସ ପାଣ୍ଠି କିମ୍ବା ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠିରୁ ଚିକିତ୍ସା ପାଇଁ ଆର୍ଥିକ ସହାୟତା ଯୋଗାଇ ଦିଆଯିବ ବୋଲି ବିଡିଓ କହିଛନ୍ତି। ନଚେତ ତାଙ୍କୁ ରାଜ୍ୟର ଯେକୌଣସି ଭଲ ଚିକିତ୍ସାଳୟରେ ତାଙ୍କର ଉତ୍ତମ ଚିକିତ୍ସା ନିମନ୍ତେ ଭର୍ତ୍ତି କରିବାର ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି।

# ଲଗାଣ ବର୍ଷାରେ ଧୋଇଗଲା ପୋଲ

କୋଟଗଡ,୧୫।୯(ସରୋଜ ବଳିୟାରସିଂ): ଲଗାଣ ବର୍ଷାରେ ଧୋଇଗଲା ଅସ୍ଥାୟୀ ପୋଲ। ଫଳରେ ୧୦ଟି ଗାଁକୁ ଯୋଗାଯୋଗ ବିଛିନ୍ନ ହୋଇଛି। କନ୍ଧମାଳ ଜିଲା ତୁମୁଡ଼ିବନ୍ଧ ବ୍ଲକ କୁର୍ତ୍ତମଗଡ଼ଠାରୁ କରକୁଡୁପା ଭାୟା ଡାଙ୍ଗେସିଗୁଡ଼ାକୁ ସଂଯୋଗ କରୁଥିବା ରାସ୍ତାରେ ଥିବା ଅସ୍ଥାୟୀ ପୋଲ ଧୋଇହୋଇଯାଇଛି । ପୂର୍ବରୁ ମଧ ଲଗାଣ ବର୍ଷାରେ ଏହି ଅସ୍ଥାୟୀ ପୋଲଟି ଧୋଇ ହୋଇଯାଇଥିଲା। ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ବାଲି ବସ୍ତା ଓ ହୋମ ପାଇପ ପକାଯାଇ ମରାମତି କରାଯାଇଥିଲା। ଆଉ ଏବେ ପୁଣି ଥରେ ଅସ୍ଥାୟୀ ପୋଲ ଭାସି ଯିବା ପରେ କୁର୍ତ୍ତମଗଡ଼ଠାରୁ କରକୁଡୁପା ପଞ୍ଚାୟତର ଡ଼ାଙ୍ଗେସିଗୁଡ଼ା, ସିନ୍ଧିପାଙ୍କାଲ, ଗୁଗୁଡ଼ି, ବଲକି, କପିବିରା, ତଗପଦର ଗାଁ ଲୋକେ ଯିବା ଆସିବାରେ ଅନେକ ସମସ୍ୟା ଭୋଗୁଛନ୍ତି।


ଧୋଇଯାଇଥିବା ପୋଲ।

## ହିନ୍ଦୀ ଦିବସ ପାଳିତ

ଧରାକୋଟ,୧୫।୯ (ବିଷ୍ଣୁକେଶରୀ ଆଚାର୍ଯ୍ୟ): ଧରାକୋଟ ବ୍ଲକ ଅନ୍ତର୍ଗତ ଓଳମ୍ବାସ୍ଥିତ ବାଲୁଙ୍କେଶ୍ୱର ଉଚ୍ଚ ବିଦ୍ୟାଳୟରେ ହିନ୍ଦୀ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରଧାନଶିକ୍ଷକ ଶିଶିର କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଅବସରପ୍ରାପ୍ତ ଶିକ୍ଷକ ରାଜେନ୍ଦ୍ର ପ୍ରସାଦ ପାଣିଗ୍ରାହୀ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ହିନ୍ଦୀ ଭାଷାର ଗୁରୁତ୍ୱ ଜାତି ଓ ସମାଜ ପାଇଁ ଆବଶ୍ୟକ ଉପରେ ବକ୍ତବ୍ୟ ଦେଇଥିଲେ। ହିନ୍ଦୀ ଶିକ୍ଷକ ନିଶାକର ପାତ୍ର ହିନ୍ଦୀ ଦିବସର ଆଭିମୁଖ୍ୟ ସମ୍ପର୍କରେ ମତ ରଖିଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଖେଳ ଶିକ୍ଷକ ମଙ୍ଗୁଲୁ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ବିଦ୍ୟାଳୟ ରୂପାନ୍ତର ସମ୍ପର୍କରେ ସଚିବଙ୍କ ଭାବ ବିନିମୟ



ଧୋଇଯାଇଥିବା ପୋଲ।

ଦାରିଙ୍ଗବାଡି,୧୫।୯ (ଅରୁଣ ସାହୁ): କନ୍ଧମାଳ ଜିଲା ଦାରିଙ୍ଗବାଡି ବ୍ଲକ ଅଞ୍ଚଳରେ ଚତୁର୍ଥ ପର୍ଯ୍ୟାୟରେ ସରକାରୀ ଉଚ୍ଚ ବିଦ୍ୟାଳୟଗୁଡିକ ରୂପାନ୍ତୀକରଣ କାର୍ଯ୍ୟ ଚାଲିଛି। ଏହାର ଅଗ୍ରଗତି ଓ ବିଦ୍ୟାଳୟର ସମ୍ପର୍କରେ ଶୁକ୍ରବାର ଭିଡିଓ କନଫରେନ୍ସିଂ ମାଧ୍ୟମରେ ୫-ଟି ସଚିବ ଭି. କେ ପାଣ୍ଡିଆନ ଛାତ୍ରୀଛାତ୍ର, ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଭିଭାବକଙ୍କ ସହ ଭାବ ବିନିମୟ କରିଛନ୍ତି। ବିଡ଼ିଓ ଗଦାଧର ପାତ୍ର, ବିଇଓ ରସାନନ୍ଦ କରଙ୍କ ଉପସ୍ଥିତିରେ ପାରସ୍ପରିକ ଆଲୋଚନା ହୋଇଥିଲା। ୩ଟି ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଦ୍ୱାରା ପରିଚାଳିତ ବିଦ୍ୟାଳୟ ଏବଂ ସ୍କୁଲ ଓ ଗଣଶିକ୍ଷା ବିଭାଗ ଦ୍ୱାରା ୧୨ ଟି ବିଦ୍ୟାଳୟର ରୂପାନ୍ତର କାର୍ଯ୍ୟ ଚାଲିଥିବା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ।

## 'ଆମେ ଜାଣିବା ଆମେ ଜିଣିବା' ସଚେତନତା



ଦାରିଙ୍ଗବାଡ଼ି,୧୫।୯(ଅରୁଣ ସାହୁ): ଦାରିଙ୍ଗବାଡ଼ି ସରକାରୀ ଉଚ୍ଚ ମାଧମିକ ବିଦ୍ୟାଳୟରେ ଅଭିଭାବକମାନଙ୍କୁ ନେଇ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଭିଭାବକ ଆମର ଅଂଶୀଦାର ଏବଂ ଆମେ ଜାଣିବା ଆମେ ଜିଣିବା ନେଇ ସଚେତନ କରିବା ମୁଖ୍ୟ ଲକ୍ଷ୍ୟ। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଝୁନୁରାଣୀ ପ୍ରଧାନ କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିବା ବେଳେ ସହକାରୀ ଶିକ୍ଷକ ରମାକାନ୍ତ ଦେଶୀନାୟକ ସଭା ପରିଚାଳନା କରିଥିଲେ। ସେହିପରି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ କ୍ଷିତିଶ ପ୍ରିୟଦର୍ଶୀ ସାହୁ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଯୋଗାଇ ଦିଆଯାଉଥିବା ବିଭିନ୍ନ ସରକାରୀ ଯୋଜନା ଓ ସେମାନଙ୍କୁ ମିଳୁଥିବା ମୌଳିକ ସୁବିଧା ଓ ତାର ଫାଇଦା ସମ୍ପର୍କରେ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମରେ ସହକାରୀ ଶିକ୍ଷକ ନରେନ୍ଦ୍ର ବେହେରା, କୁଞ୍ଜବନ ପ୍ରଧାନ, ଆନନ୍ଦ ରଣା, ସମୀର କୁମାର ନାୟକ, ଶିକ୍ଷୟିତ୍ରୀ ବିନିତା ମଲିକ ଯୋଗଦେଇଥିଲେ ।

# କାଉନସିଲରଙ୍କ କ୍ଷେତ୍ର ପରିଦର୍ଶନ କର୍ମଶାଳା

ଜି.ଉଦୟଗିରି,୧୫।୯ (ଶିଶିର ପଟ୍ଟନାୟକ): ସ୍ଥାନୀୟ ବିଜ୍ଞାପିତ ଅଞ୍ଚଳ ପରିଷଦର ସଭାଗୃହରେ ଶୁକ୍ରବାର କାଉନସିଲରମାନଙ୍କର କ୍ଷେତ୍ର ପରିଦର୍ଶନ ସମ୍ପର୍କିତ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏଥିରେ ଭାରପ୍ରାପ୍ତ ଅଧକ୍ଷ ସନ୍ତୋଷ କୁମାର ବାଘ ଅଧକ୍ଷତା କରିଥିଲେ। ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଇତିଶ୍ରୀ ଷଡଙ୍ଗୀ କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ କରାଇଥିଲେ। ପ୍ରୋଗ୍ରାମ କୋଅର୍ଡିନେଟର ପ୍ରଭାତ ରଞ୍ଜନ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପରେ ପ୍ରୋଗ୍ରାମ କୋଅର୍ଡିନେଟର ଏବଂ ଟୁଲିପ ପ୍ରଫେସନାଲ ମୌସୁମୀ ବେହେରା ପ୍ରୋଜେକ୍ଟର ମାଧମରେ ସମସ୍ତ କାଉନସିଲରଙ୍କୁ ସହରାଞ୍ଚଳ ପରିମଳ ବିଷୟରେ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରିଥିଲେ। ଏହାପରେ କାଉନସିଲର ମାନଙ୍କ ମଧ୍ୟରେ ସହରାଞ୍ଚଳ ପରିମଳ ଉପରେ ଏକ ଲିଖିତ ପ୍ରତିଯୋଗିତା ହେଇଥିଲା। ଅପରାହ୍ନରେ ନିର୍ବାଚିତ ପ୍ରତିନିଧି ମାନେ ୧୧ ନଂ ୱାର୍ଡରେ ଥିବା ସମ୍ପଦ କେନ୍ଦ୍ର ପରିଦର୍ଶନ କରିଥିଲେ। ସିଏମଏମ ଭବାନୀ ପ୍ରସାଦ ବେହେରା ଏହି ସମ୍ପଦ କେନ୍ଦ୍ରର ପରିଚାଳନା ବିଷୟରେ ସବିଶେଷ ତଥ୍ୟ ବୁଝାଇଥିଲେ। କାର୍ଯ୍ୟକ୍ରମରେ କାଉନସିଲର ସଂଗୀତା ନାୟକ, ନିଶାରାଣୀ ନାୟକ, ମୋନାଲିସା ଦଳବେହେରା, ପି ସଂଜୀବ କୁମାର ପାତ୍ର, ସିଦ୍ଧେଶ୍ୱରୀ ନାୟକ, ଭାରତୀ ବେହେରା, ଜାକେଶ ପ୍ରଧାନ, ଲକ୍ଷ୍ମୀପ୍ରିୟା ପରିଚ୍ଛା, କୁନ୍ତିମା ନାୟକ, ଲିପିକା ପ୍ରଧାନ ନନ୍ଦିତା ପ୍ରଧାନ, ଦୀପକ କୁମାର ନାୟକ ଯୋଗ ଦେଇଥିଲେ। ପ୍ରଭାତ ରଞ୍ଜନ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



କର୍ମଶାଳାରେ ଉପସ୍ଥିତ କାଉନ୍‌ସିଲର ଓ ଅଧିକାରୀମାନେ ।

## ସଂକ୍ଷେପରେ

### ବିଚାରଧାରା ପ୍ରବାହିତ ଯାଏ ବ୍ୟକ୍ତି ମରେନାହିଁ

କେନ୍ଦ୍ରାପଡ଼ା,୧୫।୯(ଜଗନ୍ନାଥ ଧଳ)

ଜନ୍ମ ହେଲେ ମୃତ୍ୟୁ ଅବଶ୍ୟମ୍ଭାବୀ। ତେବେ ବିଚାରଧାରା ସମାଜରେ ପ୍ରବାହିତ ହେଉଥିବା ଯାଏ କୌଣସି ବ୍ୟକ୍ତି ମରି ନ ଥାଏ ବୋଲି ଶୁକ୍ରବାର ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅନାମବନ୍ଧୁ ଧଳଙ୍କ ତୃତୀୟ ଶ୍ରାଦ୍ଧ ଦିବସ ଶ୍ରଦ୍ଧାଞ୍ଜଳି ସଭାରେ ଅତିଥିମାନେ ମତ ଦେଇଛନ୍ତି। ସହରର ଗରାପୁରସ୍ଥ ଏକ କଲ୍ୟାଣ ମଣ୍ଡପରେ ଅନାମବନ୍ଧୁ ଧଳ ସ୍ମୃତି କମିଟିର ଆବାହକ ଧୀରେନ ସାହୁଙ୍କ ଅଧ୍ୟକ୍ଷତାରେ ଏହି ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଧାୟକ ଶଶିଭୂଷଣ ବେହେରା, ପୂର୍ବତନ ବିଧାୟକ କିଶୋର ଚନ୍ଦ୍ର ତରାଇ, ସିପ୍ରା ମଲ୍ଲିକ, ଯୁବନେତା ରାଜେଶ ପଣ୍ଡା, ପୂର୍ବତନ ଜିଲା ମହିଳା ବିଜେଡି ସଭାନେତ୍ରୀ ସ୍ନେହପ୍ରଭା ତ୍ରିପାଠୀ, ଜିଲା ପରିଷଦ ସଭ୍ୟ ରଶ୍ମିରଞ୍ଜନ ରାଉତ, ଦେବଦାସ ମହାନ୍ତି ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଧଳଙ୍କ ସ୍ମୃତିଚାରଣ କରିଥିଲେ। ସେମାନେ ପ୍ରକାଶ କରିଥିଲେ ଯେ, ସାଧାରଣ ଲୋକଙ୍କ ସହ ରହି ରାଜନୈତିକ କାର୍ଯ୍ୟକ୍ରମ ମାଧ୍ୟମରେ ସମସ୍ୟାର ସମାଧାନ କରିବା ଏତେ ସହଜ ନୁହେଁ। ପ୍ରତ୍ୟେକ ଦିନ ନୂଆ ସମସ୍ୟାର ସମ୍ମୁଖୀନ ହେବା ସହ ଏହାର ସମାଧାନ କରିବାକୁ ପଡ଼ିବ। ଏଥିପାଇଁ କେବଳ ପଦବୀ ନୁହେଁ, ଲୋକଙ୍କ ସମସ୍ୟା ଶୁଣିବା ପାଇଁ ଧୈର୍ଯ୍ୟ ଆବଶ୍ୟକ। ଏହି ଗୁଣ ସ୍ୱର୍ଗତ ଧଳଙ୍କ ନିକଟରେ ଥିବାରୁ ସମସ୍ତଙ୍କ ପାଇଁ ଆଦର୍ଶ ହୋଇଛନ୍ତି। ଏହି ଅବସରରେ ଓଡ଼ିଶା ମୋ ପରିବାର ପକ୍ଷରୁ ଜିଲା ସଂଯୋଜକ ହିରଣ୍ୟ କୁମାର ପଣ୍ଡାଙ୍କ ନେତୃତ୍ୱରେ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଏଥିରେ ମୋଟ ୫୮ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇ ଜିଲା ମୁଖ୍ୟ ଚିକିତ୍ସାଳୟ ବ୍ଲଡ ବ୍ୟାଙ୍କକୁ ଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଅସିତ ବନ୍ଧୁ ଧଳ, ବିଜୟ କୁମାର ମଣ୍ଡଳ, ସାହେବସାହିଲ ରାଉତ ପ୍ରମୁଖ ପରିଚାଳନା କରିଥିଲେ।

### ପ୍ରିୟବନ୍ଧୁ ପକ୍ଷରୁ ୨ ଦିନିଆ ବିଜ୍ଞାନ ମେଳା

କୁଜଙ୍ଗ,୧୫।୯ (ମନୋଜ ପ୍ରଧାନ)

ସାହିତ୍ୟ ଓ ସାମାଜିକ ଅନୁଷ୍ଠାନ ପ୍ରିୟବନ୍ଧୁ ପକ୍ଷରୁ କୁଜଙ୍ଗସ୍ଥିତ ଜାଭିୟର ଇଣ୍ଟରନେଶନାଲ ସ୍କୁଲ୍ ପକ୍ଷରୁ ୨ ଦିନିଆ ବିଜ୍ଞାନ ମେଳା ଶୁକ୍ରବାର ଆରମ୍ଭ ହୋଇଛି। ଉକ୍ତ ମେଳାରେ ବିଦ୍ୟାଳୟର ୧୬୧ ଜଣ ଛାତ୍ରୀଛାତ୍ର ଭାଗ ନେଇ ବିଭିନ୍ନ ପ୍ରକଳ୍ପ ଉପସ୍ଥାପନ କରିଛନ୍ତି। ଉକ୍ତ ମେଳାକୁ ଖବରଦାତା ଜୀବନାନନ୍ଦ ଅଧିକାରୀ ଉଦ୍‌ଘାଟନ କରିଥିବାବେଳେ, ମୁଖ୍ୟ ଅତିଥି ଭାବେ ଡ. ଗଙ୍ଗାଧର ସାମନ୍ତରାୟ ଯୋଗଦେଇ ବିଜ୍ଞାନର ଉପାଦେୟତା ଉପରେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ବିଚାରକ ଭାବେ କୁଜଙ୍ଗ ମହାବିଦ୍ୟାଳୟର ଗଣିତ ପ୍ରାଧ୍ୟାପକ ଶିଶିର ଚନ୍ଦ୍ର ସ୍ୱାଇଁ ଓ ଅଧ୍ୟାପକ ଅଜୟ କୁମାର ରାଉତ ଯୋଗଦେଇଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ସୁଧୀର କୁମାର ବିଶ୍ୱାଳ ପରିଚାଳନା କରିଥିଲାବେଳେ ନ୍ୟାଶନାଲ ସ୍କୁଲର ଅଧ୍ୟକ୍ଷା ପ୍ରମିଳା ନନ୍ଦ ସଂଯୋଜନା କରିଥିଲେ। ଅତିଥି ଭାବେ ଶିକ୍ଷାବିତ୍ ବିଭୂତି ଭୂଷଣ ଦାସ ଯୋଗଦେଇଥିଲେ। ଶିକ୍ଷକ ରତିକାନ୍ତ ମହାନ୍ତି, ରିଙ୍କୁ ପଲାଇ, ସୁଜାତା ଓଝା ପ୍ରମୁଖ ସହଯୋଗ କରିଥିଲେ। ଶନିବାର ଦିନ ଉକ୍ତ ମେଳା ଉଦ୍‌ଯାପିତ ହେବ ବୋଲି ପ୍ରିୟବନ୍ଧୁର ଅଧ୍ୟକ୍ଷ ରଘୁନାଥ ସାହୁ ଜଣାଇଛନ୍ତି।

### ଜଗତ୍‌ସିଂହପୁର ଏମ୍‌ପିଙ୍କ ଶାଶୁଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ

ତିର୍ତ୍ତୋଲ, ୧୫।୯ (ଗୌରାଙ୍ଗ ଚରଣ ସ୍ୱାଇଁ)

ତିର୍ତ୍ତୋଲସ୍ଥିତ ବୀଣାପାଣି ମଣ୍ଡପ ପରିସରରେ ଶୁକ୍ରବାର ଜଗତ୍‌ସିଂହପୁର ଏମ୍‌ପି ଡା. ରାଜଶ୍ରୀ ମଲ୍ଲିକଙ୍କ ଶାଶୁ ତଥା ରାଜ୍ୟ ସରକାରଙ୍କ ପୂର୍ବତନ ମୁଖ୍ୟଯନ୍ତ୍ରୀ ଇଂ. ଆଶୁତୋଷ ମଲ୍ଲିକଙ୍କ ବୋଉ ସ୍ୱର୍ଗତା ଉଷାରାଣୀଙ୍କ ପ୍ରଥମ ଶ୍ରାଦ୍ଧୋତ୍ସବ ପାଳିତ ହୋଇଯାଇଛି। ଏଥିରେ ପୂର୍ବତନ ମନ୍ତ୍ରୀ ତଥା ବାଲିକୁଦା-ଏରସମା ବିଧାୟକ ରଘୁନନ୍ଦନ ଦାସ, ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ଡ. ମିନତି ବେହେରା, ବିଜୁ ଜନତା ଦଳ ଜିଲା ସଭାପତି ରବିନାରାୟଣ ଜେନା, ପାରାଦୀପ ପୌରାଧ୍ୟକ୍ଷ ବସନ୍ତ କୁମାର ବିଶ୍ୱାଳ, ଜଗତ୍‌ସିଂହପୁର ଜିଲା ପରିଷଦ ଅଧ୍ୟକ୍ଷ ମନୋଜ କୁମାର ଭୋଇ, ଉପାଧ୍ୟକ୍ଷା ସୁଜାତା ମହାନ୍ତି, ତିର୍ତ୍ତୋଲ ବ୍ଲକ ଅଧ୍ୟକ୍ଷ ମନୋଜ କୁମାର ବେହେରା, ବ୍ଲକ ଉପାଧ୍ୟକ୍ଷା ସନ୍ଧ୍ୟାରାଣୀ ମହାନ୍ତି, ପୂର୍ବତନ ବିଧାୟକ ଜ୍ୟୋତିଷ କୁମାର ଦାସ, ଜିଲାପରିଷଦ ସଭ୍ୟ ସୁନିଲ କୁମାର ବେହେରା, ଯୁବନେତା ଅରବିନ୍ଦ ହୋତା, ପୂର୍ବତନ ଜିଲାପରିଷଦ ସଭ୍ୟ ପ୍ରବୀର କୁମାର ରାୟ, ସମିତି ସଭ୍ୟା ରୋଜାଲିନ ଜେନାଙ୍କ ସମେତ ତିର୍ତ୍ତୋଲ, ରଘୁନାଥପୁର, ବିରିଡ଼ି, ଏରସମା, ଜଗତ୍‌ସିଂହପୁର ପ୍ରଭୃତି ବ୍ଲକ ଅଞ୍ଚଳର ବହୁ ବରିଷ୍ଠ ଓ ଯୁବ ନେତୃତ୍ୱ, ବିଜୁ ଜନତା ଦଳର କର୍ମକର୍ତ୍ତା ପ୍ରମୁଖ ଯୋଗଦେଇ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।

# ନୂଆ ରାଜନୈତିକ ଦଳକୁ ନେଇ ଚର୍ଚ୍ଚା

## ମୋ ଦଳ ସମସ୍ତ ବିଧାନସଭା ଓ ଲୋକ ସଭା ଆସନରେ ପ୍ରାର୍ଥୀ ଦେବ

ଜଗତ୍‌ସିଂହପୁର, ୧୫।୯
(ପ୍ରମୋଦ କୁମାର ନାୟକ)

୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ଜଗତ୍‌ସିଂହପୁର ଜିଲାରେ ରାଜନୈତିକ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ୨୦୧୯ ନିର୍ବାଚନରେ ଜିଲାର ୪ଟି ଯାକ ବିଧାନସଭା ଓ ଜଗତ୍‌ସିଂହପୁର ଏମ୍‌ପି ସିଟ୍ ବିଜେଡି ପୋଛି ନେଇଥିଲା। କଂଗ୍ରେସ ଓ ଭାଜପା ଗୋଟିଏ ବି ଆସନ ନ ପାଇ ଏକପ୍ରକାର ଦୁର୍ବଳ ସ୍ଥିତିକୁ ଚାଲିଯାଇଥିଲେ। କିନ୍ତୁ ଗତ ପୌର ନିର୍ବାଚନ ସମୟରେ କଂଗ୍ରେସ କେତେକାଂଶରେ ଆଶ୍ୱସ୍ତି ହୋଇଥିଲା। କାରଣ ଜଗତ୍‌ସିଂହପୁର ପୌରାଧ୍ୟକ୍ଷା ଆସନଟି କଂଗ୍ରେସ ହାତକୁ ଯାଇଥିଲା। ଉଭୟ ସାଧାରଣ ଓ ପୌର ନିର୍ବାଚନରେ ଭାଜପା ତୃତୀୟ ସ୍ଥାନରେ ଥିଲା। ମୋଟାମୋଟି ଦେଖିବାକୁ ଗଲେ ଜିଲାରେ ବିଜେଡି, କଂଗ୍ରେସ ଓ ଭାଜପାର ଭୋଟ ନିର୍ବାଚନମଣ୍ଡଳୀ ଅନୁଯାୟୀ କିଛିଟା ପରିବର୍ତ୍ତନ ଲକ୍ଷ୍ୟ କରାଯାଉଥିଲେ ସୁଦ୍ଧା ବିଜେଡି ସର୍ବାଧିକ ରହିଆସିଛି। ଏବେ ଆଉ ଏକ ନୂଆ ଦଳ ଅର୍ଥାତ୍ ମୋ ଦଳ ଆବିର୍ଭାବ ହେବା ନୂଆ ରାଜନୈତିକ ପରିବେଶ ସୃଷ୍ଟି କରିଛି। କାରଣ ସାମାଜିକ ସଙ୍ଗଠନ ଭାବେ ପରିଚିତ ନବ ନିର୍ମାଣ କୃଷକ ସଙ୍ଗଠନ ତା'ର ଏକ ନୂଆ ରାଜନୈତିକ ପୃଷ୍ଠଭୂମି ତିଆରି କରିଛି। ଅର୍ଥାତ୍ ନବ ନିର୍ମାଣ ସ୍ୱରାଜ ସାମ୍ରାଜ୍ୟ ଗଠନ ଉଦ୍ଦେଶ୍ୟରେ ବିକଳ୍ପ ରାଜନୈତିକ ଦଳ ହିସାବରେ ମୋ ଦଳ ଆଗାମୀ ନିର୍ବାଚନରେ ମଇଦାନକୁ ଓହ୍ଲାଇବ ବୋଲି ଘୋଷଣା କରିଛି। ନିକଟରେ ସ୍ଥାନୀୟ ଏକ ମଣ୍ଡପ ପରିସରରେ ମୋ ଦଳର ଜିଲାସ୍ତରୀୟ ସାଙ୍ଗଠନିକ ବୈଠକ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଦଳର ରାଜ୍ୟ କାର୍ଯ୍ୟକାରୀ ସଭାପତି ଅକ୍ଷୟ କୁମାର ଯୋଗଦେଇ ମୋ ଦଳ ଗଠନର ଆଭିମୁଖ୍ୟ ଉପରେ ବର୍ଣ୍ଣନା କରିଥିଲେ। ସେ କହିଥିଲେ, ନବ ନିର୍ମାଣ କୃଷକ ସଙ୍ଗଠନ ୧୩ ବର୍ଷ ଧରି ଚାଷୀ ଓ ଚାଷ ପାଇଁ ଲଢ଼ି ଆସୁଛି। ଚାଷୀଙ୍କୁ ପ୍ରାଇସ୍, ପ୍ରେଷ୍ଟିଜ୍ ଓ ପେନସନ୍ ଦିଆଯିବା ନେଇ ଆନ୍ଦୋଳନ କରି ଆସୁଛି। କିନ୍ତୁ ଦୁଃଖର କଥା ହେଲା ଯେତେବେଳେ ଚାଷୀ ଦାବି ଉପସ୍ଥାପନ ପାଇଁ ରାଜଧାନୀରେ ଆନ୍ଦୋଳନକୁ ଓହ୍ଲାଉଛନ୍ତି ସେତେବେଳେ ରାଜ୍ୟ ସରକାର ରୋକିବା ପାଇଁ ସମସ୍ତ ଉଦ୍ୟମ କରୁଛନ୍ତି। ଏପରି କି ଗିରଫ ସହ ନାନା ମାଧ୍ୟମରେ ଚାଷୀଙ୍କୁ ଅତ୍ୟାଚାର କରାଯାଉଛି। ଚାଷୀ ନିରାଶ ହୋଇପଡୁଛନ୍ତି। ଚାଷୀଙ୍କ ରାଜନୈତିକ ମେରୁଦଣ୍ଡ ନ ଥିବାରୁ ଏଭଳି ସ୍ଥିତି ସୃଷ୍ଟି ହେଉଛି। ରାଜ୍ୟର ୮୦ ଭାଗ ଚାଷୀଙ୍କ ଭୋଟ ମଧ୍ୟରୁ ଯେଉଁ ଦଳ ୨୫ ଭାଗ ହାତଉଛି ସେ ଦଳ ସରକାର ଗଢୁଛି। ତେଣୁ ଚାଷୀ ନିଜେ ସଙ୍ଗଠିତ ହୋଇ ମୋ ଦଳ ମାଧ୍ୟମରେ ନିଜର ପ୍ରତିନିଧିଙ୍କୁ ବିଧାନସଭା, ଲୋକ ସଭା ପଠାଇବ। ଆଗାମୀ ସାଧାରଣ ନିର୍ବାଚନରେ ଏହି ଦଳ ଓଡ଼ିଶାର ସମସ୍ତ ୧୪୭ ବିଧାନସଭା ଓ ୨୧ ଲୋକ ସଭା ଆସନରେ ପ୍ରାର୍ଥୀ ଦେବ। ଏହି ପ୍ରକ୍ରିୟା ମାଧ୍ୟମରେ ନବ ନିର୍ମାଣ ସ୍ୱରାଜ ସାମ୍ରାଜ୍ୟ ଗଠନ ସମ୍ଭବ ବୋଲି ଅକ୍ଷୟ କହିଛନ୍ତି। ସେ ଏକଥା ମଧ୍ୟ କହିଛନ୍ତି, ମୋ ଦଳ କ୍ଷମତାକୁ ଆସିଲେ ସରକାର ଗଠନର ୨୪ ଘଣ୍ଟା ମଧ୍ୟରେ ବାର୍ଦ୍ଧକ୍ୟ ଭତ୍ତା ୨ ହଜାର ଟଙ୍କାକୁ ବୃଦ୍ଧି କରିବ। ଧାନ କୁଇଣ୍ଟାଲ ୩୪୦୦ ଟଙ୍କା, ୨୦ବର୍ଷ ବୟସରୁ ଚାଷୀ ସୁରକ୍ଷା ଭତ୍ତା ୫୦୦୦ ଟଙ୍କା ହିସାବରେ ଦିଆଯିବା ନେଇ ଅଧାଦେଶ ଜାରି କରାଯିବ। ଏଥିସହ ଓଡ଼ିଶାକୁ ମଦ ମୁକ୍ତ, ଦାଦନ ମୁକ୍ତ, ବେକାରି ମୁକ୍ତ କରାଯିବା ସହ ମାଫିଆଙ୍କୁ ଜେଲ ପଠାଯିବାର ବ୍ୟବସ୍ଥା ହେବ। ବୈଠକରେ ରାଜ୍ୟ ସାଧାରଣ ସମ୍ପାଦକ ଭାବେ ରଶ୍ମିରଞ୍ଜନ ସ୍ୱାଇଁ, ଉମାକାନ୍ତ ଭରତ, ରାଜ୍ୟ ସମ୍ପାଦକ ଦେବୀ ପ୍ରସାଦ ମହାରଣା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅରୁଣ କୁମାର ମହାପାତ୍ର, ଜିଲା ସଂଯୋଜକ ଭାବେ ଦୁର୍ଗାଚରଣ ସ୍ୱାଇଁଙ୍କୁ ନିଯୁକ୍ତି ଦିଆଯାଇଥିବା ଘୋଷଣା କରାଯାଇଥିଲା। ଏହି ବୈଠକ ପରେ ଜିଲାରେ ରାଜନୈତିକ ଚର୍ଚ୍ଚା ଜୋର ଧରିଛି। ୨୦୧୯ ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ଚିରଞ୍ଜୀବ ବିଶ୍ୱାଳ ହାରିଯିବା ପରଠାରୁ ନିର୍ବାଚନ ମଣ୍ଡଳୀଠାରୁ ସେ ଏକପ୍ରକାର ଦୂରତ୍ୱ ଅବଲମ୍ବନ କରୁଛନ୍ତି। ଅନେକ ସମୟରେ ସେ ବିଜେଡିରେ ଯୋଗଦେବେ ବୋଲି ଚର୍ଚ୍ଚା ହୋଇଆସୁଛି। ସେ ଏହାକୁ ଖଣ୍ଡନ କରୁଥିଲେ ସୁଦ୍ଧା କିଛିଦିନ ପୂର୍ବରୁ ରାଜଧାନୀରେ ଜାନକୀ ବସନ୍ତ ସ୍ୱର୍ଣ୍ଣିମ ଯୁଗକୁ ନେଇ ହୋଇଥିବା ଆଲୋଚନାଚକ୍ରରେ ବିବାଦୀୟ ବୟାନ ଦେଇ ଦଳରୁ ନିଲମ୍ବିତ ହୋଇଛନ୍ତି। ପାରାଦୀପ କଂଗ୍ରେସ ନେତା ଅରିନ୍ଦମ ସର୍ଖେଲ ମଧ୍ୟ ଗତ ନିର୍ବାଚନ ପରଠାରୁ ଦଳୀୟ ସାଙ୍ଗଠନିକ କାର୍ଯ୍ୟରୁ ଦୂରେଇ ରହୁଛନ୍ତି। ଭାଜପାରେ ମଧ୍ୟ ନେତୃତ୍ୱକୁ ନେଇ ଟଣାଓଟରା ଆରମ୍ଭ ହୋଇଯାଇଛି। ଏ ପରିସ୍ଥିତିରେ ମୋ ଦଳ ଭୋଟରଙ୍କୁ କେତେ ପ୍ରଭାବିତ କରୁଛି ତାହା ଦେଖିବା ବାକି ରହିଲା।

# ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଘେରିଲେ ଶିକ୍ଷୟିତ୍ରୀ,ଶିକ୍ଷକ



## ଅଷ୍ଟମ ଦିନରେ ପହଞ୍ଚିଲା ଶିକ୍ଷକଙ୍କ ଆନ୍ଦୋଳନ

ଝୁମ୍ପୁରୀ,୧୫।୯(ସରୋଜ ନାୟକ)

୮ ଦିନରେ ପହଞ୍ଚିଲା ଶିକ୍ଷକଙ୍କ ଆନ୍ଦୋଳନ। ଶୁକ୍ରବାର ଦଶରଥପୁର ବ୍ଲକ୍ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟକୁ ବ୍ଲକ୍‌ର ଶତାଧିକ ଶିକ୍ଷୟିତ୍ରୀ,ଶିକ୍ଷକ ଘେରିବା ସହ ଧାରଣା ଦେଇଥିଲେ। ବିଭିନ୍ନ ଦାବି ନେଇ ସେମାନେ ଆନ୍ଦୋଳନ କରୁଥିବାବେଳେ ସରକାର ଏବେ ସୁଦ୍ଧା ସେମାନଙ୍କ ଆନ୍ଦୋଳନ ପ୍ରତି କର୍ଣ୍ଣପାତ କରି ନ ଥିବାରୁ ଶିକ୍ଷକମାନେ କ୍ଷୋଭ ପ୍ରକାଶ କରିଛନ୍ତି । ଶିକ୍ଷକମାନଙ୍କ ଆନ୍ଦୋଳନ ଫଳରେ ପ୍ରାଥମିକ ବିଦ୍ୟାଳୟରେ ପାଠପଢ଼ା ସମ୍ପୂର୍ଣ୍ଣ ଭାବେ ବନ୍ଦ ରହିଛି। ଶତାଧିକ ଶିକ୍ଷକ ଦୀର୍ଘସମୟ ଧରି ବ୍ଲକ୍ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟକୁ ଘେରାଇ କରିବା ସହ ସେମାନଙ୍କର ଦାବି ଅବିଳମ୍ବେ ସରକାର ମାନି ନିଅନ୍ତୁ ବୋଲି ଗର୍ଜନ କରିଥିଲେ । ସରକାର ସେମାନଙ୍କ ଦାବି ପୂରଣ ନ କରିବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରି ରହିବ ବୋଲି ଦଶରଥପୁର ବ୍ଲକ୍ ଶିକ୍ଷକ ମହାସଂଘର ସଭାପତି ରବିନ୍ଦ୍ର କୁମାର ରାୟ କହିଛନ୍ତି ।

# ଯୋଜନାର ସୁଫଳ ଲୋକଙ୍କୁ ପହଞ୍ଚାଇବାକୁ ଆହ୍ୱାନ




କାର୍ଯ୍ୟକାରିଣୀ ବୈଠକ ମଞ୍ଚାସୀନ ବିଜେଡିର ନେତୃମଣ୍ଡଳୀ।

## ବିଜୁ ଯୁବ, ଛାତ୍ର ଜନତା ଦଳ ଜିଲା କାର୍ଯ୍ୟକାରିଣୀ ବୈଠକ

ଜଗତ୍‌ସିଂହପୁର, ୧୫।୯
(ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁରଠାରେ ଥିବା ଏକ ମଣ୍ଡପ ପରିସରରେ ଶୁକ୍ରବାର ବିଜୁ ଯୁବ, ଛାତ୍ର ଜନତା ଦଳ ପକ୍ଷରୁ ଜିଲା କାର୍ଯ୍ୟକାରିଣୀ ଓ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦଳୀୟ ନେତାମାନେ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାର ସୁଫଳ ଲୋକଙ୍କ ପାଖରେ ପହଞ୍ଚାଇବା ଉପରେ ମତ ରଖିଥିଲେ। ସମୃଦ୍ଧ ରାଜ୍ୟ ଗଠନ ପାଇଁ ଯୁବ ଓ ଛାତ୍ରମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ। ତେଣୁ ପ୍ରତ୍ୟେକ ଠିକ୍ ଭାବେ କାମ କଲେ ବାସ୍ତବ ଲକ୍ଷ୍ୟ ପୂରଣ ହୋଇପାରିବ। ଏହି ଅବସରରେ ଦଳୀୟ ସାଙ୍ଗଠନିକ କାର୍ଯ୍ୟକ୍ରମକୁ କ୍ରିୟାଶୀଳ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ତୃଣମୂଳସ୍ତରରୁ ପ୍ରତ୍ୟେକ ଯୋଜନାବଦ୍ଧ ଭାବେ ଉଦ୍ୟମ କଲେ ସଫଳତା ମିଳିବ। ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ଏ ନେଇ ଆଗୁଆ ରଣନୀତି ପ୍ରସ୍ତୁତ କରିବାକୁ ପଡ଼ିବ। କାର୍ଯ୍ୟକ୍ରମରେ ଦଳ ଜିଲା ପର୍ଯ୍ୟବେକ୍ଷକ ଅରୁଣ ସାହୁ, ବିଜୁ ଛାତ୍ର ଜନତା ଦଳ ରାଜ୍ୟ ସଭାପତି ଦେବୀ ରଞ୍ଜନ ତ୍ରିପାଠୀ, ଜଗତ୍‌ସିଂହପୁର ବିଧାୟକ ପ୍ରଶାନ୍ତ ମୁଦୁଲି, ବାଲିକୁଦା-ଏରସମା ବିଧାୟକ ରଘୁନନ୍ଦନ ଦାସ, ତିର୍ତ୍ତୋଲ ବିଧାୟକ ବିଜୟଶଙ୍କର ଦାସ, ପାରାଦୀପ ବିଧାୟକ ସମ୍ବିତ ରାଉତରାୟ, ରାଜ୍ୟ ବିଜୁ ଯୁବ ଜନତା ଦଳ ସଭାପତି ବ୍ୟୋମକେଶ ରାୟ, ଦଳ ଜିଲା ସଭାପତି ରବି ନାରାୟଣ ଜେନା, କାର୍ଯ୍ୟକାରୀ ସଭାପତି ଜ୍ୟୋତିଷ ଚନ୍ଦ୍ର ଦାସ, ବିଜୁ ଯୁବଛାତ୍ର ଜନତା ଦଳ ପ୍ରଭାରୀ ପ୍ରଣବ ବଳବନ୍ତ ରାୟ, ଜିଲା ପରିଷଦ ସଭାପତି ମନୋଜ ଭୋଇ ପ୍ରମୁଖ ଯୋଗଦେଇ ସେମାନଙ୍କ ବକ୍ତବ୍ୟ ରଖିଥିଲେ।

## ମାର୍ଶାଘାଇ କଲେଜରେ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ମାର୍ଶାଘାଇ,୧୫।୯
(ଶୁଭେନ୍ଦୁ ପ୍ରସାଦ ଚୌଧୁରୀ )

ମାର୍ଶାଘାଇ ମହାବିଦ୍ୟାଳୟ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ଶୁକ୍ରବାର ନବାଗତ ଯୁକ୍ତ ୩ ପ୍ରଥମ ବର୍ଷ ସମ୍ମାନ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ବିଭାଗୀୟ ମୁଖ୍ୟ ଅଧ୍ୟାପକ ସୁକାନ୍ତ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଅଧ୍ୟକ୍ଷ ପ୍ରଫେସର ପ୍ରଣୟ କୁମାର ପରିଜା ଏବଂ ସମ୍ମାନିତ ଅତିଥି ଭାବେ ମହାବିଦ୍ୟାଳୟ ପ୍ରଶାସନିକ ଅଧିକାରୀ ପ୍ରାଧ୍ୟାପକ ଦୀପକ କୁମାର ଦାସ, ବିଭାଗୀୟ ଅଧ୍ୟାପକ ସୂର୍ଯ୍ୟକାନ୍ତ ଦାସ, ଡ. ଲଛମନ ବୈରାଗୀ, ଅଧ୍ୟାପିକା ପ୍ରଭାସିନୀ ସ୍ୱାଇଁ ଓ ପ୍ରଗତି ବିଶ୍ୱାଳ ଯୋଗଦେଇଥିଲେ। ଛାତ୍ରୀଛାତ୍ରମାନେ ଅନ୍ୟର ସ୍ୱପ୍ନରେ ଭାଗୀଦାର ନ ହୋଇ ନିଜ ସ୍ୱପ୍ନରେ ଜାତି ଓ ରାଷ୍ଟ୍ରର ସମୃଦ୍ଧି କରିବା ସହ ସମୟାନୁବର୍ତ୍ତୀ, ଶୃଙ୍ଖଳିତ ଓ କର୍ତ୍ତବ୍ୟନିଷ୍ଠ ହେବା ପାଇଁ ସେମାନେ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଅଧ୍ୟକ୍ଷଙ୍କୁ ଓଡ଼ିଆ ବିଭାଗ ପକ୍ଷରୁ ସମ୍ବର୍ଦ୍ଧିତ କରାଯିବା ସହ ପ୍ରାଚୀର ପତ୍ରିକା ଚେତନାର ଶୁଭ ଲୋକାର୍ପଣ କରାଯାଇଥିଲା। ତୃତୀୟ ବର୍ଷ ଛାତ୍ରୀ ସ୍ୱାତୀ ସ୍ମରଣିକା ପ୍ରଧାନ ଧନ୍ୟବାଦ ଦେଇଥିଲେ।

## ଚଣ୍ଡିଖୋଲ ପ୍ରେସ୍ କ୍ଲବ ସଭାପତିଙ୍କ ପରଲୋକ

ଚଣ୍ଡିଖୋଲ,୧୫।୯(ପ୍ରଦୀପ୍ତ କୁମାର ପୃଷ୍ଟି)



ଚଣ୍ଡିଖୋଲ ପ୍ରେସ୍ କ୍ଲବ୍ ସଭାପତି ତଥା ପାକ୍ଷିକ ଖବରକାଗଜ କଳିଙ୍ଗପ୍ରଭାର ସମ୍ପାଦକ ପ୍ରଦୀପ୍ତ କୁମାର ପରିଡ଼ାଙ୍କ ଗୁରୁବାର ବିଳମ୍ବିତ ରାତିରେ ପରଲୋକ ହୋଇଯାଇଛି । ତାଙ୍କୁ ୭୫ ବର୍ଷ ବୟସ ହୋଇଥିଲା । ସେ କଟକର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଥିଲେ । ପ୍ରଦୀପ୍ତ ଚଣ୍ଡିଖୋଲ କୋର୍ଟ ବାର୍ ଆସୋସିଏଶନର ପ୍ରତିଷ୍ଠାତା ସଭ୍ୟ ଥିଲେ । ଏଥିସହିତ ସେ ଚାରିବାଟିଆ ଗଣପତି ଜ୍ଞାନମନ୍ଦିରର ପ୍ରତିଷ୍ଠାତା । ବଡ଼ଚଣାର ଅନେକ ସାମାଜିକ ଓ ସାହିତ୍ୟ ଅନୁଷ୍ଠାନ ସହିତ ସେ ଜଡ଼ିତ ଥିଲେ। ତାଙ୍କ ପାର୍ଥିବ ଶରୀର ନିଜ ଗ୍ରାମ ବଡ଼ଚଣା ବ୍ଲକ ଅନ୍ତର୍ଗତ ଗରଗାଲି ବାସଭବନରେ ପହଞ୍ଚିବା ପରେ ବହୁ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିଥିଲେ । ପରେ ଚଣ୍ଡିଖୋଲ କୋର୍ଟ ଓ ପ୍ରେସ୍ କ୍ଲବ୍‌କୁ ତାଙ୍କ ପାର୍ଥିବ ଶରୀର ନିଆଯାଇଥିଲା । କୋର୍ଟର କନିଷ୍ଠ ବିଚାରପତି ପରିମିନ ମଣ୍ଡଳ, ବାର୍ ଆସୋସିଏଶନ ତରଫରୁ ସଭାନେତ୍ରୀ ରେଣୁବାଳା ମହାନ୍ତି, ପ୍ରାକ୍ତନ ସଭାପତି ଦେବରାଜ ବେହେରା, ସମ୍ପାଦକ ପ୍ରକାଶ ଦାଶ, ଆଇନଜୀବୀ ଆଶିଷ ରଞ୍ଜନ ମହାପାତ୍ରଙ୍କ ସହ ବହୁ ଓକିଲ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପ୍ରେସ୍ କ୍ଲବଠାରେ ବଡ଼ଚଣା ଭାଜପା ନେତା ଅମର ନାୟକ, କୁନ୍ଦଳ ସରପଞ୍ଚ ପ୍ରୋମିତା ରାଉତ, ପ୍ରାକ୍ତନ ସମିତି ସଭ୍ୟ ପ୍ରୀତମ ନାୟକ, ବଜାର କମିଟି ସଭାପତି କ୍ଷୀରୋଦ ମାହାଲା, କଂଗ୍ରେସ ନେତା ଅଜୟ ସାମଲ, ବିଶ୍ୱ ପ୍ରକାଶ ସାମଲ, ଟ୍ରକ୍ ଆସୋସିଏଶନ ସଭାପତି ପୁଷ୍ପରାଜ ନାୟକ ପ୍ରମୁଖ ଶେଷ ଦର୍ଶନ କରିଥିଲେ। ବରିଷ୍ଠ ଖବରଦାତା ମହେଶ୍ୱର ବଳ, ଉତ୍କଳ ସାମ୍ବାଦିକ ସଂଘ ସମ୍ପାଦକ ବେଣୁଧର ପଣ୍ଡା, ସମ୍ପାଦକ ଦିଲୀପ ମହାନ୍ତି, ଭକ୍ତ ଚରଣ ସାହୁ, ନରହରି ମାହାନ୍ତି, ଭାରତ ଭୂଷଣ ପଣ୍ଡା, ମୋହନ ଖିଲାର, ପ୍ରସନ୍ନ ବିଶାଳ, ବସନ୍ତ ପଲେଇ, ସମରେନ୍ଦ୍ର ମାହାଳ ପ୍ରମୁଖ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ଏକମାତ୍ର ପୁତ୍ର ଡାକ୍ତର ପ୍ରଶାନ୍ତ କୁମାର ପରିଡା ମୁଖାଗ୍ନି ଦେଇଥିଲେ । ଜିଲା ପରିଷଦ ଉପସଭାପତି ଗଣେଶ୍ୱର ବରାଳ, ଜିଲା ପରିଷଦ ସଭ୍ୟ ଯତିନ୍ଦ୍ର ନାୟକ, ଜିଲା ବିଜେଡି ଉପସଭାପତି ଅମର ମହାନ୍ତି, ବଡଚଣା ବିଧାୟକ ଅମର ପ୍ରସାଦ ଶତପଥୀ, ପୂର୍ବତନ ମନ୍ତ୍ରୀ ସୀତାକାନ୍ତ ମହାପାତ୍ର, ପିସିସି ସମ୍ପାଦକ ରାଜନାରାୟଣ ମହାପାତ୍ର, ଭାଜପା ନେତ୍ରୀ ଶ୍ରୀମନ୍ତିନୀ ଜେନା, ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଜନ୍ମେଜୟ ଲେଙ୍କା ପ୍ରମୁଖ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି ।

# ୧୨୭ ହିତାଧିକାରୀଙ୍କୁ ୨୪.୮୩ ଲକ୍ଷ ଟଙ୍କାର ସହାୟତା ପ୍ରଦାନ

## ଗରଦପୁର ବ୍ଲକରେ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା

ପାଟକୁରା,୧୫।୯(ରବୀନ୍ଦ୍ର ନାଥ ବାରିକ )



ମୁଖ୍ୟଅତିଥି ସଞ୍ଜୟ ଅଗ୍ରୱାଲଙ୍କ ସମେତ ଅନ୍ୟମାନେ।

ଗରଦପୁର ବ୍ଲକ ସଭାଗୃହରେ ଶୁକ୍ରବାର ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ସହାୟତା ବଣ୍ଟନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପାଟକୁରା ବିଧାୟିକାଙ୍କ ପ୍ରତିନିଧି ତଥା ରାଜ୍ୟ ବିଜେଡି କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୟ ଅଗ୍ରୱାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିର୍ମାଣ ଶ୍ରମିକ ହିତାଧିକାରୀଙ୍କୁ ସହାୟତା ରାଶି ବଣ୍ଟନ କରିଥିଲେ। ସମୁଦାୟ ୧୨୭ ହିତାଧିକାରୀ ୨୪,୮୩,୬୦୦ଟଙ୍କାର ସହାୟତା ପାଇଥିଲେ। ୫୦ଜଣ ଶ୍ରମିକ କାର୍ଡ, ୮୬ଜଣ ଶିକ୍ଷା ସହାୟତା, ୩୯ଜଣ ବିବାହ ସହାୟତା, ୨ଜଣ ପ୍ରସୂତିକାଳୀନ ସହାୟତା ରାଶି ପାଇଥିଲେ। ଏଥିରେ ବିଡିଓ ଧର୍ମ ରଞ୍ଜନ ପଣ୍ଡା, ବ୍ଲକ ଅଧ୍ୟକ୍ଷ ଅଭୟ ମହାରାଜ, ଯୁଗ୍ମ ଶ୍ରମ ଆୟୁକ୍ତ ପ୍ରଦୀପ କୁମାର ମହାନ୍ତି, ଶ୍ରମ ଅଧିକାରୀ ଅଶୋକ ମୁର୍ମୁ ମଙ୍ଗଳ, ପ୍ରଶାସକ ରାକେଶ ସିଂ, ସହ ଶ୍ରମ ଅଧିକାରୀ ଦେବାଶିଷ ଜେନା, ସାମାଜିକ ଶିକ୍ଷା ଅଧିକାରୀ ଖଗେଶ୍ୱର ସେଠୀଙ୍କ ସମେତ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

# କଳାକାର ଭତ୍ତା ପାଇଁ ପଟ୍ଟାମୁଣ୍ଡାଇ ବ୍ଲକରେ ଅଡିଶନ

ପଟ୍ଟାମୁଣ୍ଡାଇ,୧୫।୯(ଅକ୍ଷୟ ବିଶ୍ୱାଳ)



ରାଜ୍ୟ ସରକାରଙ୍କ ବିଜ୍ଞପ୍ତି ଅନୁଯାୟୀ କଳାକାର ଭତ୍ତା ପାଇଁ ୩ ଦିନ ବ୍ୟାପୀ ପଟ୍ଟାମୁଣ୍ଡାଇ ବ୍ଲକ ଅଡିଟୋରିୟମରେ ବିଭିନ୍ନ ପଞ୍ଚାୟତର କଳାକାରମାନଙ୍କ ଅଡିଶନ ଗ୍ରହଣ କରାଯାଇଛି। ଏହି ଅଡିଶନରେ ଚୟନ କର୍ତ୍ତା ଭାବେ ବିଶିଷ୍ଟ ପାଲା ଗାୟକ ଦ୍ୟୁତିକୃଷ୍ଣ ପଣ୍ଡା, ଗାୟକ ରବୀନ୍ଦ୍ର ନାଥ ମିଶ୍ର, ଗାୟକ ପ୍ରମୋଦ କୁମାର ଦାସ, ପ୍ରକାଶ ମହାରଣା, ସବିତା ଦେହୁରୀ, ପଟ୍ଟାମୁଣ୍ଡାଇ ବ୍ଲକ ଉପାଧ୍ୟକ୍ଷା ଜୟନ୍ତୀ ସ୍ୱାଇଁ ଓ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଉଦାର ସୁନ୍ଦର ସ୍ୱାଇଁ ପ୍ରମୁଖ ଯୋଗଦେଇ କଳକାରମାନଙ୍କ କଳା ପରିବେଷଣ ଅନୁଧ୍ୟାନ କରିଥିଲେ। ଏହି ଅଡିଶନରେ ଗ୍ରାମାଞ୍ଚଳ ଲୋକକଳା ପାଲା, ଭଜନ, ଜଣାଣ, ଯୁଗ୍ମ ସଙ୍ଗୀତ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମହିଳାମାନେ ଅଧିକ ଉତ୍ସାହିତ ହୋଇ କଳା ପରିବେଷଣ କରିଥିଲେ। ବ୍ଲକର ମୋଟ ୫୫ ଜଣ କଳାକାରଙ୍କୁ ଚୟନ କରାଯାଇଥିଲା। ଲୋକକଳାରେ କୃତିତ୍ୱ ଅର୍ଜନ କରିଥିବା କଳାକାରମାନଙ୍କ ନାମ କେନ୍ଦ୍ରାପଡ଼ା ଜିଲାପାଳଙ୍କୁ ପ୍ରଦାନ କରାଯାଇଛି।

# ବିଦ୍ୟାଳୟରେ ସ୍ୱଚ୍ଛତା ପକ୍ଷ ପାଳନ




ସ୍ୱଚ୍ଛତା ପକ୍ଷରେ କୃତୀ ଛାତ୍ରୀଙ୍କୁ ଅତିଥି ସମ୍ବର୍ଦ୍ଧିତ କରୁଛନ୍ତି।

ରାଜନଗର, ୧୫।୯
(ଭାସ୍କର ରାଉତରାୟ)

ରାଜନଗର ବ୍ଲକ ହାତିନାସ୍ଥିତ ଲକ୍ଷ୍ମୀବରାହ ସରକାରୀ ଉଚ୍ଚ ବିଦ୍ୟାଳୟରେ ସ୍ୱଚ୍ଛତା ପକ୍ଷ ଦିବସ ପାଳିତ ହୋଇଯାଇଛି। ଚଳିତମାସ ୧ତାରିଖରୁ ଆରମ୍ଭ ହୋଇଥିବା ଏହି ସ୍ୱଚ୍ଛତା ପକ୍ଷ ଶୁକ୍ରବାର ଉଦ୍‌ଯାପିତ ହୋଇଛି। ସ୍ୱଚ୍ଛତା ପକ୍ଷର ତାତ୍ପର୍ଯ୍ୟ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଯାଇଛି। ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ସହକାରୀ ଶିକ୍ଷୟିତ୍ରୀ ବର୍ଷାରାଣୀ ରାଉତ, ଅମିତା ରାଉତ, ସୁଜାତା ଲେଙ୍କା, ସହକାରୀ ଶିକ୍ଷକ ଗୋପବନ୍ଧୁ ବେହେରା, ଅରବିନ୍ଦ ଦାସ, ତ୍ରିନାଥ ବେହେରା, ଅରୁଣ ରାଉତ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଆୟୋଜିତ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।

# ଅଭିଭାବକ, ଛାତ୍ରୀଛାତ୍ର ମହଲରେ ତୀବ୍ର ଅସନ୍ତୋଷ

## ଶିକ୍ଷକଙ୍କ ଆନ୍ଦୋଳନ: ଡେରାବିଶର ୨୬ ସ୍କୁଲରେ ତାଲା

ଡେରାବିଶ, ୧୫।୯(ବେବର୍ତ୍ତା ଅଜୟ ଦାସ)



୩ ଦଫା ଦାବି ନେଇ ଡେରାବିଶ ଶିକ୍ଷା ସର୍କଲ ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟର ଶିକ୍ଷକମାନେ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଫଳରେ ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେପାଠ ପଢ଼ା ଏକ ପ୍ରକାର ବନ୍ଦ ହୋଇଯାଇଛି। ଏହି ସର୍କଲ ଅନ୍ତର୍ଗତ ସମୁଦାୟ ୧୪୩ଟି ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀଯାଏ ରହିଛି। ଶୁକ୍ରବାର ଏହି ବିଦ୍ୟାଳୟକୁ ଶିକ୍ଷକମାନେ ନ ଆସିବା ଯୋଗୁ ଏଥି ମଧ୍ୟରୁ ୨୬ ଟି ବିଦ୍ୟାଳୟ ସମ୍ପୂର୍ଣ୍ଣ ବନ୍ଦ ହେବା ସହ ତାଲା ଝୁଲୁଛି। ଯେଉଁପାଇଁ ଦୈନିକ ଏହି ବିଦ୍ୟାଳୟକୁ ଛାତ୍ରୀଛାତ୍ରମାନେ ପଢ଼ିବା ପାଇଁ ଆସି ଘରକୁ ଫେରିଛନ୍ତି। ଏ ନେଇ ଛାତ୍ର ଅଭିଭାବକଙ୍କ ମହଲରେ ଅସନ୍ତୋଷ ଦେଖାଦେଇଛି। ଅଭିଭାବକ ଅକ୍ଷୟ କୁମାର ବିଶ୍ୱାଳ ଓ ବିକ୍ରମ ଚରଣ କାଣ୍ଡି କହିଛନ୍ତି, ଶିକ୍ଷକମାନଙ୍କ ଆନ୍ଦୋଳନ ଯଥାର୍ଥ ହୋଇପାରେ। ମାତ୍ର ଆନ୍ଦୋଳନ ପାଇଁ ବିକଳ୍ପ ବ୍ୟବସ୍ଥା କରା ନ ଯାଇ ବିଦ୍ୟାଳୟଗୁଡ଼ିକୁ ବନ୍ଦ କରି ଦିଆଯିବା ଦ୍ୱାରା ଛାତ୍ରୀଛାତ୍ରଙ୍କ ପାଠପଢ଼ାରେ ଯେଉଁ ବ୍ୟାଘାତ ଘଟିଲା ତାକୁ ଭରଣା କରିବ କିଏ ବୋଲି ପ୍ରଶ୍ନ କରିଛନ୍ତି। ଏ ବିଷୟରେ ନିଖିଳ ଉତ୍କଳ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘର ବ୍ଲକ ସଭାପତି ଅଶୋକ କୁମାର ମହାପାତ୍ରଙ୍କୁ ପଚାରିବାରେ ଶିକ୍ଷମାନଙ୍କ ଦାବି ପୂରଣ ନ ହେବା ଯାଏ ଆନ୍ଦୋଳନରୁ ଓହରିବୁ ନାହିଁ। ଛାତ୍ରୀଛାତ୍ରଙ୍କ ବନ୍ଦ ରହିଥିବା ପାଠପଢ଼ା ପାଇଁ କିଏ ଦାୟୀ ରହିବ ବୋଲି ପଚାରିବାରୁ ସରକାର ଦାୟୀ ରହିବେ ବୋଲି ସେ ମତପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ବ୍ଲକ ଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରାଙ୍କୁ ପଚାରିବାରେ ବନ୍ଦ ରହିଥିବା ବିଦ୍ୟାଳୟଗୁଡ଼ିକରେ ଶନିବାରଠାରୁ ପାଖରେ ଥିବା ହାଇସ୍କୁଲ ଓ ଆନ୍ଦୋଳନରେ ସାମିଲ ହୋଇ ନ ଥିବା ଶିକ୍ଷକ ସମ୍ପୃକ୍ତ ବିଦ୍ୟାଳୟକୁ ଯାଇ ଛାତ୍ରୀଛାତ୍ରଙ୍କୁ ପାଠ ପଢ଼ାଇବା ପାଇଁ ବିକଳ୍ପ ବ୍ୟବସ୍ଥା କରାଯାଇଛି। ଏ ବିଷୟରେ ଶିକ୍ଷା ସର୍କଲ ଅଧୀନରେ ଥିବା ସମସ୍ତ କ୍ଲଷ୍ଟରର ସିଆରସିସିମାନଙ୍କୁ ପିଲାଙ୍କ ପାଠପଢ଼ା ଯେପରି ବନ୍ଦ ନ ହୁଏ ସେ ଦିଗରେ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏ ବିଷୟରେ କେତେଜଣ ସିଆରସିସି ନିଜ ନାମକୁ ଗୋପନ ରଖି ବର୍ତ୍ତମାନ ବହୁ ଶିକ୍ଷକ ପଦବୀ ଖାଲି ପଡ଼ିଥିବା ବେଳେ ବନ୍ଦ ଥିବା ବିଦ୍ୟାଳୟରେ କେଉଁଠୁ ଶିକ୍ଷକ ଅଣାଯାଇ ପାଠପଢ଼ା ହେବ ତାହା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ବୋଲି କହିଥିଲେ। ତେବେ ବନ୍ଦ ଥିବା ୨୬ଟି ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି।

## ସଂକ୍ଷେପରେ

### ବିଚାରଧାରା ପ୍ରବାହିତ ଯାଏ ବ୍ୟକ୍ତି ମରେନାହିଁ

କେନ୍ଦ୍ରାପଡା,୧୫।୯(ଜଗନ୍ନାଥ ଧଳ)

ଜନ୍ମ ହେଲେ ମୃତ୍ୟୁ ଅବଶ୍ୟମ୍ଭାବୀ। ତେବେ ବିଚାରଧାରା ସମାଜରେ ପ୍ରବାହିତ ହେଉଥିବା ଯାଏ କୌଣସି ବ୍ୟକ୍ତି ମରି ନ ଥାଏ ବୋଲି ଶୁକ୍ରବାର ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅନାମବନ୍ଧୁ ଧଳଙ୍କ ତୃତୀୟ ଶ୍ରାଦ୍ଧ ଦିବସ ଶ୍ରଦ୍ଧାଞ୍ଜଳି ସଭାରେ ଅତିଥିମାନେ ମତ ଦେଇଛନ୍ତି। ସହରର ଗରାପୁରସ୍ଥ ଏକ କଲ୍ୟାଣ ମଣ୍ଡପରେ ଅନାମବନ୍ଧୁ ଧଳ ସ୍ମୃତି କମିଟିର ଆବାହକ ଧୀରେନ ସାହୁଙ୍କ ଅଧ୍ୟକ୍ଷତାରେ ଏହି ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଧାୟକ ଶଶିଭୂଷଣ ବେହେରା, ପୂର୍ବତନ ବିଧାୟକ କିଶୋର ଚନ୍ଦ୍ର ତରାଇ, ସିପ୍ରା ମଲ୍ଲିକ, ଯୁବନେତା ରାଜେଶ ପଣ୍ଡା, ପୂର୍ବତନ ଜିଲା ମହିଳା ବିଜେଡି ସଭାନେତ୍ରୀ ସ୍ନେହପ୍ରଭା ତ୍ରିପାଠୀ, ଜିଲା ପରିଷଦ ସଭ୍ୟ ରଶ୍ମିରଞ୍ଜନ ରାଉତ, ଦେବଦାସ ମହାନ୍ତି ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଧଳଙ୍କ ସ୍ମୃତିଚାରଣ କରିଥିଲେ। ସେମାନେ ପ୍ରକାଶ କରିଥିଲେ ଯେ, ସାଧାରଣ ଲୋକଙ୍କ ସହ ରହି ରାଜନୈତିକ କାର୍ଯ୍ୟକ୍ରମ ମାଧ୍ୟମରେ ସମସ୍ୟାର ସମାଧାନ କରିବା ଏତେ ସହଜ ନୁହେଁ। ପ୍ରତ୍ୟେକ ଦିନ ନୂଆ ସମସ୍ୟାର ସମ୍ମୁଖୀନ ହେବା ସହ ଏହାର ସମାଧାନ କରିବାକୁ ପଡ଼ିବ। ଏଥିପାଇଁ କେବଳ ପଦବୀ ନୁହେଁ, ଲୋକଙ୍କ ସମସ୍ୟା ଶୁଣିବା ପାଇଁ ଧୈର୍ଯ୍ୟ ଆବଶ୍ୟକ। ଏହି ଗୁଣ ସ୍ୱର୍ଗତ ଧଳଙ୍କ ନିକଟରେ ଥିବାରୁ ସମସ୍ତଙ୍କ ପାଇଁ ଆଦର୍ଶ ହୋଇଛନ୍ତି। ଏହି ଅବସରରେ ଓଡ଼ିଶା ମୋ ପରିବାର ପକ୍ଷରୁ ଜିଲା ସଂଯୋଜକ ହିରଣ୍ୟ କୁମାର ପଣ୍ଡାଙ୍କ ନେତୃତ୍ୱରେ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଏଥିରେ ମୋଟ ୫୮ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇ ଜିଲା ମୁଖ୍ୟ ଚିକିତ୍ସାଳୟ ବ୍ଲଡ ବ୍ୟାଙ୍କକୁ ଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଅସିତ ବନ୍ଧୁ ଧଳ, ବିଜୟ କୁମାର ମଣ୍ଡଳ, ସାହେବସାହିଲ ରାଉତ ପ୍ରମୁଖ ପରିଚାଳନା କରିଥିଲେ।

### ପ୍ରିୟବନ୍ଧୁ ପକ୍ଷରୁ ୨ ଦିନିଆ ବିଜ୍ଞାନ ମେଳା

କୁଜଙ୍ଗ,୧୫।୯ (ମନୋଜ ପ୍ରଧାନ)

ସାହିତ୍ୟ ଓ ସାମାଜିକ ଅନୁଷ୍ଠାନ ପ୍ରିୟବନ୍ଧୁ ପକ୍ଷରୁ କୁଜଙ୍ଗସ୍ଥିତ ଜାଭିୟର ଇଣ୍ଟରନେଶନାଲ ସ୍କୁଲ୍ ପକ୍ଷରୁ ୨ ଦିନିଆ ବିଜ୍ଞାନ ମେଳା ଶୁକ୍ରବାର ଆରମ୍ଭ ହୋଇଛି। ଉକ୍ତ ମେଳାରେ ବିଦ୍ୟାଳୟର ୧୬୧ ଜଣ ଛାତ୍ରୀଛାତ୍ର ଭାଗ ନେଇ ବିଭିନ୍ନ ପ୍ରକଳ୍ପ ଉପସ୍ଥାପନ କରିଛନ୍ତି। ଉକ୍ତ ମେଳାକୁ ଖବରଦାତା ଜୀବନନାନନ୍ଦ ଅଧିକାରୀ ଉଦ୍‌ଘାଟନ କରିଥିବାବେଳେ, ମୁଖ୍ୟ ଅତିଥି ଭାବେ ଡ. ଗଙ୍ଗାଧର ସାମନ୍ତରାୟ ଯୋଗଦେଇ ବିଜ୍ଞାନର ଉପାଦେୟତା ଉପରେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ବିଚାରକ ଭାବେ କୁଜଙ୍ଗ ମହାବିଦ୍ୟାଳୟର ଗଣିତ ପ୍ରାଧ୍ୟାପକ ଶିଶିର ଚନ୍ଦ୍ର ସ୍ୱାଇଁ ଓ ଅଧ୍ୟାପକ ଅଜୟ କୁମାର ରାଉତ ଯୋଗଦେଇଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ସୁଧୀର କୁମାର ବିଶ୍ୱାଳ ପରିଚାଳନା କରିଥିଲା ବେଳେ ନ୍ୟାଶନାଲ ସ୍କୁଲର ଅଧ୍ୟକ୍ଷା ପ୍ରମିଳା ନନ୍ଦ ସଂଯୋଜନା କରିଥିଲେ। ଅତିଥି ଭାବେ ଶିକ୍ଷାବିତ୍ ବିଭୂତି ଭୂଷଣ ଦାସ ଯୋଗଦେଇଥିଲେ। ଶିକ୍ଷକ ରତିକାନ୍ତ ମହାନ୍ତି, ରିଙ୍କୁ ପଲାଇ, ସୁଜାତା ଓଝା ପ୍ରମୁଖ ସହଯୋଗ କରିଥିଲେ। ଶନିବାର ଦିନ ଉକ୍ତ ମେଳା ଉଦ୍‌ଯାପିତ ହେବ ବୋଲି ପ୍ରିୟବନ୍ଧୁର ଅଧ୍ୟକ୍ଷ ରଘୁନାଥ ସାହୁ ଜଣାଇଛନ୍ତି।

### ଜଗତ୍‌ସିଂହପୁର ଏମ୍‌ପିଙ୍କ ଶାଶୁଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ

ତିର୍ତ୍ତୋଲ, ୧୫।୯ (ଗୌରାଙ୍ଗ ଚରଣ ସ୍ୱାଇଁ)

ତିର୍ତ୍ତୋଲସ୍ଥିତ ବୀଣାପାଣି ମଣ୍ଡପ ପରିସରରେ ଶୁକ୍ରବାର ଜଗତ୍‌ସିଂହପୁର ଏମ୍‌ପି ଡା. ରାଜଶ୍ରୀ ମଲ୍ଲିକଙ୍କ ଶାଶୁ ତଥା ରାଜ୍ୟ ସରକାରଙ୍କ ପୂର୍ବତନ ମୁଖ୍ୟଯନ୍ତ୍ରୀ ଇଂ. ଆଶୁତୋଷ ମଲ୍ଲିକଙ୍କ ବୋଉ ସ୍ୱର୍ଗତା ଉଷାରାଣୀଙ୍କ ପ୍ରଥମ ଶ୍ରାଦ୍ଧୋତ୍ସବ ପାଳିତ ହୋଇଯାଇଛି। ଏଥିରେ ପୂର୍ବତନ ମନ୍ତ୍ରୀ ତଥା ବାଲିକୁଦା-ଏରସମା ବିଧାୟକ ରଘୁନନ୍ଦନ ଦାସ, ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ଡ. ମିନତି ବେହେରା, ବିଜୁ ଜନତା ଦଳ ଜିଲା ସଭାପତି ରବିନାରାୟଣ ଜେନା, ପାରାଦୀପ ପୌରାଧ୍ୟକ୍ଷ ବସନ୍ତ କୁମାର ବିଶ୍ୱାଳ, ଜଗତ୍‌ସିଂହପୁର ଜିଲା ପରିଷଦ ଅଧ୍ୟକ୍ଷ ମନୋଜ କୁମାର ଭୋଇ, ଉପାଧ୍ୟକ୍ଷା ସୁଜାତା ମହାନ୍ତି, ତିର୍ତ୍ତୋଲ ବ୍ଲକ ଅଧ୍ୟକ୍ଷ ମନୋଜ କୁମାର ବେହେରା, ବ୍ଲକ ଉପାଧ୍ୟକ୍ଷା ସନ୍ଧ୍ୟାରାଣୀ ମହାନ୍ତି, ପୂର୍ବତନ ବିଧାୟକ ଜ୍ୟୋତିଷ କୁମାର ଦାସ, ଜିଲାପରିଷଦ ସଭ୍ୟ ସୁନିଲ କୁମାର ବେହେରା, ଯୁବନେତା ଅରବିନ୍ଦ ହୋତା, ପୂର୍ବତନ ଜିଲାପରିଷଦ ସଭ୍ୟ ପ୍ରବୀର କୁମାର ରାୟ, ସମିତି ସଭ୍ୟା ରୋଜାଲିନ ଜେନାଙ୍କ ସମେତ ତିର୍ତ୍ତୋଲ, ରଘୁନାଥପୁର, ବିରିଡ଼ି, ଏରସମା, ଜଗତ୍‌ସିଂହପୁର ପ୍ରଭୃତି ବ୍ଲକ ଅଞ୍ଚଳର ବହୁ ବରିଷ୍ଠ ଓ ଯୁବ ନେତୃତ୍ୱ, ବିଜୁ ଜନତା ଦଳର କର୍ମକର୍ତ୍ତା ପ୍ରମୁଖ ଯୋଗଦେଇ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।

# ନୂଆ ରାଜନୈତିକ ଦଳକୁ ନେଇ ଚର୍ଚ୍ଚା

### ମୋ ଦଳ ସମସ୍ତ ବିଧାନସଭା ଓ ଲୋକ ସଭା ଆସନରେ ପ୍ରାର୍ଥୀ ଦେବ

ଜଗତ୍‌ସିଂହପୁର, ୧୫।୯
(ପ୍ରମୋଦ କୁମାର ନାୟକ)

୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ଜଗତ୍‌ସିଂହପୁର ଜିଲାରେ ରାଜନୈତିକ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ୨୦୧୯ ନିର୍ବାଚନରେ ଜିଲାର ୪ଟି ଯାକ ବିଧାନସଭା ଓ ଜଗତ୍‌ସିଂହପୁର ଏମ୍‌ପି ସିଟ୍ ବିଜେଡି ପୋଛି ନେଇଥିଲା। କଂଗ୍ରେସ ଓ ଭାଜପା ଗୋଟିଏ ବି ଆସନ ନ ପାଇ ଏକପ୍ରକାର ଦୁର୍ବଳ ସ୍ଥିତିକୁ ଚାଲିଯାଇଥିଲେ। କିନ୍ତୁ ଗତ ପୌର ନିର୍ବାଚନ ସମୟରେ କଂଗ୍ରେସ କେତେକାଂଶରେ ଆଶ୍ୱସ୍ତି ହୋଇଥିଲା। କାରଣ ଜଗତ୍‌ସିଂହପୁର ପୌରାଧ୍ୟକ୍ଷ ଆସନଟି କଂଗ୍ରେସ ହାତକୁ ଯାଇଥିଲା। ଉଭୟ ସାଧାରଣ ଓ ପୌର ନିର୍ବାଚନରେ ଭାଜପା ତୃତୀୟ ସ୍ଥାନରେ ଥିଲା। ମୋଟାମୋଟି ଦେଖିବାକୁ ଗଲେ ଜିଲାରେ ବିଜେଡି, କଂଗ୍ରେସ ଓ ଭାଜପାର ଭୋଟ ନିର୍ବାଚନମଣ୍ଡଳୀ ଅନୁଯାୟୀ କିଛିଟା ପରିବର୍ତ୍ତନ ଲକ୍ଷ୍ୟ କରାଯାଉଥିଲେ ସୁଦ୍ଧା ବିଜେଡି ସର୍ବାଧିକ ରହିଆସିଛି। ଏବେ ଆଉ ଏକ ନୂଆ ଦଳ ଅର୍ଥାତ୍ ମୋ ଦଳ ଆବିର୍ଭାବ ହେବା ନୂଆ ରାଜନୈତିକ ପରିବେଶ ସୃଷ୍ଟି କରିଛି। କାରଣ ସାମାଜିକ ସଙ୍ଗଠନ ଭାବେ ପରିଚିତ ନବ ନିର୍ମାଣ କୃଷକ ସଙ୍ଗଠନ ତା'ର ଏକ ନୂଆ ରାଜନୈତିକ ପୃଷ୍ଠଭୂମି ତିଆରି କରିଛି। ଅର୍ଥାତ୍ ନବ ନିର୍ମାଣ ସ୍ୱରାଜ ସାମ୍ରାଜ୍ୟ ଗଠନ ଉଦ୍ଦେଶ୍ୟରେ ବିକଳ୍ପ ରାଜନୈତିକ ଦଳ ହିସାବରେ ମୋ ଦଳ ଆଗାମୀ ନିର୍ବାଚନରେ ମଇଦାନକୁ ଓହ୍ଲାଇବ ବୋଲି ଘୋଷଣା କରିଛି। ନିକଟରେ ସ୍ଥାନୀୟ ଏକ ମଣ୍ଡପ ପରିସରରେ ମୋ ଦଳର ଜିଲାସ୍ତରୀୟ ସାଙ୍ଗଠନିକ ବୈଠକ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଦଳର ରାଜ୍ୟ କାର୍ଯ୍ୟକାରୀ ସଭାପତି ଅକ୍ଷୟ କୁମାର ଯୋଗଦେଇ ମୋ ଦଳ ଗଠନର ଆଭିମୁଖ୍ୟ ଉପରେ ବର୍ଣ୍ଣନା କରିଥିଲେ। ସେ କହିଥିଲେ, ନବ ନିର୍ମାଣ କୃଷକ ସଙ୍ଗଠନ ୧୩ ବର୍ଷ ଧରି ଚାଷୀ ଓ ଚାଷ ପାଇଁ ଲଢ଼ି ଆସୁଛି। ଚାଷୀଙ୍କୁ ପ୍ରାଇସ୍, ପ୍ରେଷ୍ଟିଜ୍ ଓ ପେନସନ୍ ଦିଆଯିବା ନେଇ ଆନ୍ଦୋଳନ କରି ଆସୁଛି। କିନ୍ତୁ ଦୁଃଖର କଥା ହେଲା ଯେତେବେଳେ ଚାଷୀ ଦାବି ଉପସ୍ଥାପନ ପାଇଁ ରାଜଧାନୀରେ ଆନ୍ଦୋଳନକୁ ଓହ୍ଲାଉଛନ୍ତି ସେତେବେଳେ ରାଜ୍ୟ ସରକାର ରୋକିବା ପାଇଁ ସମସ୍ତ ଉଦ୍ୟମ କରୁଛନ୍ତି। ଏପରି କି ଗିରଫ ସହ ନାନା ମାଧ୍ୟମରେ ଚାଷୀଙ୍କୁ ଅତ୍ୟାଚାର କରାଯାଉଛି। ଚାଷୀ ନିରାଶ ହୋଇପଡୁଛନ୍ତି। ଚାଷୀଙ୍କ ରାଜନୈତିକ ମେରୁଦଣ୍ଡ ନ ଥିବାରୁ ଏଭଳି ସ୍ଥିତି ସୃଷ୍ଟି ହେଉଛି। ରାଜ୍ୟର ୮୦ ଭାଗ ଚାଷୀଙ୍କ ଭୋଟ ମଧ୍ୟରୁ ଯେଉଁ ଦଳ ୨୫ ଭାଗ ହାତଉଛି ସେ ଦଳ ସରକାର ଗଢୁଛି। ତେଣୁ ଚାଷୀ ନିଜେ ସଙ୍ଗଠିତ ହୋଇ ମୋ ଦଳ ମାଧ୍ୟମରେ ନିଜର ପ୍ରତିନିଧିଙ୍କୁ ବିଧାନସଭା, ଲୋକ ସଭା ପଠାଇବ। ଆଗାମୀ ସାଧାରଣ ନିର୍ବାଚନରେ ଏହି ଦଳ ଓଡ଼ିଶାର ସମସ୍ତ ୧୪୭ ବିଧାନସଭା ଓ ୨୧ ଲୋକ ସଭା ଆସନରେ ପ୍ରାର୍ଥୀ ଦେବ। ଏହି ପ୍ରକ୍ରିୟା ମାଧ୍ୟମରେ ନବ ନିର୍ମାଣ ସ୍ୱରାଜ ସାମ୍ରାଜ୍ୟ ଗଠନ ସମ୍ଭବ ବୋଲି ଅକ୍ଷୟ କହିଛନ୍ତି। ସେ ଏକଥା ମଧ୍ୟ କହିଛନ୍ତି, ମୋ ଦଳ କ୍ଷମତାକୁ ଆସିଲେ ସରକାର ଗଠନର ୨୪ ଘଣ୍ଟା ମଧ୍ୟରେ ବାର୍ଦ୍ଧକ୍ୟ ଭତ୍ତା ୨ ହଜାର ଟଙ୍କାକୁ ବୃଦ୍ଧି କରିବ। ଧାନ କୁଇଣ୍ଟାଲ ୩୪୦୦ ଟଙ୍କା, ୨୦ବର୍ଷ ବୟସରୁ ଚାଷୀ ସୁରକ୍ଷା ଭତ୍ତା ୫୦୦୦ ଟଙ୍କା ହିସାବରେ ଦିଆଯିବା ନେଇ ଅଧ୍ୟାଦେଶ ଜାରି କରାଯିବ। ଏଥିସହ ଓଡ଼ିଶାକୁ ମଦ ମୁକ୍ତ, ଦାଦନ ମୁକ୍ତ, ବେକାରି ମୁକ୍ତ କରାଯିବା ସହ ମାଫିଆଙ୍କୁ ଜେଲ ପଠାଯିବାର ବ୍ୟବସ୍ଥା ହେବ। ବୈଠକରେ ରାଜ୍ୟ ସାଧାରଣ ସମ୍ପାଦକ ଭାବେ ରଶ୍ମିରଞ୍ଜନ ସ୍ୱାଇଁ, ଉମାକାନ୍ତ ଭରତ, ରାଜ୍ୟ ସମ୍ପାଦକ ଦେବୀ ପ୍ରସାଦ ମହାରଣା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅରୁଣ କୁମାର ମହାପାତ୍ର, ଜିଲା ସଂଯୋଜକ ଭାବେ ଦୁର୍ଗାଚରଣ ସ୍ୱାଇଁଙ୍କୁ ନିଯୁକ୍ତି ଦିଆଯାଇଥିବା ଘୋଷଣା କରାଯାଇଥିଲା। ଏହି ବୈଠକ ପରେ ଜିଲାରେ ରାଜନୈତିକ ଚର୍ଚ୍ଚା ଜୋର ଧରିଛି। ୨୦୧୯ ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ଚିରଞ୍ଜୀବ ବିଶ୍ୱାଳ ହାରିଯିବା ପରଠାରୁ ନିର୍ବାଚନ ମଣ୍ଡଳୀଠାରୁ ସେ ଏକପ୍ରକାର ଦୂରତ୍ୱ ଅବଲମ୍ବନ କରୁଛନ୍ତି। ଅନେକ ସମୟରେ ସେ ବିଜେଡିରେ ଯୋଗଦେବେ ବୋଲି ଚର୍ଚ୍ଚା ହୋଇଆସୁଛି। ସେ ଏହାକୁ ଖଣ୍ଡନ କରୁଥିଲେ ସୁଦ୍ଧା କିଛିଦିନ ପୂର୍ବରୁ ରାଜଧାନୀରେ ଜାନକୀ ବସନ୍ତ ସ୍ୱର୍ଣ୍ଣିମ ଯୁଗକୁ ନେଇ ହୋଇଥିବା ଆଲୋଚନାଚକ୍ରରେ ବିବାଦୀୟ ବୟାନ ଦେଇ ଦଳରୁ ନିଲମ୍ବିତ ହୋଇଛନ୍ତି। ପାରାଦୀପ କଂଗ୍ରେସ ନେତା ଅରିନ୍ଦମ ସର୍ଖେଲ ମଧ୍ୟ ଗତ ନିର୍ବାଚନ ପରଠାରୁ ଦଳୀୟ ସାଙ୍ଗଠନିକ କାର୍ଯ୍ୟରୁ ଦୂରେଇ ରହୁଛନ୍ତି। ଭାଜପାରେ ମଧ୍ୟ ନେତୃତ୍ୱକୁ ନେଇ ଟଣାଓଟରା ଆରମ୍ଭ ହୋଇଯାଇଛି। ଏ ପରିସ୍ଥିତିରେ ମୋ ଦଳ ଭୋଟରଙ୍କୁ କେତେ ପ୍ରଭାବିତ କରୁଛି ତାହା ଦେଖିବା ବାକି ରହିଲା।

# ମେଡିକାଲ କଲେଜ ଆନ୍ଦୋଳନକୁ ତୀବ୍ର ପାଇଁ ପ୍ରସ୍ତୁତି ବୈଠକ



ବୈଠକରେ କମିଟିର ସଦସ୍ୟମାନେ।

ଡେରାବିଶ, ୧୫।୯(ବେବର୍ତ୍ତା ଅଜୟ ଦାସ)

କେନ୍ଦ୍ରାପଡ଼ାରେ ମେଡିକାଲ କଲେଜ ଓ ହସ୍ପିଟାଲ ପ୍ରତିଷ୍ଠା ନିମନ୍ତେ ଚାଲିଥିବା ଆନ୍ଦୋଳନକୁ ତୀବ୍ର କରିବା ପାଇଁ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଗୁରୁବାର ସନ୍ଧ୍ୟାରେ ଡେରାବିଶ ବ୍ଲକ ଅନ୍ତର୍ଗତ ଚାଟରାଚକଡା ପଞ୍ଚାୟତ ଛତାସ୍ଥିତ କୃଷକ ଭବନଠାରେ ଅନୁଷ୍ଠିତ ହୋଇଥିଲା। କେନ୍ଦ୍ରାପଡ଼ା ଜିଲା ଚାଷୀ ଶ୍ରମିକ ସଂଘର ସଭାପତି ପଣ୍ଡିତ ଶରତ ଚନ୍ଦ୍ର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ କ୍ରିୟାନୁଷ୍ଠାନ କମିଟି ସଭାପତି ଅଧ୍ୟାପକ ଅଜୟ ସାମଲ, ହଳଧର ଦାଶ, ସମ୍ପାଦକ ରମଣୀରଞ୍ଜନ ରାଉତରାୟ, ଆବାହକ ଆଦିକନ୍ଦ ରାଉଳ, ଅଧ୍ୟାପକ ପ୍ରଭାକର ସାମଲ ଓ ଗୋଲଖ ଚନ୍ଦ୍ର ମହାଭୋଇ, ସାମାଜିକ କର୍ମୀ ଅଭିମନ୍ୟୁ ରାଉତ ଯୋଗଦେଇଥିଲେ। ସେମାନେ ଜିଲାରେ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଚାଲିଥିବା ଆନ୍ଦୋଳନ ଏବଂ ଆସନ୍ତା ୨୩ତାରିଖରେ ହେବାକୁ ଥିବା ଅର୍ଥନୈତିକ ଅବରୋଧ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିସହ କେନ୍ଦ୍ରାପଡ଼ାରେ ମେଡ଼ିକାଲ୍ କଲେଜ ପ୍ରତିଷ୍ଠା ନ ହେବା ଯାଏ ଏହି ଆନ୍ଦୋଳନ ଜାରି ରହିବ ବୋଲି କ୍ରିୟାନୁଷ୍ଠାନ କମିଟିର କର୍ମକର୍ତ୍ତାମାନେ କହିଥିଲେ। ଏହି ଆନ୍ଦୋଳନ ପାଇଁ ବ୍ଲକସ୍ତରୀୟ ୭ ଜଣିଆ ସବ୍‌କମିଟି ଗଠନ କରାଯାଇ ପ୍ରତ୍ୟେକ ଗାଁରେ ଜନମତ ସଂଗ୍ରହ ପାଇଁ ଏବଂ ଏହି ଆନ୍ଦୋଳନରେ ସାମିଲ ହେବା ପାଇଁ ପଣ୍ଡିତ ମିଶ୍ର ଆହ୍ୱାନ ଦେଇଥିଲେ।

# ଯୋଜନାର ସୁଫଳ ଲୋକଙ୍କୁ ପହଞ୍ଚାଇବାକୁ ଆହ୍ୱାନ



କାର୍ଯ୍ୟକାରିଣୀ ବୈଠକ ମଞ୍ଚାସୀନ ବିଜେଡିର ନେତୃମଣ୍ଡଳୀ।

### ବିଜୁ ଯୁବ, ଛାତ୍ର ଜନତା ଦଳ ଜିଲା କାର୍ଯ୍ୟକାରିଣୀ ବୈଠକ

ଜଗତ୍‌ସିଂହପୁର, ୧୫।୯
(ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁରଠାରେ ଥିବା ଏକ ମଣ୍ଡପ ପରିସରରେ ଶୁକ୍ରବାର ବିଜୁ ଯୁବ, ଛାତ୍ର ଜନତା ଦଳ ପକ୍ଷରୁ ଜିଲା କାର୍ଯ୍ୟକାରିଣୀ ଓ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦଳୀୟ ନେତାମାନେ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାର ସୁଫଳ ଲୋକଙ୍କ ପାଖରେ ପହଞ୍ଚାଇବା ଉପରେ ମତ ରଖିଥିଲେ। ସମୃଦ୍ଧ ରାଜ୍ୟ ଗଠନ ପାଇଁ ଯୁବ ଓ ଛାତ୍ରମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ। ତେଣୁ ପ୍ରତ୍ୟେକ ଠିକ୍ ଭାବେ କାମ କଲେ ବାସ୍ତବ ଲକ୍ଷ୍ୟ ପୂରଣ ହୋଇପାରିବ। ଏହି ଅବସରରେ ଦଳୀୟ ସାଙ୍ଗଠନିକ କାର୍ଯ୍ୟକ୍ରମକୁ କ୍ରିୟାଶୀଳ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ତୃଣମୂଳସ୍ତରରୁ ପ୍ରତ୍ୟେକ ଯୋଜନାବଦ୍ଧ ଭାବେ ଉଦ୍ୟମ କଲେ ସଫଳତା ମିଳିବ। ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ଏ ନେଇ ଆଗୁଆ ରଣନୀତି ପ୍ରସ୍ତୁତ କରିବାକୁ ପଡ଼ିବ। କାର୍ଯ୍ୟକ୍ରମରେ ଦଳ ଜିଲା ପର୍ଯ୍ୟବେକ୍ଷକ ଅରୁଣ ସାହୁ, ବିଜୁ ଛାତ୍ର ଜନତା ଦଳ ରାଜ୍ୟ ସଭାପତି ଦେବୀ ରଞ୍ଜନ ତ୍ରିପାଠୀ, ଜଗତ୍‌ସିଂହପୁର ବିଧାୟକ ପ୍ରଶାନ୍ତ ମୁଦୁଲି, ବାଲିକୁଦା-ଏରସମା ବିଧାୟକ ରଘୁନନ୍ଦନ ଦାସ, ତିର୍ତ୍ତୋଲ ବିଧାୟକ ବିଜୟଶଙ୍କର ଦାସ, ପାରାଦୀପ ବିଧାୟକ ସମ୍ବିତ ରାଉତରାୟ, ରାଜ୍ୟ ବିଜୁ ଯୁବ ଜନତା ଦଳ ସଭାପତି ବ୍ୟୋମକେଶ ରାୟ, ଦଳ ଜିଲା ସଭାପତି ରବି ନାରାୟଣ ଜେନା, କାର୍ଯ୍ୟକାରୀ ସଭାପତି ଜ୍ୟୋତିଷ ଚନ୍ଦ୍ର ଦାସ, ବିଜୁ ଯୁବଛାତ୍ର ଜନତା ଦଳ ପ୍ରଭାରୀ ପ୍ରଣବ ବଳବନ୍ତ ରାୟ, ଜିଲା ପରିଷଦ ସଭାପତି ମନୋଜ ଭୋଇ ପ୍ରମୁଖ ଯୋଗଦେଇ ସେମାନଙ୍କ ବକ୍ତବ୍ୟ ରଖିଥିଲେ।

### ମାର୍ଶାଘାଇ କଲେଜରେ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ମାର୍ଶାଘାଇ,୧୫।୯
(ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ମାର୍ଶାଘାଇ ମହାବିଦ୍ୟାଳୟ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ଶୁକ୍ରବାର ନବାଗତ ଯୁକ୍ତ ୩ ପ୍ରଥମ ବର୍ଷ ସମ୍ମାନ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ବିଭାଗୀୟ ମୁଖ୍ୟ ଅଧ୍ୟାପକ ସୁକାନ୍ତ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଅଧ୍ୟକ୍ଷ ପ୍ରଫେସର ପ୍ରଣୟ କୁମାର ପରିଜା ଏବଂ ସମ୍ମାନିତ ଅତିଥି ଭାବେ ମହାବିଦ୍ୟାଳୟ ପ୍ରଶାସନିକ ଅଧିକାରୀ ପ୍ରାଧ୍ୟାପକ ଦୀପକ କୁମାର ଦାସ, ବିଭାଗୀୟ ଅଧ୍ୟାପକ ସୂର୍ଯ୍ୟକାନ୍ତ ଦାସ, ଡ. ଲଛମନ ବୈରାଗୀ, ଅଧ୍ୟାପିକା ପ୍ରଭାସିନୀ ସ୍ୱାଇଁ ଓ ପ୍ରଗତି ବିଶ୍ୱାଳ ଯୋଗଦେଇଥିଲେ। ଛାତ୍ରୀଛାତ୍ରମାନେ ଅନ୍ୟର ସ୍ୱପ୍ନରେ ଭାଗୀଦାର ନ ହୋଇ ନିଜ ସ୍ୱପ୍ନରେ ଜାତି ଓ ରାଷ୍ଟ୍ରର ସମୃଦ୍ଧି କରିବା ସହ ସମୟାନୁବର୍ତ୍ତୀ, ଶୃଙ୍ଖଳିତ ଓ କର୍ତ୍ତବ୍ୟନିଷ୍ଠ ହେବା ପାଇଁ ସେମାନେ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଅଧ୍ୟକ୍ଷଙ୍କୁ ଓଡ଼ିଆ ବିଭାଗ ପକ୍ଷରୁ ସମ୍ବର୍ଦ୍ଧିତ କରାଯିବା ସହ ପ୍ରାଚୀର ପତ୍ରିକା ଚେତନାର ଶୁଭ ଲୋକାର୍ପଣ କରାଯାଇଥିଲା। ତୃତୀୟ ବର୍ଷ ଛାତ୍ରୀ ସ୍ୱାତୀ ସ୍ମରଣିକା ପ୍ରଧାନ ଧନ୍ୟବାଦ ଦେଇଥିଲେ।

### କିଡ୍‌ନୀ ପୀଡ଼ିଗତଙ୍କୁ ସହଯୋଗର ହାତ ବଢ଼ାଇଲା କେସିସିଏଲ


କେସିସିଏଲ ସଭାପତି ପ୍ରମୋଦ ସାହୁ ଗଣେଶ ଧଳଙ୍କ ପରିବାର ଲୋକଙ୍କୁ ସହାୟତା ରାଶି ଦେଉଛନ୍ତି।

ଆଳି,୧୫।୯ (ବନମାଳୀ ସେନାପତି)

କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକ ବାଳକାଟି ପଞ୍ଚାୟତ ବଡ଼ଆଙ୍କୋ ଗାଁର କିଡନୀ ରୋଗରେ ଆକ୍ରାନ୍ତ ହୋଇଥିବା ଗଣେଶ ଧଳଙ୍କ ଚିକିତ୍ସା ନିମନ୍ତେ ସହଯୋଗର ହାତ ବଢ଼ାଇଛି କେନ୍ଦ୍ରାପଡ଼ା କ୍ରେଡିଟ କୋ ଅପରେଟିଭ ସୋସାଇଟି (କେସିସିଏଲ)। ଗଣେଶଙ୍କ ଚିକିତ୍ସାରେ ଅର୍ଥ ବାଧକ ସାଜିବା ଘଟଣା ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ କେସିସିଏଲ ସଭାପତି ପ୍ରମୋଦ ସାହୁ ଶୁକ୍ରବାର ଗଣେଶଙ୍କ ଘରେ ପହଞ୍ଚି ଚିକିତ୍ସା ନିମନ୍ତେ ଆଳି ଶାଖା ପକ୍ଷରୁ ୨୫ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଏଥିସହ ଗଣେଶଙ୍କ ପରିବାର ସହିତ ଚିକିତ୍ସା ସମ୍ବନ୍ଧରେ ପଚାରି ବୁଝିଥିଲେ। ଏହି ସମୟରେ ଆଳି ଶାଖା ପରିଚାଳକ ନଳିନି ପଢିହାରୀ, ଏଜେଣ୍ଟ ରାମଚନ୍ଦ୍ର ତ୍ରିପାଠୀ, ଚିରଞ୍ଜିବି ପଲାଇଙ୍କ ସମେତ ବାଳକାଟି ସରପଞ୍ଚ ପ୍ରତିନିଧି ନବକିଶୋର ପରିଡା ଉପସ୍ଥିତ ଥିଲେ। ଏହି ସମିତି ବିଭିନ୍ନ ସମୟରେ କ୍ରୀଡା ଓ ଶିକ୍ଷା କ୍ଷେତ୍ରରେ କୃତୀ ପ୍ରତିଭାମାନଙ୍କୁ ସମ୍ମାନିତ କରିବା ସହିତ ବିଭିନ୍ନ ରୋଗରେ ପୀଡିତ ଲୋକଙ୍କୁ ଆର୍ଥିକ ସହଯୋଗ କରିଥାଏ। ସମିତି ପକ୍ଷରୁ ବିଭିନ୍ନ ସମୟରେ ଏଭଳି ସେବା ମୂଳକ କାର୍ଯ୍ୟ କରାଯାଉଥିବାରୁ ବିଭିନ୍ନ ମହଲରୁ ପ୍ରଶଂସା କରାଯାଇଛି। ସୂଚନାଯୋଗ୍ୟ, ଗଣେଶଙ୍କ କିଡ଼ନୀ ନଷ୍ଟ ହୋଇଥିବା ବେଳେ ତାଙ୍କ ପତ୍ନୀ କିଡ଼ନୀ ଦେବାକୁ ପ୍ରସ୍ତୁତ ଥିବା ବେଳେ ଅର୍ଥର ଆବଶ୍ୟକତା ରହିଛି।

# ୧୨୭ ହିତାଧିକାରୀଙ୍କୁ ୨୪.୮୩ ଲକ୍ଷ ଟଙ୍କାର ସହାୟତା ପ୍ରଦାନ

### ଗରଦପୁର ବ୍ଲକରେ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା

ପାଟକୁରା,୧୫।୯(ରବୀନ୍ଦ୍ର ନାଥ ବାରିକ)


ମୁଖ୍ୟଅତିଥି ସଞ୍ଜୟ ଅଗ୍ରୱାଲଙ୍କ ସମେତ ଅନ୍ୟମାନେ।

ଗରଦପୁର ବ୍ଲକ ସଭାଗୃହରେ ଶୁକ୍ରବାର ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ସହାୟତା ବଣ୍ଟନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପାଟକୁରା ବିଧାୟିକାଙ୍କ ପ୍ରତିନିଧି ତଥା ରାଜ୍ୟ ବିଜେଡି କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୟ ଅଗ୍ରୱାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିର୍ମାଣ ଶ୍ରମିକ ହିତାଧିକାରୀଙ୍କୁ ସହାୟତା ରାଶି ବଣ୍ଟନ କରିଥିଲେ। ସମୁଦାୟ ୧୨୭ ହିତାଧିକାରୀ ୨୪,୮୩,୬୦୦ଟଙ୍କାର ସହାୟତା ପାଇଥିଲେ। ୫୦ଜଣ ଶ୍ରମିକ କାର୍ଡ, ୮୬ଜଣ ଶିକ୍ଷା ସହାୟତା, ୩୯ଜଣ ବିବାହ ସହାୟତା, ୨ଜଣ ପ୍ରସୂତିକାଳୀନ ସହାୟତା ରାଶି ପାଇଥିଲେ। ଏଥିରେ ବିଡିଓ ଧର୍ମ ରଞ୍ଜନ ପଣ୍ଡା, ବ୍ଲକ ଅଧ୍ୟକ୍ଷ ଅଭୟ ମହାରାଜ, ଯୁଗ୍ମ ଶ୍ରମ ଆୟୁକ୍ତ ପ୍ରଦୀପ କୁମାର ମହାନ୍ତି, ଶ୍ରମ ଅଧିକାରୀ ଅଶୋକ ମୁର୍ମୁ ମଙ୍ଗଳ, ପ୍ରଶାସକ ରାକେଶ ସିଂ, ସହ ଶ୍ରମ ଅଧିକାରୀ ଦେବାଶିଷ ଜେନା, ସାମାଜିକ ଶିକ୍ଷା ଅଧିକାରୀ ଖଗେଶ୍ୱର ସେଠୀଙ୍କ ସମେତ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

### କଳାକାର ଭତ୍ତା ପାଇଁ ପଟ୍ଟାମୁଣ୍ଡାଇ ବ୍ଲକରେ ଅଡିଶନ

ପଟ୍ଟାମୁଣ୍ଡାଇ,୧୫।୯(ଅକ୍ଷୟ ବିଶ୍ୱାଳ)



ରାଜ୍ୟ ସରକାରଙ୍କ ବିଜ୍ଞପ୍ତି ଅନୁଯାୟୀ କଳାକାର ଭତ୍ତା ପାଇଁ ୩ ଦିନ ବ୍ୟାପୀ ପଟ୍ଟାମୁଣ୍ଡାଇ ବ୍ଲକ ଅଡିଟୋରିୟମରେ ବିଭିନ୍ନ ପଞ୍ଚାୟତର କଳାକାରମାନଙ୍କ ଅଡିଶନ ଗ୍ରହଣ କରାଯାଇଛି। ଏହି ଅଡିଶନରେ ଚୟନ କର୍ତ୍ତା ଭାବେ ବିଶିଷ୍ଟ ପାଲା ଗାୟକ ଦୁତିକୃଷ୍ଣ ପଣ୍ଡା, ଗାୟକ ରବୀନ୍ଦ୍ର ନାଥ ମିଶ୍ର, ଗାୟକ ପ୍ରମୋଦ କୁମାର ଦାସ, ପ୍ରକାଶ ମହାରଣା, ସବିତା ଦେହୁରୀ, ପଟ୍ଟାମୁଣ୍ଡାଇ ବ୍ଲକ ଉପାଧ୍ୟକ୍ଷା ଜୟନ୍ତୀ ସ୍ୱାଇଁ ଓ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଉଦାର ସୁନ୍ଦର ସ୍ୱାଇଁ ପ୍ରମୁଖ ଯୋଗଦେଇ କଳାକାରମାନଙ୍କ କଳା ପରିବେଷଣ ଅନୁଧ୍ୟାନ କରିଥିଲେ। ଏହି ଅଡିଶନରେ ଗ୍ରାମାଞ୍ଚଳ ଲୋକକଳା ପାଲା, ଭଜନ, ଜଣାଣ, ଯୁଗ୍ମ ସଙ୍ଗୀତ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମହିଳାମାନେ ଅଧିକ ଉତ୍ସାହିତ ହୋଇ କଳା ପରିବେଷଣ କରିଥିଲେ। ବ୍ଲକର ମୋଟ ୫୫ ଜଣ କଳାକାରଙ୍କୁ ଚୟନ କରାଯାଇଥିଲା। ଲୋକକଳାରେ କୃତିତ୍ୱ ଅର୍ଜନ କରିଥିବା କଳାକାରମାନଙ୍କ ନାମ କେନ୍ଦ୍ରାପଡ଼ା ଜିଲାପାଳଙ୍କୁ ପ୍ରଦାନ କରାଯାଇଛି।

### ବିଦ୍ୟାଳୟରେ ସ୍ୱଚ୍ଛତା ପକ୍ଷ ପାଳନ



ସ୍ୱଚ୍ଛତା ପକ୍ଷରେ କୃତୀ ଛାତ୍ରୀଙ୍କୁ ଅତିଥି ସମ୍ବର୍ଦ୍ଧିତ କରୁଛନ୍ତି।

ରାଜନଗର, ୧୫।୯
(ଭାସ୍କର ରାଉତରାୟ)

ରାଜନଗର ବ୍ଲକ ହାତିନାସ୍ଥିତ ଲକ୍ଷ୍ମୀବରାହ ସରକାରୀ ଉଚ୍ଚ ବିଦ୍ୟାଳୟରେ ସ୍ୱଚ୍ଛତା ପକ୍ଷ ଦିବସ ପାଳିତ ହୋଇଯାଇଛି। ଚଳିତମାସ ୧ତାରିଖରୁ ଆରମ୍ଭ ହୋଇଥିବା ଏହି ସ୍ୱଚ୍ଛତା ପକ୍ଷ ଶୁକ୍ରବାର ଉଦ୍‌ଯାପିତ ହୋଇଛି। ସ୍ୱଚ୍ଛତା ପକ୍ଷର ତାତ୍ପର୍ଯ୍ୟ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଯାଇଛି। ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ସହକାରୀ ଶିକ୍ଷୟିତ୍ରୀ ବର୍ଷାରାଣୀ ରାଉତ, ଅମିତା ରାଉତ, ସୁଜାତା ଲେଙ୍କା, ସହକାରୀ ଶିକ୍ଷକ ଗୋପବନ୍ଧୁ ବେହେରା, ଅରବିନ୍ଦ ଦାସ, ତ୍ରିନାଥ ବେହେରା, ଅରୁଣ ରାଉତ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଆୟୋଜିତ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।

# ଅଭିଭାବକ, ଛାତ୍ରୀଛାତ୍ର ମହଲରେ ତୀବ୍ର ଅସନ୍ତୋଷ

### ଶିକ୍ଷକଙ୍କ ଆନ୍ଦୋଳନ: ଡେରାବିଶର ୨୬ ସ୍କୁଲରେ ତାଲା

ଡେରାବିଶ, ୧୫।୯(ବେବର୍ତ୍ତା ଅଜୟ ଦାସ)




୩ ଦଫା ଦାବି ନେଇ ଡେରାବିଶ ଶିକ୍ଷା ସର୍କଲ ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟର ଶିକ୍ଷକମାନେ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଫଳରେ ପ୍ରାଥମିକ ବିଦ୍ୟାଳୟଗୁଡିକରେପାଠ ପଢା ଏକ ପ୍ରକାର ବନ୍ଦ ହୋଇଯାଇଛି। ଏହି ସର୍କଲ ଅନ୍ତର୍ଗତ ସମୁଦାୟ ୧୪୩ଟି ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀଯାଏ ରହିଛି। ଶୁକ୍ରବାର ଏହି ବିଦ୍ୟାଳୟକୁ ଶିକ୍ଷକମାନେ ନ ଆସିବା ଯୋଗୁ ଏଥି ମଧ୍ୟରୁ ୨୬ ଟି ବିଦ୍ୟାଳୟ ସମ୍ପୂର୍ଣ୍ଣ ବନ୍ଦ ହେବା ସହ ତାଲା ଝୁଲୁଛି। ଯେଉଁଥିପାଇଁ ଦୈନିକ ଏହି ବିଦ୍ୟାଳୟକୁ ଛାତ୍ରୀଛାତ୍ରମାନେ ପଢ଼ିବା ପାଇଁ ଆସି ଘରକୁ ଫେରିଛନ୍ତି। ଏ ନେଇ ଛାତ୍ର ଅଭିଭାବକଙ୍କ ମହଲରେ ଅସନ୍ତୋଷ ଦେଖାଦେଇଛି। ଅଭିଭାବକ ଅକ୍ଷୟ କୁମାର ବିଶ୍ୱାଳ ଓ ବିକ୍ରମ ଚରଣ କାଣ୍ଡି କହିଛନ୍ତି, ଶିକ୍ଷକମାନଙ୍କ ଆନ୍ଦୋଳନ ଯଥାର୍ଥ ହୋଇପାରେ। ମାତ୍ର ଆନ୍ଦୋଳନ ପାଇଁ ବିକଳ୍ପ ବ୍ୟବସ୍ଥା କରା ନ ଯାଇ ବିଦ୍ୟାଳୟ ବନ୍ଦ କରି ଦିଆଯିବା ଦ୍ୱାରା ପିଲାଙ୍କ ପାଠପଢ଼ାରେ ଯେଉଁ ବ୍ୟାଘାତ ଘଟିଲା ତାକୁ ଭରଣା କରିବ କିଏ। ଏ ବିଷୟରେ ନିଖିଳ ଉତ୍କଳ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘର ବ୍ଲକ ସଭାପତି ଅଶୋକ କୁମାର ମହାପାତ୍ରଙ୍କୁ ପଚାରିବାରେ ଶିକ୍ଷମାନଙ୍କ ଦାବି ପୂରଣ ନ ହେବା ଯାଏ ଆନ୍ଦୋଳନରୁ ଚାଲିବ। ପିଲାଙ୍କ ବନ୍ଦ ରହିଥିବା ପାଠପଢ଼ା ପାଇଁ କିଏ ଦାୟୀ ରହିବ ବୋଲି ପଚାରିବାରୁ ସରକାର ବୋଲି ସେ କହିଛନ୍ତି। ଏ ନେଇ ବ୍ଲକ ଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରାଙ୍କୁ ପଚାରିବାରେ ବନ୍ଦ ରହିଥିବା ବିଦ୍ୟାଳୟରେ ଶନିବାରଠାରୁ ପାଖରେ ଥିବା ହାଇସ୍କୁଲ ଓ ଆନ୍ଦୋଳନରେ ସାମିଲ ହୋଇ ନ ଥିବା ଶିକ୍ଷକ ସମ୍ପୃକ୍ତ ବିଦ୍ୟାଳୟକୁ ଯାଇ ପିଲାଙ୍କୁ ପାଠ ପଢ଼ାଇବା ପାଇଁ ବିକଳ୍ପ ବ୍ୟବସ୍ଥା କରାଯାଇଛି। ଏ ବିଷୟରେ ଶିକ୍ଷା ସର୍କଲ ଅଧୀନରେ ଥିବା ସମସ୍ତ କ୍ଲଷ୍ଟରର ସିଆର୍‌ସିଙ୍କୁ ପିଲାଙ୍କ ପାଠପଢ଼ା ଯେପରି ବନ୍ଦ ନ ହୁଏ ସେ ଦିଗରେ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ହେଲେ କେତେଜଣ ସିଆର୍‌ସି ନିଜ ନାମକୁ ଗୋପନ ରଖି ବର୍ତ୍ତମାନ ବହୁ ଶିକ୍ଷକ ପଦବୀ ଖାଲି ପଡ଼ିଥିବା ବେଳେ ବନ୍ଦ ଥିବା ବିଦ୍ୟାଳୟରେ କେଉଁଠୁ ଶିକ୍ଷକ ଆଣି ପଢ଼ା ହେବ ତାହା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ବୋଲି କହିଥିଲେ। ତେବେ ବନ୍ଦ ଥିବା ୨୬ଟି ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ତେବେ ଶନିବାରଠାରୁ ବନ୍ଦ ଥିବା ବିଦ୍ୟାଳୟଗୁଡ଼ିକ ଖୋଲି ସେଠାରେ ପାଠପଢ଼ା ଯିବା ସହ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ଚାଲୁ ରହିବ ବୋଲି ସାଧନ କେନ୍ଦ୍ର ସଂଯୋଜକ ଖଗେଶ୍ୱର ନାୟକ କହିଛନ୍ତି।

## ସୁରଭି ଗୋଧାମରେ ଜବତ ଗୋରୁ

ସୋରଡା,(ଲମ୍ବୋଦର ପାଣିଗ୍ରାହୀ): ଗଞ୍ଜାମ ଜିଲା ଚମାଖଣ୍ଡି ଥାନା ଅଧୀନ ଗୋବିନ୍ଦପୁର ଛକ ନିକଟରେ ଏକ ଗୋରୁ ବୋଝେଇ ଗାଡି ଗୁରୁବାର ଜବତ ହୋଇଥିଲା। ଉକ୍ତ ଗାଡିରେ ୭୦ରୁ ଉର୍ଦ୍ଧ୍ୱ ଗୋରୁ ଚାଲାଣ ହେଉଥିବା ବେଳେ ବଜରଙ୍ଗ ଦଳର ସହଯୋଗରେ ଚମାଖଣ୍ଡି ପୋଲିସ ଗାଡ଼ିକୁ ଧରିଥିଲା। ଡ୍ରାଇଭରଙ୍କୁ ଅଟକ ରଖାଯାଇଥିବା ବେଳେ ଅନ୍ୟମାନେ ଫେରାର ହୋଇଯାଇଥିଲେ। ଖୋର୍ଦ୍ଧାରୁ ହାଇଦ୍ରାବାଦ ଅଭିମୁଖେ ୪ରୁ ଉର୍ଦ୍ଧ୍ୱ କଣ୍ଟେନରରେ ଚାଲାଣ ହେଉଥିବା ବେଳେ ଗୋଟିଏ କଣ୍ଟେନରକୁ ପୋଲିସ ଜବତ କରିଥିଲା। ସେହି ଗୋରୁଗୁଡ଼ିକୁ ସୁରଭି ଗୋଧାମରେ ରଖାଯାଇଛି। ସେମାନଙ୍କ ଖାଦ୍ୟ ବ୍ୟବସ୍ଥା ମଧ୍ୟ କରାଯିବା ସହିତ ସ୍ୱାସ୍ଥ୍ୟ ଅବସ୍ଥା ଯାଞ୍ଚ କରାଯାଉଛି ବୋଲି ଗୋଧାମ ପରିଚାଳକ ଅମ୍ବିକା ଦାସ କହିଛନ୍ତି।

## ସଂକ୍ଷେପରେ

### ଶିକ୍ଷକଙ୍କ ଦାବିକୁ ଭାଜପା ନେତାଙ୍କ ସମର୍ଥନ

ବୁଗୁଡା,୧୫ା୯(କାଳି ଚରଣ ଦାଶ)- ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ସମସ୍ତ ବର୍ଗର ପ୍ରାଥମିକ ଶିକ୍ଷକମାନଙ୍କ ୩ ଦଫା ଦାବି ପୂରଣ ନିମନ୍ତେ ବୁଗୁଡ଼ା ସ୍ଥିତ ଗୋଷ୍ଠି ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଚାଲିଛି। ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ଏହି ଧାରଣାକୁ ଭାଜପା ଘୁମୁସର ସାଙ୍ଗଠନିକ ଜିଲା ସଭାପତି ଗୋକୁଳାନନ୍ଦ ମଲ୍ଲିକ ସମର୍ଥନ କରଛନ୍ତି। ଶିକ୍ଷକଙ୍କ ୩ ଦଫା ମୌଳିକ ଦାବି ପୂରଣ ହେବା ପର୍ଯ୍ୟନ୍ତ ଭାଜପା ସେମାନଙ୍କ ସହିତ ରହିବ ବୋଲି ସେ ଧାରଣା ସ୍ଥଳରେ ଉପସ୍ଥିତ ରହି ଘୋଷଣା କରିଥିଲେ। ଏଥିରେ ଘୁମୁସର ସାଙ୍ଗଠନିକ ଜିଲା ସଭାପତି ଗୋକୁଳାନନ୍ଦ ମଲ୍ଲିକ ଓ ଆଇନଜୀବୀ ହର ପ୍ରସାଦ ଦାସଙ୍କ ସମେତ ଅନ୍ୟ ଭାଜପା କର୍ମୀ ଯୋଗଦେଇଥିଲେ।

### କଳାକାର ଚୟନ ଶିବିର

ଆସିକା,୧୫ା୯(ସୁରେନ୍ଦ୍ର ନାଥ ସାହୁ)- ଆସିକା ବ୍ଲକ ସଭା ଗୃହରେ ଶୁକ୍ରବାର କଳାକାର ଦଳ ଚୟନ ଶିବିର ଅନୁଷ୍ଠିତ ହୋଇଥିଲା । ବିଡିଓ ଫକୀର ଚରଣ ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ଆସିକା ତହସିଲଦାର ସଞ୍ଜୟ କୁମାର ସାମନ୍ତରା, ଏବିଡିଓ ପ୍ରିୟମ୍ବଦା କହଁର, ପଞ୍ଚାୟତ ଉନ୍ନୟନ ଅଧିକାରୀ ସୁକାନ୍ତ କୁମାର ନାୟକ, ସାମାଜିକ ସୁରକ୍ଷା ଅଧିକାରୀ ଆକାଶିନୀ ନାୟକ, କଳାକାର ପ୍ରତିନିଧି କାମେଶ୍ୱର ବିଷୋୟୀ, ପର୍ଶୁରାମ ଗୌଡ, ସିମାଞ୍ଚଳ ନାହାକ ପ୍ରମୁଖ ବିଚାରକ ଭାବେ ଯୋଗଦେଇଥିଲେ । ଆସିକା ବ୍ଲକର ବିଭିନ୍ନ ଗ୍ରାମାଞ୍ଚଳର ୫୩ଟି କଳାକାର ଦଳ ଚୟନ ଶିବିରରେ ଯୋଗଦେଇ ଦାସକାଠି, ଭାରତଲୀଳା, ଗାହାଣ, ଭକ୍ତପ୍ରହଲ୍ଲାଦ, ଚଢେୟା, ଘଣ୍ଟବାଦ୍ୟ ଆଦି ପରିବେଷଣ ପୂର୍ବକ ସେମାନଙ୍କ ଦକ୍ଷତା ପ୍ରଦର୍ଶନ କରିଥିଲେ।

### କୋର୍ଟ ପରିସରରେ ସଚେତନତା

ବ୍ରହ୍ମପୁର,୧୫ା୯(ସୁବାସ ଚନ୍ଦ୍ର ପାଢ଼ୀ)
ବ୍ରହ୍ମପୁର ଜିଲା ଜଜ କୋର୍ଟ ପରିସରରେ ଥିବା ରିଜିଓନାଲ ଜୁଡ଼ିସିଆଲ ଏକାଡେମୀ (ଆରଜେଏ)ର ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଓଡିଶା ରାଜ୍ୟ ଆଇନ ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶକ୍ରମେ ଗଞ୍ଜାମ ଜିଲା ଓ ଦୌରା ଜଜ ତଥା ଜିଲା ଆଇନ ସେବା ପ୍ରାଧିକରଣ ଅଧକ୍ଷା ରୂପଶ୍ରୀ ଚୌଧୁରୀ, ପ୍ରାଧିକରଣ ସଚିବ ଦେବଶ୍ରୀ ସାହୁଙ୍କ ଉପସ୍ଥିତିରେ ଏହି ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ଜିଲା ଓ ଦୌରାଜଜ ରୂପଶ୍ରୀ ଚୌଧୁରୀ ଉପସ୍ଥିତ ରହି ଶିବିରର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ସେହିପରି ଜିଲା ଆଇନ ସେବା ପ୍ରାଧିକରଣ ସଚିବ ଦେବଶ୍ରୀ ସାହୁ ସମସ୍ତ ଜୁଡ଼ିସିଆଲ ଅଫିସରମାନଙ୍କୁ ସ୍ୱାଗତ ଜଣାଇବା ସହ ସମସ୍ତଙ୍କ ପରିଚୟ ପ୍ରଦାନ କରିଥିଲେ। ସିନିୟର ସିଭିଲ ଜଜ (କମରସିଆଲ କୋର୍ଟ) ଡ଼. ମମତା ମହାନ୍ତି ଉପସ୍ଥିତ ରହି ପିଓଏସ୍ଏଚ୍ ଆକ୍ଟ ଉପରେ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ। ଅତିରିକ୍ତ ଜିଲା ଜଜ (ପ୍ରଥମ )ଡ଼. ଇନ୍ଦୁ ଶର୍ମା ଉପସ୍ଥିତ ରହି ୧୨ ମେ ୨୦୨୩ରେ ଅନୁମୋଦିତ ହୋଇଥିବା ସିଏ ନଂ. ୨୪୮୨/୨୦୧୪ ମାମଲାରେ ସୁପ୍ରିମକୋର୍ଟଙ୍କ ରାୟ ଉପରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିଥିଲେ।

### କୃଷି ସମ୍ବନ୍ଧୀୟ ତାଲିମ

ଜି.ଉଦୟଗିରି,୧୪ା୯(ପି.ସଞ୍ଜୀବ କୁମାର ପାତ୍ର)
ସ୍ଥାନୀୟ ସମନ୍ୱିତ ସଭା ଗୃହରେ ଜିଲା କୃଷି ଅଧିକାରୀ ସୁବାଷ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଦୁଇଦିନିଆ ପାରା ସମ୍ପ୍ରସାରଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ମୁଖ୍ୟ ଜିଲା କୃଷି ଅଧିକାରୀ ପ୍ରହଲ୍ଲାଦ ସେନାପତି ଯୋଗ ଦେଇଥିବା ବେଳେ ଉପ ପ୍ରକଳ୍ପ ନିର୍ଦ୍ଦେଶକ ଅନିଲ କୁମାର ପ୍ରହରାଜ, ନିର୍ବାହୀ ଯନ୍ତ୍ରୀ କନ୍ଧମାଳ ରବୀନ୍ଦ୍ର ସାହୁ, ସହକାରୀ କୃଷି ଯନ୍ତ୍ରୀ ଆର୍.ଏନ୍ ସ୍ମୃତିରଞ୍ଜନ, ଚକାପାଦ ଗୋଷ୍ଠୀ କୃଷି ଅଧିକାରୀ ହେମନ୍ତ କୁମାର ଦାସ, ଯୋଜନା ଅଧିକାରୀ ଶ୍ରୀରାମ ପ୍ରାସାଦ ପାତ୍ର, କୀଟତତ୍ତ୍ୱ ବୈଜ୍ଞାନିକ ଡଃ ଦେବେନ୍ଦ୍ର କୁମାର ଦେବତା, ଯୋଜନା ଅଧିକାରୀ ନୟନଦୀପ୍ତ ସ୍ୱାଇଁ, ଟିକାବାଲି ଗୋଷ୍ଠୀ କୃଷି ଅଧିକାରୀ ସନ୍ତୋଷ କୁମାର ଦଳବେହେରା ପ୍ରମୁଖ ଉପସ୍ଥିତ ରହି ସରକାରୀ ଯୋଜନାର ଫାଇଦା ଉଠାଇବାକୁ ଚାଷୀଙ୍କୁ ପରାମର୍ଶ ଦେଇଥିଲେ। ଏଥି ସହ କେଉଁ ଚାଷରେ ଅଧିକା ଲାଭ ହେବ ଓ କେଉଁ ପଦ୍ଧତିରେ ଚାଷ କରାଯିବ ସେ ନେଇ ବିସ୍ତୃତ ଭାବେ ବୁଝାଇଥିଲେ। କର୍ମଶାଳାରେ ରାଇକିଆ, ଚକାପାଦ, ଟିକାବାଲି ଓ ଜି ଉଦୟଗିରିରୁ ୧୫୦ରୁ ଉର୍ଦ୍ଧ୍ୱ ବିଭାଗୀୟ କର୍ମଚାରୀ ବୃନ୍ଦ, କୃଷକ ସାଥୀ ଓ ପ୍ରଗତିଶୀଳ ଚାଷୀ ଯୋଗ ଦେଇଥିଲେ। ଉପବିଭାଗ ଅଧିକାରୀ ଶୁଶାନ୍ତ କୁମାର ନାୟକ, କନିଷ୍ଠ ସହକାରୀ ଧିରେନ କୁମାର ପ୍ରଧାନ ଓ କୃଷି ଅଧିଦର୍ଶକ କାଳୀଚରଣ ସାହୁ ପରିଚାଳନା କରିଥିଲେ।

# ବିଲ୍ ନ ମିଳିବାରୁ ସ୍କୁଲରେ ତାଲା ପକାଇଲେ ଠିକାଦାର

ଫୁଲବାଣୀ, ୧୫ା୯ (ରାକେଶ କୁମାର ରାଉତ):

ଦିନରାତି ଏକ କରି ୫-ଟି ଅଧୀନରେ ବିଦ୍ୟାଳୟ ରୂପାନ୍ତରଣ କାର୍ଯ୍ୟ କଲେ। ନିର୍ଦ୍ଧାରିତ ସମୟରେ ରୂପାନ୍ତରଣ କାର୍ଯ୍ୟ ଶେଷ ହେଲା। ସ୍ମାର୍ଟ କ୍ଲାସ ରୁମ୍‌ରେ ଛାତ୍ରୀଛାତ୍ରମାନେ ପାଠ ପଢ଼ିଲେ। ହେଲେ କାମ କରିଥିବା ଠିକାଦାର ଦୁଇ ବର୍ଷରୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ ତାଙ୍କର ବକେୟା ବିଲ ପାଇପାରିଲେ ନାହିଁ। ବାରମ୍ବାର ବ୍ଲକ ପ୍ରଶାସନକୁ ଦୌଡ଼ି ଦୌଡ଼ି ନୟାନ୍ତ ହେବା ପରେ ଶେଷରେ ଅନ୍ୟ କିଛି ଉପାୟ ନପାଇ ସ୍କୁଲ ଫାଟକରେ ଦୁଇ ଠିକାଦାର ତାଲା ପକାଇ ଦେଇଛନ୍ତି। ଫଳରେ ଛାତ୍ରୀଛାତ୍ର ପାଠ ପଢ଼ି ନ ପାରି ଦିନସାରା ସ୍କୁଲ ବାହାରେ ବସିରହିଥିଲେ। ଏପରି ଘଟଣା ଦେଖିବାକୁ ମିଳିଛି କନ୍ଧମାଳ ଫୁଲବାଣୀ ବ୍ଲକ ବିଶିପଡ଼ାରେ।

ବିଶିପଡ଼ା ଶ୍ରୀଦେବୀ ଉଚ୍ଚ ବିଦ୍ୟାଳୟର ରୂପାନ୍ତରଣ କାର୍ଯ୍ୟ ୨ ଜଣ ଠିକାଦାର କରିଥିଲେ। ଯୁଦ୍ଧକାଳୀନ ଭିତ୍ତିରେ କାମ ସାରିବାକୁ ତାଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ସମୟ ଭିତରେ କାମ ସାରିଲେ। ହେଲେ ବିଲ ଦେବା କଥା କହିଲେ ବ୍ଲକ ପ୍ରଶାସନ ଏହାକୁ ଏଡ଼ାଇ ଯାଉଥିଲା। ବିଦ୍ୟାଳୟର ଶ୍ରେଣୀଗୃହ, ମୁଖ୍ୟ ଫାଟକ, ଶୌଚାଳୟ, ପାଚେରି କାମ ଆଦି କରାଯାଇଥିଲା। କିନ୍ତୁ କାମ ସରିବାର ଦୁଇବର୍ଷ ବିତି ଯାଇଥିଲେ ମଧ୍ୟ ସେମାନଙ୍କୁ ସମ୍ପୂର୍ଣ୍ଣ ବିଲ ମିଳିଲା ନାହିଁ। କାମ ବାବଦରେ ପାଖାପାଖି ୩୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ମିଳି ନ ଥିବା ଠିକାଦାର କହିଛନ୍ତି। ଏହାର ପ୍ରତିବାଦରେ ସେ ବିଦ୍ୟାଳୟ ଫାଟକରେ ତାଲା ପକାଇ ଦେଇଥିଲେ। ଫଳରେ କେତେକ ଛାତ୍ରୀଛାତ୍ର ଘରକୁ ଫେରି ଯାଇଥିଲେ। ଏବିଡିଓ ସନ୍ତୋଷ କୁମାର ଦିଗାଲ ପହଞ୍ଚି ବକେୟା ଟଙ୍କା ୧୦ ଦିନ ମଧ୍ୟରେ ଦିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଠିକାଦାର ତାଲା ଖୋଲିଥିଲେ।



ସ୍କୁଲ ଫାଟକରେ ଠିକାଦାରମାନେ ତାଲା ପକାଇ ଦେଇଥିବାରୁ ଛାତ୍ରୀମାନେ ବାହାରେ ବସିରହିଛନ୍ତି।

## ଛାତ୍ରଙ୍କ ମୃତଦେହ ଜବତ, ହତ୍ୟା ସନ୍ଦେହ

ଟିକାବାଲି, ୧୫ା୯(ଗଗନ ବିହାରୀ ପଟ୍ଟନାୟକ)

କନ୍ଧମାଳ ଟିକାବାଲି ବ୍ଲକ କଟିମାହା ପଞ୍ଚାୟତ ଦାସାଗୁଡା ଗ୍ରାମର ଜଣେ ଛାତ୍ରଙ୍କ ମୃତଦେହ ନିକଟସ୍ଥ ପାହାଡ ନିକଟରୁ ଜବତ କରାଯାଇଛି। ଏକ ଗଛରେ ତାର ଦ୍ୱାରା ତାଙ୍କ ମୃତଦେହ ଝୁଲୁଥିଲା। ତେଣୁ ପରିବାର ଲୋକେ ଏହାକୁ ଏକ ହତ୍ୟାକାଣ୍ଡ ବୋଲି ଅଭିଯୋଗ କରିଛନ୍ତି। ମୃତ ଛାତ୍ର ଜଣକ ହେଲେ ଦୁର୍ଯ୍ୟୋଧନ କହଁରଙ୍କ ପୁଅ ଗୋବିନ୍ଦ(୧୫) । ସେ ଘୁଡୁକାପଦର ବିଦ୍ୟାଳୟରେ ୯ମ ଶ୍ରେଣୀରେ ପଢୁଥିଲେ । ସୂଚନା ଅନୁସାରେ ଗୋବିନ୍ଦଙ୍କୁ ତାଙ୍କ ସାଙ୍ଗ ଘରୁ ଡାକି ନେଇ ବୁଲିବାକୁ ଯାଇଥିଲେ। ହେଲେ ପୁଅ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ସାଙ୍ଗକୁ ପଚାରିବାରୁ ଗୋବିନ୍ଦ ବହୁ ପୂର୍ବରୁ ଘରକୁ ଗଲାଣି ବୋଲି କହିଥିଲେ। ପରିବାର ଲୋକେ ଏ ନେଇ ଥାନାରେ ଅଭିଯୋଗ କରିଥିଲେ। ଗୋବିନ୍ଦଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ପାହାଡ ଉପରେ ଥିବା ଭାଲିଆ ଗଛରୁ ମିଳିଥିଲା । ପୋଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ରିପୋର୍ଟ ଆସିଲା ପରେ ସତ୍ୟାସତ୍ୟ ଜଣାପଡିବ ବୋଲି ପୋଲିସ ସୂଚନା ଦେଇଛି।

## ଗଞ୍ଜେଇ ଜବତ, ୩ ନାବାଳକ ଜେଜେବିରେ ହାଜର

ଦିଗପହଣ୍ଡି/ପାଟପୁର,୧୫ା୯(ଅଶେଷ ନାଥ ମିଶ୍ର/ସିମାଞ୍ଚଳ ସାହୁ):

ଗଞ୍ଜାମ ଜିଲା ପାଟପୁର ପୋଲିସ ପକ୍ଷରୁ ଶୁକ୍ରବାର ସକାଳେ ୨ ଟି ବାଇକ ସହ ୨୧ କେଜି ୬୦ ଗ୍ରାମ ଗଞ୍ଜେଇ ଜବତ କରାଯାଇଛି। ଏହି ଗଞ୍ଜେଇ ଚୋରା ଚାଲାଣରେ ସମ୍ପୃକ୍ତ ୩ଜଣ ନାବାଳକଙ୍କୁ ଛତ୍ରପୁର ଜୁଭେନାଇଲ ଜଷ୍ଟିସ ବୋର୍ଡ(ଜେଜେବି)ରେ ହାଜର କରାଯିବା ପରେ ସେମାନଙ୍କୁ ବ୍ରହ୍ମପୁର ସ୍ଥିତ ବାଳସୁଧାର ଗୃହକୁ ପଠାଇ ଦିଆଯାଇଛି। ପାଟପୁର ଏସଆଇ ମିଳନ ପ୍ରଧାନ ସଦଳବଳେ ୩୨୬ ନଂ ଜାତୀୟ ରାଜପଥ ତପ୍ତପାଣି - ପୋଡ଼ାମାରି ଗ୍ରାମ ଇଲାକାରେ ପାଟ୍ରୋଲିଂ କରୁଥିବା ବେଳେ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ଖବର ପାଇଥିଲେ। ବତାଗଡ଼ ଗ୍ରାମ ଛକରେ ପୋଲିସ ନାକାବନ୍ଦୀ କରିବା ସହ ରାସ୍ତାରେ ଚଳାଚଳ କରୁଥିବା ସମସ୍ତ ବାଇକକୁ ଅଟକାଇ ଖାନ ତଲାସ କରିଥିଲେ। ମୋହନାରୁ ବ୍ରହ୍ମପୁର ଅଭିମୁଖେ ଆସୁଥିବା ୨ଟି ବାଇକକୁ ଅଟକାଇ ଖାନ ତଲାସ କରିବାରୁ ୩ ଟି ଏୟାର ବ୍ୟାଗରେ ଗଞ୍ଜେଇ ଥିବା ଜଣାପଡିଥିଲା। ପୋଲିସ ଉଭୟ ବାଇକ ଓ ଗଞ୍ଜେଇ ଭର୍ତ୍ତି ୩ଟି ବ୍ୟାଗକୁ ଜବତ କରିବା ସହ ଅଭିଯୁକ୍ତ ୩ ନାବାଳକଙ୍କୁ ଥାନାକୁ ନେଇ ପଚରାଉଚୁରା କରିବା ପରେ ସେମାନେ ଗଞ୍ଜେଇ ବିକ୍ରି କରିବା ଉଦ୍ଦେଶ୍ୟରେ ଚୋରା ଚାଲାଣ କରୁଥିବା ପୋଲିସ ନିକଟରେ ସ୍ୱୀକାର କରିଥିଲେ।

# ରମ୍ଭାରେ କେନ୍ଦ୍ରୀୟ ବିଦ୍ୟାଳୟ ପାଇଁ ଦାବିପତ୍ର


ଭାଜପା ରାଜ୍ୟ ସଭାପତିଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ରମ୍ଭା,୧୫ା୯(ବନବାସୀ ସେଠୀ)
ବ୍ରହ୍ମପୁରଠାରେ ଅନୁଷ୍ଠିତ ଭାଜପାର ଜିଲା କାର୍ଯ୍ୟକାରିଣୀ ବୈଠକରେ ଗଞ୍ଜାମ ଜିଲା ସମ୍ପାଦକ ଭୀମସେନ ବେହେରା ରାଜ୍ୟ ସଭାପତି ମନମୋହନ ସାମଲଙ୍କୁ ଭେଟି ରମ୍ଭାଠାରେ କେନ୍ଦ୍ରୀୟ ବିଦ୍ୟାଳୟ ପାଇଁ ଆସିଥିବା ପତ୍ର ସମ୍ପର୍କରେ ଆଲୋଚନା କରିଥିଲେ। କେନ୍ଦ୍ରୀୟ ବିଦ୍ୟାଳୟ ତୁରନ୍ତ କାର୍ଯ୍ୟକ୍ଷମ କରାଯାଉ ବୋଲି ଦାବିପତ୍ର ପ୍ରଦାନ କରିଥିଲେ। ଏହା ସହ ରମ୍ଭାଠରେ ଆଗରୁ ରହୁଥିବା ପୁରୀ ତିରୁପତି ଏକ୍ସପ୍ରେସ ପୁନର୍ବାର ରହଣୀ, ପୁରୀ-ଅହମଦାବାଦ, ପ୍ରଶାନ୍ତି ଏକ୍ସପ୍ରେସ ଟ୍ରେନ ରହିବା ଓ ଫିସ୍କୋଫେଡ ନୂଆଦିଲ୍ଲୀ ଆନୁକୁଲ୍ୟରେ ମତ୍ସ୍ୟଜୀବୀଙ୍କୁ ସ୍ୱତନ୍ତ୍ର ସରକାରୀ ସହାୟତା ସହ ଟ୍ରେନିଂ ପ୍ରୋଗ୍ରାମ ଗୁଡିକ ତ୍ୱରାନ୍ୱିତ କରିବା ପାଇଁ ମଧ୍ୟ ଦାବି ଉପସ୍ଥାପନା କରଯାଇଥିଲା। ଜିଲା ସଭାପତି ବିଭୂତି ଭୂଷଣ ଜେନା, ରାଜ୍ୟ ଭାଜପା ନେତା ଶାରଦା ପ୍ରସାଦ ଶତପଥୀ, ବିରଞ୍ଚି ନାରାୟଣ ତ୍ରିପାଠୀ, ସରୋଜ କୁମାର ସାବତ, ଜିଲା ନେତୃମଣ୍ଡଳୀ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ରହିଥିଲେ।

## ମନ୍ଦିରରୁ ଅଳଙ୍କାର ଚୋରି

ଗୋପାଳପୁର,୧୫ା୯(ନବୀନ ରାଜ ଆଚାରୀ):
ଗଞ୍ଜାମ ଜିଲା ଗୋଳନ୍ଥରା ଥାନା ଅଧିନସ୍ଥ କୁଠାରଶିଙ୍ଗି ଗ୍ରାମ ନିକଟରେ ଥିବା ନୃସିଂହ ମନ୍ଦିର ଗ୍ରୀଲ ଭାଙ୍ଗି ଗୁରୁବାର ରାତିରେ ଦାନବାକ୍ସରେ ଥିବା ଲକ୍ଷାଧିକ ଟଙ୍କା ସହ ଅଳଙ୍କାର ଚୋରି ହୋଇଥିବା ନେଇ ମନ୍ଦିର କମିଟି ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି। ମନ୍ଦିର ପୂଜକ ଶୁକ୍ରବାର ସକାଳେ ମନ୍ଦିରକୁ ଆସି ଗ୍ରିଲର ତାଲା ଭାଙ୍ଗି ତଳେ ପଡ଼ିଥିବା ଏବଂ ଭିତରେ ଦାନ ବକ୍ସ ଭଙ୍ଗା ଯାଇ ଚୋରି ହୋଇଥିବା ଦେଖିବାକୁ ପାଇଥିଲେ। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ଶିକ୍ଷକଙ୍କ ଦାବିକୁ କଂଗ୍ରେସର ସମର୍ଥନ

ଭଞ୍ଜନଗର,୧୫ା୯(ବାବୁଲା ପ୍ରଧାନ):
ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଭଞ୍ଜନଗର ଓ ଜଗନ୍ନାଥପ୍ରସାଦଠାରେ ଆହୁତ ଗଣଧାରଣା ସ୍ଥଳରେ ଅଖିଳ ଭାରତ କଂଗ୍ରେସ କମିଟି ସଭ୍ୟ ବିସ୍ମୟ ମହାପାତ୍ର ଶୁକ୍ରବାର ପହଞ୍ଚି ସମର୍ଥନ ଜଣାଇଛନ୍ତି। ଶିକ୍ଷକଙ୍କର ଦାବି ସମ୍ପୂର୍ଣ୍ଣ ଯୁକ୍ତିଯୁକ୍ତ ବୋଲି କହିଛନ୍ତି। ଏହି ସମୟରେ ଜବାହାରଲାଲ ସାହୁ, ଭଞ୍ଜନଗର ନିର୍ବାଚନ ମଣ୍ଡଳୀର ଯୁବ ସଭାପତି ସନ୍ତୋଷ କୁମାର ପ୍ରଧାନ ଓ ଛାତ୍ର କଂଗ୍ରେସ ସଭାପତି ବିନାୟକ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

## ହିନ୍ଦୀ ଦିବସ ପାଳିତ


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ଆର.ଉଦୟଗିରି,୧୫ା୯(ମନୋଜ ପାଢ଼ୀ)

କେ. ଏମ. ଭାଲିଆସାହି ସରକାରୀ ଉଚ୍ଚ ବିଦ୍ୟାଳୟରେ ଗୁରୁବାର ହିନ୍ଦୀ ଦିବସ ପାଳିତ ହୋଇଯାଇଛି। ଏଥିଲାଗି ହିନ୍ଦୀ ଶିକ୍ଷୟିତ୍ରୀ ରବିନା ଦାସଙ୍କ ତତ୍ତ୍ୱାବଧାନ ଏବଂ ସଂସ୍କୃତ ଶିକ୍ଷକ ପ୍ରହ୍ଲାଦ ଶିଅଳଙ୍କ ସଭାପତିତ୍ୱରେ ଏକ ସଭା ଆୟୋଜନ କରାଯାଇଥିଲା। କାର୍ତ୍ତିକ ଗମାଙ୍ଗ ଉଚ୍ଚ ବିଦ୍ୟାଳୟ, ମହେନ୍ଦ୍ରଗଡ଼ର ହିନ୍ଦୀ ଶିକ୍ଷକ ସୁବାସ ଚନ୍ଦ୍ର ସାହୁ ଏବଂ ଛେଳିଗଡ଼ ସରକାରୀ ଉଚ୍ଚ ବିଦ୍ୟାଳୟର ହିନ୍ଦୀ ଶିକ୍ଷକ ବଦ୍ରିନାଥ ଦାସ ମୁଖ୍ୟ ଅତିଥିରୂପେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନେ ଭାଷଣ ଓ ସଂଗୀତ ମାଧ୍ୟମରେ ହିନ୍ଦୀ ଭାଷା ପ୍ରତି ଥିବା ସେମାନଙ୍କ ଆଗ୍ରହ ପରିପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ରମାନଙ୍କୁ ବିଦ୍ୟାଳୟ ତରଫରୁ ପୁରସ୍କୃତ କରାଯାଇଥିଲା।

# କିଲୁପଡ଼ା ପ୍ରାଥମିକ ବିଦ୍ୟାଳୟ କୋଠା ନିର୍ମାଣ ନିର୍ଦ୍ଦେଶ

ବାଲିଗୁଡା,୧୫ା୯(ସଞ୍ଜୟ କୁମାର ପାଣିଗ୍ରାହୀ)

ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ବାଲିଗୁଡା ବ୍ଲକ ସିନ୍ଦ୍ରିଗାଁ ପଞ୍ଚାୟତର କିଲୁପଡା ପ୍ରାଥମିକ ବିଦ୍ୟାଳୟ କୋଠା ଗତ ବୁଧବାର ଭୁଶୁଡି ପଡିଥିଲା। ସେ ସମୟରେ ବିଦ୍ୟାଳୟ ବନ୍ଦ ଥିବାରୁ ଛାତ୍ରୀଛାତ୍ର ଓ ଶିକ୍ଷକ କାହାର କିଛି କ୍ଷୟକ୍ଷତି ହୋଇନି। ଏହି ଖବର ପାଇବା ପରେ ଜିଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ନିର୍ଦ୍ଦେଶପାଇ ବାଲିଗୁଡା ବିଡିଓ ଶଶାଙ୍କ ଶେଖର ପାତ୍ର ବିଦ୍ୟାଳୟ ସ୍ଥିତି ଅନୁଧ୍ୟାନ କରିଥିଲେ। ପରେ ସେ ଜିଲାପାଳଙ୍କ ସହିତ ଆଲୋଚନା କରିଛନ୍ତି। ବିଦ୍ୟାଳୟ କାମ ଆରମ୍ଭ କରିବାକୁ ୨୦ ଲକ୍ଷ ଟଙ୍କା ମଞ୍ଜୁରୀ ସହିତ କାମ ଶୀଘ୍ର ସାରିବାକୁ ଜିଲାପାଳ କହିଥିବା ବିଡିଓ ସୂଚନା ଦେଇଛନ୍ତି। ବର୍ତ୍ତମାନ ବିଦ୍ୟାଳୟ ପରିସରରେ ଥିବା ଅନ୍ୟ ପ୍ରକୋଷ୍ଠରେ ପିଲାମାନେ ଜରିପାଲ ପକାଇ ପାଠ ପଢିବେ। ଶୁକ୍ରବାର ବିଡିଓଙ୍କ ପରିଦର୍ଶନ ସମୟରେ ସହକାରୀ ଯନ୍ତ୍ରୀ କେଦାର ଚୌଧୁରୀ, କନିଷ୍ଠ ଯନ୍ତ୍ରୀ ଓ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଶାନ୍ତ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### ଅଘଟଣ ପରେ ପ୍ରଶାସନ ତତ୍ପର


ଅଧିକାରୀମାନେ ବିଦ୍ୟାଳୟ ସ୍ଥିତି ଅନୁଧ୍ୟାନ କରୁଛନ୍ତି।

# ବରିଷ୍ଠ ନାଗରିକ ମଞ୍ଚର ଆଲୋଚନା ସଭା

ବ୍ରହ୍ମପୁର,୧୫ା୯(ସ୍ମୃତି ରଞ୍ଜନ ମହାଲିକ)

ଗଞ୍ଜାମ ଜିଲା ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଶୁକ୍ରବାର ଗୋସାଣୀ ନୂଆଗାଁ ସ୍ଥିତ ଗୋକୁଳଧାମ ସମ୍ମିଳନୀ କକ୍ଷରେ ମାସିକ ଆଲୋଚନା ସଭା ଅନୁଷ୍ଠିତ ହୋଇଯାଇଛି। ମଞ୍ଚର ସଭାପତି ରାଧାଚରଣ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାକୁ ଅତିଥି ରୂପେ ମଞ୍ଚର ଉପଦେଷ୍ଟା ସ୍ୱର୍ଣ୍ଣପ୍ରଭା ମିଶ୍ର, ବିଶିଷ୍ଟ ସମାଜିକ କର୍ମୀ ସରସ୍ୱତୀ ପାତ୍ର, ଉପସଭାପତି ଡା ପ୍ରାଣଚାନ୍ଦ ପଣ୍ଡା, ସାଧାରଣ ସଂପାଦକ ଦୀନବନ୍ଧୁ ଶ୍ରୀପଲବ ଯୋଗ ଦେଇ ଉଦଘାଟନ କରିଥିଲେ। ବର୍ତ୍ତମାନ ସମାଜରେ ଉଚ୍ଚ ଶିକ୍ଷିତ ବର୍ଗ ଓ ଉଚ୍ଚ ଆୟକାରୀ ବ୍ୟକ୍ତିମାନେ ନିଜ ବୟସ୍କ ମାତା ପିତାଙ୍କୁ ବୃଦ୍ଧାଶ୍ରମରେ ନେଇ ଛାଡି ଦେଉଛନ୍ତି। ଏହା ଅତ୍ୟନ୍ତ ଉଦବେଗର ବିଷୟ ବୋଲି ସଭାରେ ମତ ପ୍ରକାଶ ପାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ମଞ୍ଚର ସଂଗଠନ ସଂପାଦକ ଚିତ୍ତରଞ୍ଜନ ପଣ୍ଡା, ସଂପାଦକ ରଜନୀକାନ୍ତ ମଣ୍ଡଳଙ୍କ ସମେତ ହାଡିବନ୍ଧୁ ମାଳି, ଭିକାରୀ ଚରଣ ମହାପାତ୍ର, ଗୋପାଳ କୃଷ୍ଣ ପାଢ଼ି, ଇ ଦିଲେଶ୍ୱ ରେଡି ଓ ଇଂ ଆଶୁତୋଷ ପାତ୍ର ଏବଂ ବହୁ ସଦସ୍ୟ ଉପସ୍ଥିତ ଥିଲେ।

# ଇପିଏଫ୍ ପେନ୍‌ସନର୍ସ ସଂଘର ଧାରଣା



ଧାରଣାରତ ସଂଘର କର୍ମକର୍ତ୍ତା ବୃନ୍ଦ।

ବ୍ରହ୍ମପୁର,୧୪ା୯(ସ୍ମୃତି ରଞ୍ଜନ ମହାଲିକ)
ଅଲ ଓଡିଶା ଇପିଏଫ ପେନସନର୍ସ ଆସୋସିଏଶନ ଗଞ୍ଜାମ ଜିଲା ଶାଖା ପକ୍ଷରୁ ଶୁକ୍ରବାର ବିଭିନ୍ନ ଦାବି ନେଇ ବ୍ରହ୍ମପୁରସ୍ଥିତ ଇପିଏଫ କମିଶନରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଧାରଣା ଦିଆଯିବା ସହ ପ୍ରତିବାଦ ସଭା କରାଯାଇଛି। ସଂଘ ସାଧାରଣ ସଂପାଦକ ପ୍ରଶାନ୍ତ କୁମାର ଶତପଥୀଙ୍କ ନେତୃତ୍ୱରେ ଅନୁଷ୍ଠିତ ସଭାରେ ସଭାପତି ରମେଶ ଚନ୍ଦ୍ର ସାହୁ ଇପିଏଫ ପେନସନଧାରୀଙ୍କ ଆଭ୍ୟନ୍ତରୀଣ ଦୁରାବସ୍ଥା ସଂପର୍କରେ ସୂଚନା ଦେଇଥିଲେ। ସେହିପରି ସର୍ବନିମ୍ନ ମାସିକ ପେନସନ ୯ ହଜାର ଟଙ୍କା, ଅତିରିକ୍ତ ମହଙ୍ଗା ଭତ୍ତା, ବିଜୁ କଲ୍ୟାଣ ଯୋଜନାରେ ସାମିଲ ପାଇଁ ଦାବି ରହିଛି। ଦାବି ପୂରଣ ପାଇଁ ବହୁବାର ଆନ୍ଦୋଳନ କରାଯାଉଥିଲେ ସୁଦ୍ଧା ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର କର୍ଣ୍ଣପାତ କରୁ ନ ଥିବାରୁ ସଂଘ କ୍ଷୋଭ ପ୍ରକାଶ କରିଛି। ଆଗକୁ କୌଣସି ପଦକ୍ଷେପ ଗ୍ରହଣ କରାନ ଗଲେ ରାଜ ରାସ୍ତାରେ ଆନ୍ଦୋଳନ କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ବରିଷ୍ଠ ନାଗରିକ ମଞ୍ଚ ସଭାପତି ତ୍ରିନାଥ ମହାରଣା, ସିଆଇଟିୟୁ ଶ୍ରମିକ ନେତା ଯୁଧିଷ୍ଠର ବେହେରା, ପ୍ରତାପ ଚୌଧୁରୀଙ୍କ ସମେତ ବିପ୍ରଚରଣ ଜେନା, ଗଜପତି ମହାନ୍ତି ଓ ସୀମାଚଂଳ ମହାନ୍ତିଙ୍କ ସମେତ ସଂଘର ବହୁ ସଦସ୍ୟ ଧାରଣା ଦେଇ ଥିଲେ।

# ଆର୍ଯ୍ୟପଲ୍ଲୀବାସୀଙ୍କୁ ପଟ୍ଟା ପ୍ରଦାନ ଦାବି

ଛତ୍ରପୁର,୧୫ା୯(ସନ୍ତୋଷ ପାଢୀ)

ଛତ୍ରପୁର ତହସିଲ ଅଧୀନ ଆର୍ଯ୍ୟପଲ୍ଲୀ ରାଜସ୍ୱ ଗ୍ରାମର ଲୋକେ ପଟ୍ଟା ଦାବିରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚଳାଇଥିବା ଆମରଣ ଅନଶନ ଶୁକ୍ରବାର ୫ ଦିନରେ ପହଞ୍ଚିଛି । ଅନଶନକାରୀଙ୍କ ମଧ୍ୟରୁ ୨ ଜଣ ଅସୁସ୍ଥ ହେଲେଣି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଅନଶନ ଚାଲିବ ବୋଲି କୁହାଯାଇଛି । ଏପରିକି ନ୍ୟାୟ ପାଇଁ ହାଇକୋର୍ଟର ଆଶ୍ରୟ ନେବେ ବୋଲି ଗଣମାଧ୍ୟମକୁ କହିଛନ୍ତି। ଭାରତୀୟ ବିକାଶ ପରିଷଦ ଓ ଆର୍ଯ୍ୟପଲ୍ଲୀ ପଞ୍ଚାୟତର ଲୋକେ ଅନଶନରେ ସାମିଲ ହୋଇଛନ୍ତି। ୧୯୭୫ରୁ ଆର୍ଯ୍ୟପଲ୍ଲୀ ପଞ୍ଚାୟତର ସାନ ଆର୍ଯ୍ୟପଲ୍ଲୀ, ବଡ ଆର୍ଯ୍ୟପଲ୍ଲୀ, କେ.ଆର୍ଯ୍ୟପଲ୍ଲୀ ଓ କତୁରୁ ଗାଁର ୧୮୦୦ ପରିବାରର ପଟ୍ଟା ଜିଲା ପ୍ରଶାସନ ଏଯାବତ ଦେଇନାହିଁ। ପଟ୍ଟା ଦାବିରେ ଭାରତୀୟ ବିକାଶ ପରିଷଦ ପକ୍ଷରୁ ୨୦୨୨ ଫେବ୍ରୁୟାରୀ ୧୫, ମେ ୨୫ , ଜୁନ୍ ୧୭ ଓ ୨୦୨୩ ଫେବୃୟାରୀ ୬ ତାରିଖରେ ତହସିଲଦାର ଓ ଜିଲାପାଳଙ୍କ କାର୍ଯ୍ୟାଳୟଙ୍କ ସମ୍ମୁଖରେ ଆନ୍ଦୋଳନ କରାଯାଇଥିଲା । ଏହାସତ୍ତ୍ୱେ ମଧ୍ୟ ସୁଫଳ ନ ମିଳିବାରୁ ଗତ ୧୧ ତାରିଖରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଆମରଣ ଅନଶନ ଆରମ୍ଭ ହୋଇଛି।

### ପଞ୍ଚମ ଦିନରେ ଆମରଣ ଅନଶନ



ଆମରଣ ଅନଶନ ଚଳାଇଥିବା ଲୋକେ

